# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୭/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, October 27/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 330 | ମୂଲ୍ୟ ₹୭/-









ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ରବିବାର ପୁରୀ ଉପକୂଳରେ ଲାଇଫ୍ ଗାର୍ଡମାନେ ସମୁଦ୍ର ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକଙ୍କୁ ସତର୍କ କରାଉଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଆଦୌ ପିଲା ନ ଥିବା ୮ ହଜାର ସ୍କୁଲରେ ୨୦,୮୧୭ ଶିକ୍ଷକ

**ଦେଶର ପ୍ରାୟ ୮,୦୦୦ ସ୍କୁଲରେ ଜଣେ ହେଲେ ପିଲା ପାଠ ପଢୁନାହାନ୍ତି। କିନ୍ତୁ ସେହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଆଦୌ ପିଲା ନ ଥିବା ସର୍ବାଧିକ ସ୍କୁଲ ପଶ୍ଚିମବଙ୍ଗରେ ଥିବାବେଳେ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ତେଲଙ୍ଗାନା ରହିଛି।**

**ନୂଆଦିଲ୍ଲୀ,୨୬।୧୦(ପି.ଟି.)**

୨୦୨୪-୨୫ ଶିକ୍ଷାବର୍ଷରେ ଭାରତର ବିଭିନ୍ନ ଭାଗରେ ଥିବା ୮,୦୦୦ ସ୍କୁଲରେ ଜଣେ ହେଲେ ଛାତ୍ରୀଛାତ୍ର ପାଠ ପଢୁ ନ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିସଂଖ୍ୟାନ ତଥ୍ୟରୁ ଜଣାପଡ଼ିଛି। ତେବେ ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଉକ୍ତ ସ୍କୁଲଗୁଡ଼ିକରେ ମୋଟ ୨୦,୮୧୭ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି, ଯେଉଁମାନେ କି ବିନା ଶିକ୍ଷାଦାନରେ ପ୍ରତିମାସରେ ସରକାରଙ୍କଠାରୁ ଦରମା ପାଉଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୭,୯୬୫ ଶିକ୍ଷକ କେବଳ ପଶ୍ଚିମବଙ୍ଗର ହୋଇଥିବାବେଳେ ନିଯୁକ୍ତ ହୋଇଥିବା ସ୍କୁଲ ସଂଖ୍ୟା ୩,୮୧୨। ଶିକ୍ଷା ମନ୍ତ୍ରଣାଳୟର ତଥ୍ୟ ଦେଶର ଏଭଳି ସ୍କୁଲ ସଂଖ୍ୟା ୭,୯୯୩ ବୋଲି ଦର୍ଶାଉଛି। ଏହାର ପୂର୍ବ ଶିକ୍ଷାବର୍ଷରେ ୫,୦୦୦ରୁ ଅଧିକ ସ୍କୁଲରେ ୧୨,୯୫୪ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଥିଲେ। ଅନ୍ୟପକ୍ଷେ ହରିୟାଣା, ମହାରାଷ୍ଟ୍ର, ଗୋଆ, ଆସାମ, ଛତିଶଗଡ଼, ନାଗାଲାଣ୍ଡ, ସିକିମ୍ ଓ ତ୍ରିପୁରାରେ ଆଦୌ ପିଲା ନ ଥିବା ଗୋଟିଏ ମଧ୍ୟ ବିଦ୍ୟାଳୟ ନାହିଁ। କେନ୍ଦ୍ରଶାସିତ ଅଞ୍ଚଳ କଥା ଦେଖିଲେ ଦିଲ୍ଲୀ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗର ହାଭେଲି, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଡାମନ ଓ ଡିଉ ଏବଂ ଚଣ୍ଡିଗଡ଼ରେ ମଧ୍ୟ ଶୂନ ପିଲାଙ୍କୁ ନେଇ ଗୋଟିଏ ହେଲେ ସ୍କୁଲ ଚାଲିନାହିଁ।

ବିନା ପିଲାରେ ସ୍କୁଲ ଚାଲିଥିବା ରାଜ୍ୟ ମଧ୍ୟରେ ତେଲଙ୍ଗାନା ଦ୍ୱିତୀୟରେ ରହିଛି। ତେଲଙ୍ଗାନାରେ ଏପରି ୨,୨୪୫ ସ୍କୁଲ ଥିବାବେଳେ ଶିକ୍ଷକଙ୍କ ସଂଖ୍ୟା ହେଉଛି ୧,୦୧୬। ସେହିପରି ମଧ୍ୟପ୍ରଦେଶରେ ଏପରି ୪୬୩ଟି ବିଦ୍ୟାଳୟ ରହିଛି, ଯେଉଁଠି ୨୨୩ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଉତ୍ତର ପ୍ରଦେଶରେ ମଧ୍ୟ ୮୧ଟି ଏଭଳି ସ୍କୁଲ ରହିଛି। ଉତ୍ତର ପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦ (ୟୁପି ବୋର୍ଡ) କ୍ରମାଗତ ୩ ଶିକ୍ଷାବର୍ଷରେ ଆଦୌ ପିଲା ନାମ ଲେଖାଇ ନ ଥିବା ସ୍କୁଲଗୁଡ଼ିକର ଅନୁମୋଦନ ପ୍ରତ୍ୟାହାର କରିବାକୁ ଘୋଷଣା କରିଛି।

ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍କୁଲ ଶିକ୍ଷା ହେଉଛି ରାଜ୍ୟର ବିଷୟ। ରାଜ୍ୟଗୁଡ଼ିକୁ ଜିରୋ ଏନ୍‌ରୋଲ୍‌ମେଣ୍ଟ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦିଆଯାଇଛି। କେତେକ ରାଜ୍ୟ ନିଜ ଭିତ୍ତିଭୂମି ଓ କର୍ମଚାରୀ ଭଳି ସମ୍ବଳର ଉପଯୁକ୍ତ ଉପଯୋଗ ☞ପୃଷ୍ଠା-୪

# ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

**ଏସିଆନ ୟୁଥ୍ ଗେମ୍ସ**



**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ପ୍ରୀତିସ୍ମିତା ରବିବାର ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ଏହି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ଏକ ଏସୀୟ ଓ ବିଶ୍ୱ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ☞ପୃଷ୍ଠା-୪

# ବାତ୍ୟା ପାଇଁ ଛୁଟି ବାତିଲ

**ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ୨୮ ତାରିଖରେ ଆନ୍ଧ୍ରପ୍ରଦେଶ ଉପକୂଳରେ ଲ୍ୟାଣ୍ଡ ଫଲ୍ କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲେ ମଧ୍ୟ ଓଡ଼ିଶାରେ ୩ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାଜନିତ ବର୍ଷା ଓ ପବନ ଯୋଗୁ ଓଡ଼ିଶାରେ କ୍ଷୟକ୍ଷତିର ଆଶଙ୍କା ଥିବାରୁ ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୈଠକ ଡାକି ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ସମସ୍ତ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବାବେଳେ ଅଧିକ ପ୍ରଭାବିତ ହେବାକୁ ଥିବା ୮ ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରକୁ ରେଡ୍ ଜୋନ୍‌ରେ ରଖାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଥିବାବେଳେ ଲୋକଙ୍କୁ ସ୍ଥାନାନ୍ତର ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ କୁହାଯାଇଛି। ତୁରନ୍ତ ଉଦ୍ଧାର କାର୍ଯ୍ୟ, ରାସ୍ତା ସଫା, ଜଳନିଷ୍କାସନକୁ ଗୁରୁତ୍ୱ ଦିଆଯାଇଛି। ଭୂସ୍ଖଳନ ସମ୍ଭାବିତ ଅଞ୍ଚଳ ପାଇଁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି।**

- **ରେଡ୍ ଜୋନ୍‌ରେ ୮ ଜିଲା**
- **୨୮,୨୯ରେ ସାରା ଓଡ଼ିଶାରେ ବର୍ଷା**

**ଭୁବନେଶ୍ୱର, ୨୬।୧୦ (ବନ୍ଦନା ସେଠୀ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ରବିବାର ଗଭୀର ଅବପାତରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହା ଗୋପାଳପୁରଠାରୁ ୯୩୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ରହି ବଳ ଗୋଟାଉଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ୬ କି.ମି. ବେଗରେ ଗତି କରୁଥିବାବେଳେ ସୋମବାର ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟା 'ମୋନ୍ଥା'ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଉତ୍ତର-ପଶ୍ଚିମ ଦିଗରେ ଗତିକରି ୨୮ ତାରିଖ ସକାଳ ସୁଦ୍ଧା ଭୟଙ୍କର ବାତ୍ୟା କିମ୍ବା ସିରିୟସ୍ ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ। ପରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବା ସହ ମଙ୍ଗଳବାର ସନ୍ଧ୍ୟା କିମ୍ବା ରାତିରେ ଆନ୍ଧ୍ରପ୍ରଦେଶର କାକିନାଡା ପାଖାପାଖି ମଛଲିପଟ୍ଟନମ୍ ଏବଂ କଳିଙ୍ଗପଟ୍ଟନମ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ପବନ ବେଗ ୯୦ରୁ ୧୦୦ କି.ମି. ରହିବ ଏବଂ ଝଟ୍‌କା ପବନର ଗତି ୧୧୦ କି.ମି. ପର୍ଯ୍ୟନ୍ତ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି।

ବାତ୍ୟା ଆନ୍ଧ୍ର ଉପକୂଳରେ ମାଡ଼ ହେବାର ସମ୍ଭାବନା ଥିବାରୁ ଓଡ଼ିଶାରେ ଏହାର ପ୍ରଭାବ କମ୍ ରହିବ। ମାତ୍ର ରାଜ୍ୟରେ ୩ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିବା ପରେ ଏହାକୁ ନେଇ ରାଜ୍ୟବାସୀ ବିଶେଷକରି ଚାଷୀକୂଳଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ୨୭, ୨୮ ଓ ୨୯ ତାରିଖରେ ରାଜ୍ୟରେ ପ୍ରବଳ ☞ପୃଷ୍ଠା-୪

# ସ୍କୁଲ ଯିବାବେଳେ ଛାତ୍ରୀଙ୍କୁ ବଳାତ୍କାର

**ଜମନକିରା, ୨୬।୧୦ (ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ସ୍କୁଲ ଯାଉଥିବାବେଳେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି।

**ଅଭିଯୁକ୍ତ ଗିରଫ**

ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରାଧାକୃଷ୍ଣପଡ଼ାର ମହମ୍ମଦ ଅମିର କୁରେଶି(୩୧)ଙ୍କୁ ଗିରଫ କରିଛି। ଏନେଇ ଜମନକିରା ଥାନାରେ ବିଏନ୍‌ଏସ୍ ଦଫା ୬୪(୨)(ଆଇ) ୬୫(୧), ଏବଂ ପୋକ୍‌ସୋ ଆଇନର ଦଫା ୬ରେ ଗିରଫ କରି ସମ୍ବଲପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୪






# କାହା ସପକ୍ଷରେ ବିରୋଧୀ

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡା,୨୬।୧୦ (ପୀତାମ୍ବର ସାହୁ)**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମାଲମାଳ ନେତାଙ୍କୁ ନିର୍ବାଚନମଣ୍ଡଳୀର ଭୋଟ ହାତେଇବା ଲାଗି ଦାୟିତ୍ୱ ଦେଇଛି। ୨୦୨୪ ନିର୍ବାଚନରେ ବିଜେଡି ହାତରେ ଥିବା ଏହି ଆସନ କାହା ପାଖକୁ ଯିବ ସେକଥା ଫଳାଫଳ ବାହାରିବା ପୂର୍ବରୁ ଆକଳନ କରିବା କଷ୍ଟକର ବ୍ୟାପାର। ହେଲେ କେଉଁ ଦଳ କେମିତି ଲଢୁଛି, ତାକୁ ଦେଖିଲେ ଅନେକ କିଛି ଆକଳନ କରାଯାଇପାରିବ। ଏହାକୁ ଭିତ୍ତିକରି ରାଜନୈତିକ ବିଶ୍ଳେଷକମାନେ ଚର୍ଚ୍ଚା ଚଳାଇଛନ୍ତି। ଭାଜପା ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ବିଜେଡି ଛାଡିବା ପରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳର ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ହୋଇଥିଲା। ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୪ଟି ଆସନର ଗଣିତରେ ଶାସକ ଭାଜପାକୁ ସମର୍ଥନ ଦେବାଲାଗି ବିଜେଡି ଚାହୁଁଥିବା ବିଷୟ ଜୟ ଦଳ ପରିବର୍ତ୍ତନ କରିବା ପରେ ଆଲୋଚନା ହେଲା। ବର୍ତ୍ତମାନ ସମୟରେ ବିଜେଡି ଏବଂ କଂଗ୍ରେସର ଉପନିର୍ବାଚନ ଲଢ଼ିବା ଶୈଳୀକୁ ଦେଖିଲେ ଉଭୟ ଭାଜପାକୁ ଉକ୍ତ ଆସନ ଟେକିଦେବା ଭଳି ରାସ୍ତା ପ୍ରସ୍ତୁତ କରୁଥାଇପାରନ୍ତି ବୋଲି ଚାଲିଥିବା ଆଲୋଚନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଜେଡି ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୬ ନେତାଙ୍କୁ ଦାୟିତ୍ୱ ଦେଇସାରିଛି। ଏହାବାଦ୍ ଅନେକେ ୮୬ ନେତାଙ୍କ ସହିତ କର୍ମୀ ଭାବେ କାମକରୁଛନ୍ତି। ସେହିପରି କଂଗ୍ରେସର ଅନେକ ନେତା ଏଠାରେ ପ୍ରଚାର କାମରେ ଲାଗିଥିଲେ ମଧ୍ୟ ବହୁଜଣଙ୍କୁ ଲୋଡ଼ା ନ ଯିବା ଭବିଷ୍ୟତରେ ଭାଜପାକୁ ସୁହାଇବାର ପଥ ପ୍ରସ୍ତୁତି ବୋଲି ତାଙ୍କରି ଭିତରେ ଚର୍ଚ୍ଚା ଚାଲିଛି।



ନବୀନ ପଟ୍ଟନାୟକ



ଭକ୍ତଚରଣ ଦାସ

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ଏବଂ ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ନୂଆପଡ଼ା ଉପନିର୍ବାଚନର ମଙ୍ଗ ଧରିଥିବା ନେଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବେପରୁଆ ଚାଳକ**

**ଆଜିର ମନ୍ତବ୍ୟ**

" ୨୦୦୫ ନଭେମ୍ବରେ ଜେଡିୟୁ କ୍ଷମତାକୁ ଆସିବା ପୂର୍ବରୁ ବିହାରବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଆଜି ସେମାନେ ରାଜ୍ୟରେ ଚାଲିଥିବା ସୁଶାସନ ଓ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ବିହାରୀ ବୋଲି ଗର୍ବିତ।

**-ନୀତିଶ କୁମାର, ମୁଖ୍ୟମନ୍ତ୍ରୀ, ବିହାର**





ଗାଜାରେ ହମାସ୍ କବଳରୁ ନିକଟରେ ମୁକ୍ତ ହୋଇଥିବା ଇସ୍ରାଏଲୀ ପଣବନ୍ଦୀ ଏଭ୍ୟାଟାର ଡାଭିଡ୍ ରବିବାର ହସ୍ପିଟାଲରୁ ଘରକୁ ଫେରିବା ପରେ ଲୋକେ ଉତ୍ସବ ମନାଉଛନ୍ତି।

# ଗାଜାରେ ପୁଣି ପଶିଲା ଇସ୍ରାଏଲ୍

**ଗାଜା ସିଟି/କାଇରୋ,୨୬।୧୦**

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲୀ ସେନା ପୁଣିଥରେ ଗାଜାରେ ପଶିଛି। ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ସଂଗଠନକୁ ଟାର୍ଗେଟ କରି ଗାଜା ଷ୍ଟ୍ରିପ୍‌ରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲୀ ସେନା (ଆଇଡିଏଫ୍) କହିଛି। ୨ ସପ୍ତାହ ହେଲା ଯୁଦ୍ଧବିରତି ସତ୍ତ୍ୱେ ବହୁ ପାଲେଷ୍ଟିନୀୟ ସେମାନଙ୍କ ଘରକୁ ଫେରିପାରି ନାହାନ୍ତି। ଆତଙ୍କବାଦୀ ଆକ୍ରମଣରୁ ନିଜକୁ ଓ ନିଜ ସେନାକୁ ସୁରକ୍ଷା ଦେବା ଅଧିକାର ଇସ୍ରାଏଲ୍‌ର ରହିଥିବା ଆଇଡିଏଫ୍ କହିଛି। ଆଇଡିଏଫ୍ ସୈନ୍ୟଙ୍କ ଉପରେ ଇସ୍‌ଲାମିକ୍ ଜିହାଦି ଆତଙ୍କବାଦୀ ଆକ୍ରମଣ ଯୋଜନା କରିଥିଲେ। ସେଥିପାଇଁ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ନୁସେଇରାତ୍ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଇସ୍ରାଏଲ୍ କହିଛି। ଏଥିରେ କେତେଜଣ ଆହତ ହୋଇଥିବା ଏଲ୍-ଅୱ୍ଦା ହସ୍ପିଟାଲ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ହମାସ୍ ଇତିମଧ୍ୟରେ ଗାଜା ଷ୍ଟ୍ରିପ୍‌ର ନୂଆ ଅଞ୍ଚଳଗୁଡ଼ିକରେ ପଣବନ୍ଦୀଙ୍କ ମୃତଦେହ ଖୋଜିବା ଆରମ୍ଭ କରିଛି। ଏଥିରେ ସହାୟତା କରିବାକୁ ଇଜିପ୍ଟ ଏକ ବିଶେଷଜ୍ଞ



**ଇସ୍‌ଲାମିକ୍ ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍**

ଟିମ୍ ସହ ଓଜନଦାର ଉପକରଣ ପଠାଇଛି। ଗତ ୧୦ ତାରିଖରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ, ହମାସ୍ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କୁ ଯଥାଶୀଘ୍ର ଫେରାଇଦେବା ଆଶା କରାଯାଉଛି। ପଣବନ୍ଦୀଙ୍କ ମୃତଦେହ ବଦଳରେ ଇସ୍ରାଏଲ୍ ମଧ୍ୟ ୧୫ ପାଲେଷ୍ଟିନୀୟଙ୍କ ମୃତଦେହ ଫେରାଇବାକୁ ରାଜି ହୋଇଛି। ଚୁକ୍ତି ଅନୁଯାୟୀ, ଇସ୍ରାଏଲ୍ ୧୯୫ ପାଲେଷ୍ଟିନୀୟଙ୍କ ମୃତଦେହ ଫେରାଇ ସାରିଥିବାବେଳେ ହମାସ୍ ମଧ୍ୟ ୧୮ ପଣବନ୍ଦୀଙ୍କ ମୃତଦେହ ଫେରାଇଥିଲା। ତେବେ ୫ ଦିନ ହେଲା ଏହି ପ୍ରକ୍ରିୟା ବନ୍ଦ ରହିଛି।

## ସଂକ୍ଷେପରେ

### ପ୍ୟାରିସ୍ ମ୍ୟୁଜିୟମ୍‌ରୁ ଅଳଙ୍କାର ଚୋରି ମାମଲାରେ ୨ ଗିରଫ

**ପ୍ୟାରିସ୍,୨୬।୧୦**

ବିଶ୍ୱର ସର୍ବାଧିକ ଲୋକପ୍ରିୟ ସଂଗ୍ରହାଳୟ ଭାବେ ପରିଚିତ ପ୍ୟାରିସ୍‌ର ଲୁଭ୍ର ମ୍ୟୁଜିୟମ୍‌ରୁ ରାଜମୁକୁଟ ଅଳଙ୍କାର ଚୋରି ଘଟଣା ସହ ସମ୍ପୃକ୍ତ ୨ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସଂଗ୍ରହାଳୟରୁ ବହୁ ମୂଲ୍ୟବାନ ଅଳଙ୍କାର ଚୋରି ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା। ପ୍ୟାରିସ୍-ଚାର୍ଲସ ଡି ଗୌଲେ ଏୟାରପୋର୍ଟରୁ ଶନିବାର ରାତି ୧୦ଟାରେ ଜଣକୁ ଗିରଫ କରାଯାଇଛି। ସେ ବିମାନରେ ବିଦେଶ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଛନ୍ତି। ଏହାର କିଛି ସମୟ ପରେ ପ୍ୟାରିସ୍ ଅଞ୍ଚଳରୁ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଚୋରମାନେ କ୍ରେନ୍ ସହାୟତାରେ ଉପର ମହଲା ଝରକା ଭାଙ୍ଗି ମ୍ୟୁଜିୟମ୍‌ରେ ପ୍ରବେଶ କରି ୮ଟି ମୂଲ୍ୟବାନ ଅଳଙ୍କାର ଚୋରାଇ ନେଇଥିଲେ, ଯାହାର ମୂଲ୍ୟ ୧୦୨ ନିୟୁତ ଡଲାର ହେବ ବୋଲି ଆକଳନ କରାଯାଇଛି। ବାଇକ୍ ଯୋଗେ ସେମାନେ ଖସି ପଳାଇଥିଲେ। ପ୍ୟାରିସ୍ ପୋଲିସର ସ୍ୱତନ୍ତ୍ର ଶାଖା ବିଆର୍‌ବି ଏହି ହାଇପ୍ରୋଫାଇଲ୍ ଡକାୟତି ଘଟଣାର ତଦନ୍ତ ଚଳାଇଛି।

### ଦଳିତ ଯୁବକଙ୍କୁ ପିଟି ହତ୍ୟା

**ଭିଣ୍ଡ୍,୨୬।୧୦**

ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲାରେ ଏକ ବିବାଦକୁ ନେଇ ଜଣେ ୩୫ ବର୍ଷୀୟ ଦଳିତ ଯୁବକଙ୍କୁ ପଡ଼ୋଶୀ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ମୃତକଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ଜଣେ ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଛନ୍ତି। ଏଥିସହିତ ଆକ୍ରମଣକାରୀଙ୍କ ଘରର ଏକ କାର୍ ଓ ବାଇକ୍‌କୁ ମଧ୍ୟ ପୋଡ଼ିଦିଆଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମୃତ ଯୁବକ ରୁଦ୍ରପ୍ରତାପ ସିଂ ଯାତଭଙ୍କର ଏକ ପଡ଼ୋଶୀ ପରିବାର ସହ ବିବାଦ ରହିଥିଲା। ଶନିବାର ସନ୍ଧ୍ୟାରେ ପଡ଼ୋଶୀ କୌରଭ ପରିବାରର ୫ ସଦସ୍ୟ ରୁଦ୍ରଙ୍କୁ ଲାଠିରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଜଣେ ବୟସ୍କ ବ୍ୟକ୍ତି ଆହତ ହୋଇଛନ୍ତି। ରୁଦ୍ରଙ୍କୁ ପ୍ରଥମେ ପାଖ ହସ୍ପିଟାଲରେ ଭର୍ତ୍ତି କରାଯାଇ ପରେ ଗ୍ୱାଲିଅର ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ରଣବୀର କୌରବ, ଅଶୁ କୌରବ, ପ୍ରହ୍ଲାଦ କୌରବ, ରାଜୀବ କୌରବ ଏବଂ କୁନୱାର ସିଂ କୌରବଙ୍କ ନାମରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ୧୬ ଜେଡିୟୁ ବିଦ୍ରୋହୀ ବହିଷ୍କୃତ

**ବିହାର ନିର୍ବାଚନ**

**ପାଟନା, ୨୬।୧୦(ପି.ଟି./ଏଜେନ୍ସି)**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ସଂଯୁକ୍ତ ଜନତା ଦଳ(ଜେଡିୟୁ)ରେ ବିଦ୍ରୋହର ସ୍ୱର ଉଠିଛି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜେଡିୟୁର ଜଣେ ବିଧାୟକ ଓ ୨ ପୂର୍ବତନ ମନ୍ତ୍ରୀଙ୍କ ସମେତ ୧୬ ବିଦ୍ରୋହୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ବହିଷ୍କୃତ ନେତାଙ୍କ ମଧ୍ୟରୁ ଅଧିକାଂଶ ଦଳୀୟ ନିର୍ଦ୍ଦେଶକୁ ଅବଜ୍ଞା କରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀମାନଙ୍କ ବିରୋଧରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତେଣୁ ଶନିବାର ରାତି ଓ ରବିବାର ଦୁଇଟି ପର୍ଯ୍ୟାୟରେ ବିଦ୍ରୋହୀ ନେତାଙ୍କ ନାମ ତାଲିକା ପ୍ରକାଶ କରି ସେମାନଙ୍କୁ ବାହାର ରାସ୍ତା ଦେଖାଇ ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟକଳାପ ଓ



ନୀତିଶ କୁମାର

ଆଦର୍ଶର ଉଲ୍ଲଂଘନ ଅଭିଯୋଗରେ ବିଦ୍ରୋହୀଙ୍କ ଉପରେ ଜେଡିୟୁ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଦା ହୋଇଥିବା ନେତାଙ୍କ ମଧ୍ୟରୁ ସବୁଠୁ ଚର୍ଚ୍ଚିତ ଚେହେରା ହେଉଛନ୍ତି ନରେନ୍ଦ୍ର ନିରଜ ଓରଫ ଗୋପାଳ ମଣ୍ଡଳ। ଭାଗଲପୁର ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀର ବିଧାୟକ ନରେନ୍ଦ୍ର ଅନେକ ସମୟରେ ଭୁଲ୍ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆନ୍ତି। ନରେନ୍ଦ୍ର ତାଙ୍କୁ ଦଳ ପକ୍ଷରୁ ୫ମ ଥର ପ୍ରାର୍ଥୀ କରାଯାଉ ନାହିଁ ବୋଲି ଜାଣିବା ପରେ ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସରକାରୀ ବାସଭବନ ଆଗରେ ଧାରଣା ଦେଇଥିଲେ। ଏହି ଆସନରେ ଜେଡିୟୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ରୁ ଆସିଥିବା ବୁଲୋ ମଣ୍ଡଳଙ୍କୁ ଟିକେଟ ଦେବା ପରେ ନରେନ୍ଦ୍ର ତାଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୀବ ଶ୍ୟାମ ସିଂଙ୍କୁ ମଧ୍ୟ ଜେଡିୟୁ ବିଦା କରିଛି। ସଞ୍ଜୀବ ଗୟା ଜିଲା ଗୁରୁଆ ଆସନରୁ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ହିମରାଜ ସିଂ କଟିହାର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ୁଛନ୍ତି। ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ(ଗୈହାଟ) ଓ ତାଙ୍କ ସମର୍ଥକ ପ୍ରଭାତ କିରନ ମଧ୍ୟ ଏଥର ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେମାନେ ବିଦ୍ରୋହୀ ସାଜିଲେ। ଏହା ପୂର୍ବରୁ ଜେଡିୟୁ ପୂର୍ବତନ ମନ୍ତ୍ରୀ ଶୈଳେଶ କୁମାର(ଜମାଲପୁର), ପୂର୍ବତନ ବିଧାୟକ ଶ୍ୟାମ ବାହାଦୁର ସିଂ, ପୂର୍ବତନ ଏମ୍‌ଏଲ୍‌ସି ସଞ୍ଜୟ ପ୍ରସାଦ ଓ ରଣବିଜୟ ସିଂଙ୍କ ବିରୋଧରେ ମଧ୍ୟ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ଡଷ୍ଟବିନ୍‌କୁ ଯିବ ୱାକ୍‌ଫ ଆଇନ: ତେଜସ୍ୱୀ

ବିହାରରେ ମହାମେଣ୍ଟ ସରକାର ଗଢ଼ିଲେ କେନ୍ଦ୍ରର ୱାକ୍‌ଫ (ସଂଶୋଧନ) ଆଇନକୁ ରଦ୍ଦ କରାଯିବ ବୋଲି ରବିବାର ବିରୋଧୀଙ୍କ ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ କହିଛନ୍ତି। ଆର୍‌ଜେଡି ନେତା ତେଜସ୍ୱୀ ମୁସଲିମ୍ ବହୁଳ ଜିଲା କଟିହାରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଇଣ୍ଡିଆ ବ୍ଲକ୍ ଜିତିଲେ ଗତ ଏପ୍ରିଲରେ ପାର୍ଲାମେଣ୍ଟରେ ପାରିତ ୱାକ୍‌ଫ ଆଇନକୁ ଡଷ୍ଟବିନ୍‌କୁ ଫୋପାଡ଼ି ଦିଆଯିବ। ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ କେବେହେଲେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଭଳି ସାମ୍ପ୍ରଦାୟିକ ଶକ୍ତି ସହ ସାଲିସ କରି ନ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ବିହାର ସମେତ ସାରା ଦେଶରେ ଘୃଣା ବିସ୍ତାର କରୁଛନ୍ତି। ଭାଜପା ଏକ 'ଭାରତ ଜାଳ ପାର୍ଟି'। ଏହି ଦଳ କ୍ଷମତାକୁ ଆସିଲେ ସାମ୍ପ୍ରଦାୟିକ ଏଜେଣ୍ଡାଗୁଡ଼ିକ ଆହୁରି ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରାଇବ ବୋଲି ସେ ସମାଲୋଚନା କରିଛନ୍ତି।

### ୫ ବର୍ଷ ପରେ ଚାଇନାକୁ ପ୍ରତ୍ୟକ୍ଷ ବିମାନ ଚଳାଚଳ ଆରମ୍ଭ


**କୋଲକାତା,୨୬।୧୦**

ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଭାରତ ଓ ଚାଇନା ମଧ୍ୟରେ ବିମାନ ଚଳାଚଳ ବନ୍ଦ ରହିବା ପରେ ରବିବାରଠାରୁ ପ୍ରତ୍ୟକ୍ଷ ବିମାନସେବା ଆରମ୍ଭ ହୋଇଛି। ଭାରତରେ ଥିବା ଚାଇନା ଦୂତାବାସ ମୁଖପାତ୍ର ୟୁ ଜିଙ୍ଗ୍ ଏହା ସ୍ପଷ୍ଟ କରିଛନ୍ତି। କୋଲକାତାରୁ ରବିବାର ଗୁଆଙ୍ଗଝୋଉକୁ ପ୍ରଥମ ବିମାନ ଉଡ଼ାଣ କରିଛି। ନଭେମ୍ବର ୯ରୁ ସାଙ୍ଘାଇ-ନୂଆଦିଲ୍ଲୀ ରୁଟ୍‌ରେ ସପ୍ତାହକୁ ୩ ଥର ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ ମହାମାରୀ ଯୋଗୁ ଚାଇନା ସହ ସିଧାସଳଖ ବିମାନ ଚଳାଚଳ ବନ୍ଦ ରହିଥିଲା। ଅକ୍ଟୋବର ୨୬ରୁ କୋଲକାତାରୁ ଗୁଆଙ୍ଗଝୋଉ ଦୈନିକ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ଗତ ୨ ତାରିଖରେ ଇଣ୍ଡିଗୋ ଏୟାରଲାଇନ୍ସ ଘୋଷଣା କରିଥିଲା।

## ୨୦୨୬ ହେବ ଆସିଆନ୍-ଇଣ୍ଡିଆ ସାମୁଦ୍ରିକ ସହଯୋଗର ବର୍ଷ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ/କୁଆଲାଲମ୍ପୁର,୨୬।୧୦**

ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ସମ୍ପ୍ରତି ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ମୂଳଦୁଆ ଭାବେ ଉଭା ହେଉଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ-ଆସିଆନ୍(ଆସୋସିଏଶନ୍ ଅଫ୍ ସାଉଥ୍‌ଇଷ୍ଟ ଏସିଆନ୍ ନେଶନ୍ସ)ର ବାର୍ଷିକ ଶିଖର ସମ୍ମିଳନୀକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ଆକ୍ଟ ଇଷ୍ଟ ପଲିସିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସବୁବେଳେ 'ଆସିଆନ୍ ସେଣ୍ଟ୍ରାଲି' ଏବଂ 'ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆସିଆନ୍‌ର ଦୂରଦୃଷ୍ଟି'କୁ ସମର୍ଥନ ଦେଇଆସିଛି। ଏପରି କି ବର୍ତ୍ତମାନର ଅନିଶ୍ଚିତତା ଭିତରେ ମଧ୍ୟ ଭାରତ-ଆସିଆନ୍ ବିସ୍ତୃତ ରଣନୈତିକ ସହଭାଗିତା ପ୍ରଗତି ପଥରେ ଆଗେଇ ଚାଲିଛି। ଆମ ଦୃଢ଼ ସହଭାଗିତା ହେଉଛି



ବୈଶ୍ୱିକ ସ୍ଥିରତା ଓ ଅଭିବୃଦ୍ଧି ପାଇଁ ଏକ ପ୍ରଭାବଶାଳୀ ମୂଳଦୁଆ। ଆସିଆନ୍ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହ ଭାରତ ପ୍ରତ୍ୟେକ ସଙ୍କଟ ସମୟରେ ଛିଡ଼ା ହୋଇଆସିଛି। ସାମୁଦ୍ରିକ ସୁରକ୍ଷା ଓ ନୀଳ ଅର୍ଥନୀତିରେ ଦ୍ୱିପାକ୍ଷିକ ସହଯୋଗ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏହି ପରିପ୍ରେକ୍ଷୀରେ ଆମେ ୨୦୨୬କୁ ସାମୁଦ୍ରିକ ସହଯୋଗର ଆସିଆନ୍-ଇଣ୍ଡିଆ ବର୍ଷ ରୂପେ ଘୋଷଣା କରୁଛୁ। ଶିକ୍ଷା, ପର୍ଯ୍ୟଟନ, ବିଜ୍ଞାନ ଓ କାରିଗରି, ସ୍ୱାସ୍ଥ୍ୟ, ସବୁଜ ଶକ୍ତି ଏବଂ ସାଇବର ନିରାପତ୍ତାରେ ଅମେ ଦୃଢ଼ତାର ସହ ପାରସ୍ପରିକ ସହଯୋଗ ଆଡ଼କୁ ଅଗ୍ରସର ହେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମଧ୍ୟପ୍ରଦେଶ ବିଚାରପତିଙ୍କୁ ହତ୍ୟା ଧମକ, ଘର ଉପରେ ଆକ୍ରମଣ


**ଅନୁପୁର,୨୬।୧୦**

ମଧ୍ୟପ୍ରଦେଶର ଅନୁପୁର ଜିଲାରେ ଜଣେ ବିଚାରପତିଙ୍କୁ ଦଳେ ଲୋକ ହତ୍ୟା ଧମକ ଦେବା ସହ ତାଙ୍କ ଘର ଉପରେ ଟେକାମାଡ଼ କରିଛନ୍ତି। ଜିଲା ମୁଖ୍ୟାଳୟଠାରୁ ୩୫ କି.ମି. ଦୂର ଭାଲୁମଡ଼ାଠାରେ ଶନିବାର ରାତି ୧୨ଟା ୩୦ ମିନିଟ୍ ସମୟରେ ଟେକାମାଡ଼ ହୋଇଥିବା ଏସ୍‌ପି ମୋତିଉର୍ ରେହମନ୍ ଗଣମାଧ୍ୟମକୁ କହିଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମନଦୀପ ସିଂ ଛାବ୍ରା ଭାଲୁମଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ପରିବାର ସରକାରୀ ବାସଭବନରେ ଶୋଇଥିବାବେଳେ ଦଳେ ଲୋକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସେମାନେ ବିଚାରପତିଙ୍କ ବାସଭବନ ଗେଟ୍‌ରେ ଲାଗିଥିବା ଲାଇଟ୍ ଭାଙ୍ଗିବା ସହ ଆଇରନ୍ ଫିକ୍ସରକୁ ନଷ୍ଟ କରିଛନ୍ତି ଓ ଅଗଣାକୁ ଟେକାମାଡ଼ କରିଛନ୍ତି। ମାଜିଷ୍ଟ୍ରେଟ୍ ଘରୁ ବାହାରିବା ପରେ ଦୁର୍ବୃତ୍ତମାନେ ଖସି ପଳାଇଥିଲେ।

## କନୋଲି ଆୟର୍ଲାଣ୍ଡ ରାଷ୍ଟ୍ରପତି

**ଲଣ୍ଡନ,୨୬।୧୦**

ଆୟର୍ଲାଣ୍ଡରେ ଶନିବାର ଅନୁଷ୍ଠିତ ନିର୍ବାଚନରେ କାଥେରିନ୍ କନୋଲି ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। କନୋଲିଙ୍କ ସପକ୍ଷରେ ୬୦ ପ୍ରତିଶତ ଭୋଟ ଯାଇଥିବା ଜଣାପଡ଼ିଛି। ବିରୋଧୀ ପ୍ରାର୍ଥୀ ପରାଜୟ ସ୍ୱୀକାର କରିନେଇଛନ୍ତି। ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ବାମପନ୍ଥୀ ରାଜନୈତିକ ବିଚାରଧାରାକୁ ସମର୍ଥନ କରୁଥିବା ସ୍ୱାଧୀନ ପ୍ରାର୍ଥୀ କନୋଲିଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହାନ୍ତି ବୋଲି ସେଣ୍ଟର-ରାଇଟ୍ ପାର୍ଟି ପ୍ରାର୍ଥୀ ହିଥର ହମ୍ଫ୍ରେସ୍ ଗଣମାଧ୍ୟମକୁ କହିଛନ୍ତି। ୬୮ ବର୍ଷୀୟା କନୋଲିଙ୍କ ପ୍ରତି ଭୋଟରମାନଙ୍କ ଦୃଢ଼ ସମର୍ଥନ ରହିଥିବା ନିର୍ବାଚନରୁ ପ୍ରମାଣିତ ହୋଇଛି। ପୂର୍ବତନ ବାରିଷ୍ଟର ତଥା ୨୦୧୬ରୁ ସ୍ୱାଧୀନ ସାଂସଦ ରହିଥିବା କନୋଲିଙ୍କୁ ସିନ୍ ଫେଇନ୍ ସମେତ ବାମପନ୍ଥୀ ଦଳ, ଲେବର ପାର୍ଟି



କାଥେରିନ୍ କନୋଲି

ଓ ସୋସିଆଲ ଡେମୋକ୍ରାଟ୍ସ ସମର୍ଥନ ଜଣାଇଥିଲେ। ପ୍ରଥମ ଦିନରୁ ତାଙ୍କର ସମାବେଶୀ, ସମାନତା ଓ ସାମାଜିକ ନ୍ୟାୟ ବାର୍ତ୍ତା ଆୟର୍ଲାଣ୍ଡର ଭୋଟରଙ୍କ ମଧ୍ୟରେ ଗୁଞ୍ଜରିତ ହୋଇଥିଲା ବୋଲି ସୋସିଆଲ ଡେମୋକ୍ରାଟ୍ସ ନେତା ହୋଲି କେଇର୍ନସ କହିଛନ୍ତି।

## ମଦ୍ୟପ ବାଇକ୍ ଚାଳକଙ୍କ ଯୋଗୁ ଦୁର୍ଘଟଣା ଘଟିଥିଲା

**ଫୋରେନସିକ୍ ରିପୋର୍ଟ**

**କୁର୍ନୁଲ,୨୬।୧୦**

ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଲକ୍‌ଜୁରି ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମଦ୍ୟପ ବାଇକ୍ ଆରୋହୀଙ୍କ ପାଇଁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଫୋରେନ୍‌ସିକ୍ ରିପୋର୍ଟରେ କୁହାଯାଇଛି। ଦୁର୍ଘଟଣାସ୍ଥଳରେ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆରୋହୀ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ସେ ମଦ୍ୟପାନ କରି ବେପରୁଆ ବାଇକ୍ ଚଳାଉଥିଲେ ବୋଲି ଭିସେରା ରିପୋର୍ଟ



ଏବଂ ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି। ଏସ୍‌ପି ବିକ୍ରାନ୍ତ ପାଟିଲ୍ କହିଛନ୍ତି, ଆଞ୍ଚଳିକ ଫୋରେନ୍‌ସିକ୍ ସାଇନ୍ସ ଲାବ୍ ରିପୋର୍ଟରୁ ଶିବଶଙ୍କରଙ୍କ ଭିସେରା ନମୁନାରେ ଆଲକୋହଲ ଥିବା ଜଣାପଡ଼ିଛି। ତେଣୁ ସେ ଦୁର୍ଘଟଣା ପୂର୍ବରୁ ମଦ ପିଇଥିଲେ। ଏଥିସହିତ ବାଇକ୍‌ର ହେଡ୍‌ଲାଇଟ୍ ଜଳୁ ନ ଥିବାରୁ ଏହା ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ ହୋଇପାରେ ବୋଲି ସେ କହିଛନ୍ତି। ପୋଲିସ କହିବା ଅନୁଯାୟୀ, ଭେମୁରି କାବେରି ଟ୍ରାଭେଲ୍ସ ବସ୍ ପହଞ୍ଚିବା ପୂର୍ବରୁ ବାଇକ୍‌ଟି ରାସ୍ତାରେ ପଡ଼ିଥିଲା। ଏହା ବସ୍ ତଳେ ଲାଖିଯାଇ ଅନେକ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହେବାରୁ ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ବସ୍ ଜଳିଯାଇଥିଲା।

ଶିବଶଙ୍କରଙ୍କ ସହ ବାଇକ୍ ପଛ ସିଟ୍‌ରେ ବସିଥିବା ତାଙ୍କ ସାଙ୍ଗ ୟେରିସ୍ୱାମୀ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଦୁର୍ଘଟଣା ପୂର୍ବରୁ ଉଭୟ ଲକ୍ଷ୍ମୀପୁରମ୍‌ର ଏକ ମଦ ଦୋକାନରୁ ମଦ କିଣିଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଉଭୟ ମଦ ପିଇଥିଲେ ବୋଲି ୟେରିସ୍ୱାମୀ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ବାଇକ୍ ଡିଭାଇଡରରେ ଧକ୍କା ହୋଇ ଘଟଣାସ୍ଥଳରେ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି। ଶିବଶଙ୍କରଙ୍କ ମୃତଦେହକୁ ୟେରିସ୍ୱାମୀ ରାସ୍ତା କଡ଼କୁ ଘୋଷାଡ଼ି ନେଇଥିଲେ। ବାଇକ୍‌କୁ ସେ ରାସ୍ତାରୁ ହଟାଇବାକୁ ଯାଉଥିବାବେଳେ ବସ୍‌ଟି ଏହା ଉପରେ ମାଡ଼ିଯାଇଥିଲା। ମଦ୍ୟପ ଡ୍ରାଇଭରମାନେ ଆତଙ୍କବାଦୀଙ୍କଠାରୁ କମ୍ ନୁହନ୍ତି। ମଦ୍ୟପାନ କରି ବେପରୁଆ ବାଇକ୍ ଚଳାଇବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ହାଇଦ୍ରାବାଦ ପୋଲିସ କମିଶନର ଭି.ସି. ସଜ୍ଜନର କହିଛନ୍ତି।

# ଆଜି ଇଣ୍ଡିଆ ମେରିଟାଇମ ୱିକ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

## ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ଉପରେ ଆଲୋଚନା କରିବେ

ଭୁବନେଶ୍ୱର,୨୬।୧୦
(ଅନୁରାଧା ମହାରଣା)



ମୋହନ ଚରଣ ମାଝୀ

ଇଣ୍ଡିଆ ମେରିଟାଇମ ୱିକ୍(ଆଇଏମ୍‌ଡବ୍ଲ୍ୟୁ) ୨୦୨୫ ସୋମବାର ମୁମ୍ବାଇଠାରେ ଆରମ୍ଭ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ପରେ ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବନ୍ଦର-ଆଧାରିତ ନିବେଶ ସୁଯୋଗ ଓ ରପ୍ତାନି ସମ୍ଭାବନା ଉପରେ ଆଲୋଚନା କରିବେ। ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ମୁମ୍ବାଇ ପହଞ୍ଚିସାରିଥିବା ସୂଚନା ମିଳିଛି। ସୂଚନାଥାଉକି, ଇଣ୍ଡିଆ ମେରିଟାଇମ ୱିକ୍ ହେଉଛି ଏକ ପ୍ରମୁଖ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ନେତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକମାନେ ମିଳିତ ହୋଇ ବନ୍ଦର ଭିତ୍ତିଭୂମି, ମେରିଟାଇମ ଉନ୍ନୟନ ଓ ବ୍ଲୁ ଇକୋନୋମିରେ ଅଗ୍ରଗତି ଏବଂ ସୁଯୋଗ ଉପରେ ଆଲୋଚନା କରିବେ। ଓଡ଼ିଶାର ଅଂଶଗ୍ରହଣ ରାଜ୍ୟକୁ ବନ୍ଦର-ଆଧାରିତ ଶିଳ୍ପ ଓ ଉପକୂଳୀୟ ଅର୍ଥନୀତିରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିବାର ଲକ୍ଷ୍ୟକୁ ପ୍ରତିଫଳିତ କରୁଛି। ଓଡ଼ିଶା ପ୍ରତିନିଧି ଦଳ ବନ୍ଦର-ଆଧାରିତ ଶିଳ୍ପ, ଲଜିଷ୍ଟିକ୍ସ, ମତ୍ସ୍ୟ ଓ ମେରିଟାଇମ ଟେକ୍ନୋଲୋଜିରେ ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବେ। ଓଡ଼ିଶା ଅଧିବେଶନରେ ରାଜ୍ୟର ଉନ୍ନତ ବନ୍ଦର ଭିତ୍ତିଭୂମି ଓ ମେରିଟାଇମ ସମ୍ଭାବନା ପ୍ରଦର୍ଶିତ ହେବ, ଯାହା ଦେଶୀୟ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ୫୦୦ ଦିନ ପୂର୍ଣ୍ଣ ହୋଇଥିବାବେଳେ ତାଙ୍କର ଏହି ଗସ୍ତ ସମାବେଶୀ ଉନ୍ନୟନ, ଶିଳ୍ପ ବୃଦ୍ଧି ଓ ରୋଜଗାର ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ବହନ କରୁଛି।

# ମନ୍ କୀ ବାତ୍‌ରେ କୋରାପୁଟ କଫିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

କୋରାପୁଟ,୨୬।୧୦(ଅଭିଜାତ ବେହେରା)



କୋରାପୁଟ ଜିଲାର ମହିଳା କଫି ଚାଷୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କୋରାପୁଟ କଫିକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ୧୨୭ତମ ମନ୍ କୀ ବାତ୍‌ରେ ସ୍ୱଦେଶୀ ସାମଗ୍ରୀର ଚାହିଦା ବଢ଼ୁଥିବା ନେଇ ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତରେ ଅନେକ କିସମର କଫି ଅଛି। ସମଗ୍ର ବିଶ୍ୱରେ ଏହାର ବହୁତ ଚାହିଦା ରହିଛି। ଭାରତର ଏକ ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ ସ୍ୱୀକୃତି ମିଳିବା ଦେଖିଲେ ଗର୍ବ ଅନୁଭବ କରିବା ସ୍ୱାଭାବିକ ବୋଲି ସେ କହିଛନ୍ତି। କୋରାପୁଟ କଫି ମଧ୍ୟ ଏଭଳି ଏକ ଉତ୍ପାଦ। କୋରାପୁଟ କଫି ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଏକ ଗୌରବ। କଫି ଚାଷ ଦ୍ୱାରା ଆଦିବାସୀ କୃଷକମାନଙ୍କ ଆୟ ବୃଦ୍ଧି ପାଇଛି। ଆଦିବାସୀ ସମ୍ପ୍ରଦାୟ ଏଥିରୁ ଉପକୃତ ହୋଇଛନ୍ତି। ଆଦିବାସୀ ମହିଳାମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏହା ଓଡ଼ିଶା ଏବଂ ଜିଲା ପାଇଁ ଏକ ଗୌରବର ବିଷୟ ବୋଲି କହିଛନ୍ତି। ଜିଲାରେ ୪୭୦୦ ହେକ୍ଟରରେ କଫି ପ୍ଲାଣ୍ଟେଶନ କରାଯାଇଛି। ଜିଲାର ୭ ହଜାର ଆଦିବାସୀ ଓ ଘରୋଇ ଚାଷୀ କଫି ଚାଷ କରୁଛନ୍ତି। ଜିଲା ପ୍ରଶାସନ ଅଧିକ କଫି ଚାଷ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଆଗାମୀ ଦିନରେ କୋରାପୁଟ କଫି ବିଶ୍ୱ ଦରବାରରେ ଏକ ବ୍ରାଣ୍ଡ ହେବା ନେଇ ଟାର୍ଗେଟ ଥିବା ଜିଲାପାଳ ମହାଜନ କହିଛନ୍ତି। ଦୀର୍ଘଦିନ ଧରି ଆରକୁ କଫି ସମ୍ପର୍କରେ ଆଲୋଚନା ହେଉଥିବା ବେଳେ କୋରାପୁଟ କଫି ନିଜର ସ୍ୱାଦ ଓ ଗୁଣବତ୍ତା ଯୋଗୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା କଫି ଗ୍ରୋୟର ଆସୋସିଏସନ୍ ପକ୍ଷରୁ ପ୍ରଦୀପ ମହାନ୍ତି, ଉପସଭାପତି ସୁଜୟ କୁମାର ପ୍ରଧାନ, ସମ୍ପାଦକ ଲଲାଟେନ୍ଦୁ ଦେଓ ଏବଂ ସମସ୍ତ କଫି ଚାଷୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କଲବଲ କଲାଣି ଉପନିର୍ବାଚନ

ନୂଆପଡ଼ା,୨୬।୧୦
(ମହାବୁ ବେପାରୀ)

- ୩ ଗୁଣା ବଢ଼ିଯାଇଛି ଘରଭଡ଼ା
- ନେତାଙ୍କ ଦଖଲରେ ହୋଟେଲ, ଲଜ୍
- ଘରଭଡ଼ା ନ ପାଇ ରୋଗୀ ସମ୍ପର୍କୀୟ ହଇରାଣ
- ବିଜେଡି ନେତାଙ୍କୁ ନାମ ଦେଇଦେଲେ ଜୟ

ନୂଆପଡ଼ା ବିଧାନସଭା ଆସନ ଲାଗି ଉପନିର୍ବାଚନକୁ ନେଇ ରାଜନୀତି ଜୋର ଧରିଛି। ଏହା ଭିତରେ ନୂଆପଡ଼ାରେ ଘରଭଡ଼ା ମିଳିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଯାହାର ସମାଧାନ ପାଇଁ କୌଣସି ଚିନ୍ତା କରାଯାଉନାହିଁ। ରାଜ୍ୟସ୍ତରରୁ ଆସିଥିବା ବଡ଼ ନେତାମାନେ ନିଜର ଆରାମଦାୟକ ରହଣି ପାଇଁ ଯେଉଁଠି ଭଲ ଘର ମିଳିଲା ସେଠାରେ ଅଧିକ ଭଡ଼ା ଦେଇ ସେହି ସ୍ଥାନକୁ ହାତେଇ ନେଉଛନ୍ତି। ପ୍ରାୟ ସବୁ ହୋଟେଲ, ଲଜ୍ ବୁକ୍ ହୋଇ ରହିଛି। ଫଳରେ ଏହାର ପ୍ରଭାବ ଏବେ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି। ନୂଆପଡ଼ା ଜିଲାରେ ସେଭଳି ବଡ଼ ହୋଟେଲ ନ ଥିବାବେଳେ ଯେଉଁ କେତୋଟି ଛୋଟ ଛୋଟ ଲଜ୍ ରହିଛି, ସେସବୁ ବିଭିନ୍ନ ଦଳର ନେତାମାନେ ହାତେଇ ନେଇଛନ୍ତି। ତେଣୁ କୌଣସି ଜରୁରୀ କାର୍ଯ୍ୟରେ ନୂଆପଡ଼ାକୁ ଗସ୍ତ କରୁଥିବା ବ୍ୟବସାୟୀ, ସାଧାରଣ ଲୋକେ ଘରଭଡ଼ା ନ ପାଇ ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟକ୍ତି ସ୍ୱାସ୍ଥ୍ୟସେବା ପାଇଁ ଆସୁଥିଲେ ଘର ନ ପାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶାର ସୀମାବର୍ତ୍ତୀ ଛତିଶଗଡ଼ ରାଜ୍ୟର ରସେଲା ଗାଁର ଜଣେ ବ୍ୟକ୍ତି ରବିବାର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ୩ ଦିନ ଏଠାରେ ରହିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ନୂଆପଡ଼ାର ଉପନିର୍ବାଚନ ଯୋଗୁ ଏଠାରେ ସୃଷ୍ଟି ହୋଇଥିବା ଘର ଭଡ଼ା ସମସ୍ୟା ତାଙ୍କ ଚିନ୍ତା ବଢ଼ାଇଦେଇଛି। ସାଧାରଣ ଲୋକଙ୍କ ପାଇଁ ଏବାବଦରେ ନୂଆପଡ଼ା ଜିଲା ପ୍ରଶାସନର ଅଦୂରଦୃଷ୍ଟିକୁ ନେଇ ସେ ପ୍ରଶ୍ନ ଉଠାଉଛନ୍ତି। ନୂଆପଡ଼ା ଭିତରେ ଯେଉଁ ଘର ଭଡ଼ା ଉପନିର୍ବାଚନ ଘୋଷଣା ପୂର୍ବରୁ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଥିଲା ତାହା ବର୍ତ୍ତମାନ ୨ଗୁଣା ବଢ଼ିଯାଇଛି। ରାଜନେତାମାନେ ଗହଳ କାରଣରୁ ଘରଭଡ଼ା ଦେବା ପୂର୍ବରୁ ଭଡ଼ାଟିଆଙ୍କଠାରୁ ରଖାଯିବାକୁ ଥିବା ପରିଚୟପତ୍ର ମଧ୍ୟ ଘର ମାଲିକମାନେ ଏବେ ଲୋଡ଼ୁ ନାହାନ୍ତି। ଯେଉଁ ଭଡାଟିଆଙ୍କ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବା କଥା ତାହା ମଧ୍ୟ ହେଉନାହିଁ। ଏହାକୁ ଜିଲା ପୋଲିସ ପ୍ରଶାସନ ମଧ୍ୟ ଗୁରୁତ୍ୱ ଦେଉନାହିଁ। ଜିଲାରେ ଚାକିରି କରୁଥିବା କେତେକ ବୁଦ୍ଧିଜୀବୀ ଏବିଷୟରେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି।

ସୂଚନା ମୁତାବକ ସବୁଦଳର କେତେଜଣ ବଡ଼ ନେତା ବର୍ତ୍ତମାନ ଖଡିଆଳ ଅଞ୍ଚଳରେ ହୋଟେଲ ଏବଂ ଫାର୍ମ ହାଉସକୁ ନିଜ ରହଣି ସ୍ଥାନ ବନାଇଲେଣି। ଏହି ଅଞ୍ଚଳ ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରେ ଆସୁଥିବାରୁ ସେଠାରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ସେହି ସ୍ଥାନରେ ପୋଲିସର ଚଢ଼ାଉ ବା ଚେକିଂ ହେବାର ସମ୍ଭାବନା ନାହିଁ। ଟଙ୍କା ରଖିବା ଏବଂ ସେଠାରୁ କିଛି କିଛି କରି ଭୋଟ ହାତେଇବାକୁ ନେଣଦେଣ କରିବା ପାଇଁ ସେହି ସ୍ଥାନ କୁଆଡେ ସୁବିଧା ସ୍ଥାନ ପାଲଟିଛି ବୋଲି ଶୁଣିବାକୁ ମିଳିଛି।

ଏହି ଘରଭଡ଼ା ସମସ୍ୟା ଭିତରେ ନୂଆପଡ଼ାରେ ହୋଟେଲରେ ରହିବା ଲାଗି ବିଜେଡି ନେତାଙ୍କୁ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ପାନେ ଦେଇଥିବା ଚର୍ଚ୍ଚା ହେଉଛି। ଜଣେ ଯୁବ ବିଜେଡି ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପନିର୍ବାଚନ ଘୋଷଣା ପରେ ଜୟ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ସମସ୍ତେ ଚିନ୍ତା କରୁଥିଲେ। ସେହି ସମୟରେ ନିର୍ବାଚନ ବେଳକୁ ହୋଟେଲ ଓ ଘର ଭଡ଼ାର ସମସ୍ୟା ହୋଇପାରେ ଭାବି ବିଜେଡିର ରାଜ୍ୟସ୍ତରୀୟ କେତେ ଜଣ ନେତା ଆଗୁଆ ହୋଟେଲଗୁଡ଼ିକୁ ବୁକିଂ କରିଦେବା ପାଇଁ ଜୟଙ୍କ ନିକଟକୁ ଟଙ୍କା ପଠାଇ ଦେଇଥିଲେ। ଜୟ ମଧ୍ୟ ସବୁ ହୋଟେଲର ରୁମ ବୁକିଂ ପାଇଁ ଟଙ୍କା ଦେଇଦେଲେ। ହେଲେ ହୋଟେଲ ମାଲିକମାନେ ନିଜ ରୁମ୍ ସଂଖ୍ୟାର ଅଧା ଭାଜପାକୁ ଏବଂ ଆଉ ଅଧା ବିଜେଡିକୁ ଦେଲେ। ପରବର୍ତ୍ତୀ ସମୟରେ ବିଜେଡି ନେତାମାନେ ଜୟ ବୁକିଂ କରିଥିବା ହୋଟେଲର ରୁମଗୁଡ଼ିକରେ ଆସି ନିଜର ରହଣି ବ୍ୟବସ୍ଥା କରିଦେଲେ। ମାତ୍ର ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେବା ପରେ ବିଜେଡି ନେତାଙ୍କୁ ସେ ବୁକିଂ କରିଥିବା ରୁମରୁ କାଢିବା ଲାଗି ହୋଟେଲ ମାଲିକ ଉପରେ ଜୟ ଚାପ ପକାଇଥିଲେ। ଯାହା ବିଜେଡି ନେତାଙ୍କ ଅକଳ ଗୁଡୁମ କରି ଦେଇଥିବା ଯୁବ ନେତା ଜଣକ କହିଛନ୍ତି। ପରବର୍ତ୍ତୀ ସମୟରେ ବିଜେଡି ନେତାଙ୍କୁ ଜବରଦସ୍ତ କିଛି ରୁମ ରଖିବାକୁ ପଡ଼ିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନୂଆପଡ଼ା ସଦର ମହକୁମା ଏକ ବିଚ୍ଛିପତ ଅଞ୍ଚଳ ପରିଚିତ। ଏହା ବଡ଼ ସହର ହୋଇ ନ ଥିବାରୁ ସେମିତି ଅଧିକ ହୋଟେଲ, ଲଜ ନାହିଁ। ତେଣୁ ସବୁ ରାଜ୍ୟସ୍ତରୀୟ ନେତା ଏଠାରେ ଡେରା ପକାଇ ଥିବାରୁ ଘରଭଡ଼ା ମିଳିବା ବଡ଼ ସମସ୍ୟା ସୃଷ୍ଟି ହୋଇଛି। ସତେ ଯେମିତି ସାଧାରଣ ଲୋକଙ୍କୁ କଲବଲ କଲାଣି ଉପନିର୍ବାଚନ।

# କଳିଙ୍ଗ ଘାଟି କାର୍ଯ୍ୟ ୩ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ

ଫୁଲବାଣୀ,୨୬।୧୦
(ରାକେଶ କୁମାର ରାଉତ)



ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନଜରରେ ରଖି କଳିଙ୍ଗ ଘାଟିରେ ଚାଲିଥିବା କାର୍ଯ୍ୟ ୩ ଦିନ ବନ୍ଦ ରଖିବାକୁ କନ୍ଧମାଳ ଜିଲାପାଳ ବେଦଭୂଷଣ ନିର୍ଦ୍ଦେଶ ଦେଇଛନ୍ତି। ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୬ରେ ଘାଟିରେ ଭୂସ୍ଖଳନ ହୋଇ ରାସ୍ତା ଧୋଇ ଯାଇଥିଲା। ଏହାର ମରାମତି କାର୍ଯ୍ୟ ବର୍ତ୍ତମାନ ଚାଲୁଥିବାରୁ ଯାତାୟାତ ବନ୍ଦ ରହିଛି। ତେବେ କିଛି ଅମାନିଆ ଲୋକ କଟକଣା ନମାନି ଯାତାୟାତ କରୁଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଧନଜୀବନ ହାନିକୁ ନଜରରେ ରଖି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାସ୍ତାକଡ଼ରୁ ଉଦ୍ଧାର ନବଜାତ ପୁତ୍ର ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର/ଗୋପାଳପୁର,୨୬।୧୦
(ସୁବାସ ଚନ୍ଦ୍ର ପାଢ଼ୀ/ ନବୀନଚନ୍ଦ୍ର ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାକଡ଼ରେ ପଡ଼ିଥିବା ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର ପରେ ରବିବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏମ୍‌କେସିଜିର ଏସ୍‌ଏନ୍‌ସିୟୁରେ ରଖି ତାହାର ଚିକିତ୍ସା କରାଯାଉଛି। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ୍‌ଥିବାବେଳେ ଓଜନ ୨କେଜି ୧୦୦ ଗ୍ରାମ ରହିଛି। ୭ରୁ୮ ଦିନର ଏହିଶିଶୁପୁତ୍ରକୁ ପିଙ୍ଗିଥିବା ମହିଳାଙ୍କୁ ଖୋଜି ବାହାର କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ରାଜଶ୍ରୀ ଦାସ କହିଛନ୍ତି। ଶିଶୁପୁତ୍ରକୁ କିଛିଦିନ ମେଡିକାଲରେ ରଖି ପରେ ଗୋଷାଣି ନୂଆଗାଁ ଉତ୍କଳ ବାଳାଶ୍ରମରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହ (ସା)ରେ ରଖି ଯତ୍ନ ନିଆଯିବ ବୋଲି ସେ କହିଛନ୍ତି।

ଜଣେ ବ୍ୟକ୍ତି ଏକ ନବଜାତ ଶିଶୁପୁତ୍ରକୁ ରାସ୍ତାକଡ଼ରୁ ଆଣି ଘରେ ରଖିଥିବା ନେଇ ରବିବାର ସକାଳେ ୧୦୯୮ ନମ୍ବରକୁ ସୂଚନା ମିଳିଥିଲା। ଏହାପରେ ଚାଇଲ୍ଡ ଲାଇନ୍ ତରଫରୁ ହୋଇ ବହୁ ଖୋଜାଖୋଜି କରିବା ପରେ ତୁରା ଗାଁରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଶିଶୁପୁତ୍ରକୁ ଫେରାଇ ଦେବାକୁ କହିଥିଲା। ସେ ରାଜି ନ ହେବାରୁ ଗୋପାଳପୁର ପୋଲିସର ସହାୟତା ନିଆଯାଇଥିଲା। ପରେ ପୋଲିସ, ଜିଲା ପ୍ରଶାସନ ଓ ଚାଇଲ୍ଡ ଲାଇନ ସହାୟତାରେ ଶିଶୁକୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଶନିବାର ମଧ୍ୟାହ୍ନରେ ରାମଚନ୍ଦ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଜଣେ ମହିଳା ଏକ ବ୍ୟାଗ୍ ପିଙ୍ଗିଦେଇ ଚାଲିଯାଇଥିଲେ। ସେହି ନିକଟରେ କାଠ କାମ କରୁଥିବା ୨ଭାଇ ସେଠାକୁ ଯିବାରେ ଏକ ପରିବା ବ୍ୟାଗ୍ ମଧ୍ୟରେ ଶିଶୁଟି ପଡ଼ି ରହିଥିବା ଦେଖିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ତୁରା ଗ୍ରାମର ବ୍ୟକ୍ତି ଜଣଙ୍କ ଶିଶୁଟିକୁ ପାଳିବେ ବୋଲି କହି ନେଇଯାଇଥିଲେ। ଶିଶୁଟିର ନାଭିରେ ଟ୍ୟାଗ୍ ଲାଗିଛି। ଉକ୍ତ ଟ୍ୟାଗକୁ ଆଧାର କରି ଗତ ୭/୮ ଦିନ ଭିତରେ କେଉଁ ବେସରକାରୀ କିମ୍ବା ସରକାରୀ ହସ୍ପିଟାଲରେ ସେ ଜନ୍ମ ହୋଇଛି ଏବଂ କିଏ ଜନ୍ମ ଦେଇଛନ୍ତି, କାହିଁକି ପିଙ୍ଗିଲେ ତାହାର ତଦନ୍ତ କରାଯିବ ବୋଲି ଡିସିପିଓ ଦାସ କହିଛନ୍ତି।

# ଇ-ଗେଜେଟ୍ ନୋଟିଫିକେଶନରେ ଦୁର୍ନୀତି

ଯାଜପୁର,୨୬।୧୦
(ହର୍ଷବର୍ଦ୍ଧନ ବେହେରା)

- ମାସ ମାସ ଧରି ପଡ଼ି ରହୁଛି ନାମ ପରିବର୍ତ୍ତନ ଦରଖାସ୍ତ
- ଛାତ୍ରାଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ
- ବାଣିଜ୍ୟ, ପରିବହନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ମାନବ ହସ୍ତକ୍ଷେପକୁ ଦୂର କରିବା ସହ ସ୍ୱଚ୍ଛତା ଓ ସାଧାରଣ ଲୋକଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଇ-ଗେଜେଟ୍ ନୋଟିଫିକେଶନ ବ୍ୟବସ୍ଥା କରାଯାଇଛି। ଏଥିରେ ଆଧାର କାର୍ଡ ଓ ଅନ୍ୟାନ୍ୟ ଅଫିସିଆଲ କାର୍ଯ୍ୟରେ ନାମ ସଂଶୋଧନ ବ୍ୟବସ୍ଥା ରହିଛି। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ହେଉଛି। ଅସାଧୁ ଓ ଅର୍କିଡିକ ଉପାୟରେ କେତେଜଣ ବ୍ୟକ୍ତିଙ୍କ ୧୫ରୁ ୨୦ ଦିନ ମଧ୍ୟରେ ସମାଧାନ ହେଉଥିବାବେଳେ ଅନ୍ୟ କେତେଜଣଙ୍କ ୭୦ରୁ ଊର୍ଦ୍ଧ୍ୱ ଦିନ ଧରି ଆବେଦନ ପଡ଼ି ରହିଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଗୌରୀଶଙ୍କର ନାୟକ, ସୁଚିତ୍ରା ମହାରଣା ପ୍ରମୁଖ ଅଭିଯୋଗ କରିବା ପରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁସଚିବ ନିର୍ମଳା କୁମାରୀ ବିଶ୍ୱାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ନାୟକଙ୍କ ଅଭିଯୋଗ ଅନୁସାରେ ସମ୍ପ୍ରତି ଆଧାର କାର୍ଡ ଓ ଅନ୍ୟାନ୍ୟ କାର୍ଯ୍ୟରେ ନାମ ସଂଶୋଧନ ପାଇଁ ଜଟିଳ ପଦ୍ଧତି ସୃଷ୍ଟି କରାଯାଉଛି। ପୂର୍ବରୁ କୋର୍ଟ ଆଫିଡେଭିଟ ଦ୍ୱାରା ଏହି କାର୍ଯ୍ୟ ହେଉଥିଲାବେଳେ ଏବେ ଏହାକୁ ଗେଜେଟ ନୋଟିଫିକେଶନ ବାଧ୍ୟତାମୂଳକ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଇ-ଗେଜେଟ୍ ପ୍ରଣୟନ ହୋଇଛି। ତେବେ ଏଥିପାଇଁ ଆହୁରି ହଇରାଣ ହେବାକୁ ପଡ଼ିବା ସହ ବାରମ୍ବାର ଭୁବନେଶ୍ୱର ଦୌଡ଼ିବାକୁ ପଡୁଛି। ଆବେଦନର ୫୦ରୁ ୬୦ ଦିନ ପରେ ମଧ୍ୟ ଅନ୍‌ଲାଇନରେ କୌଣସି ନୋଟିଫିକେଶନ ଦିଆଯାଉନାହିଁ। ଏହାବାବଦ ଭୁବନେଶ୍ୱର ଅଫିସକୁ ଏନେଇ ପଚାରିବାକୁ ଗଲେ ଅନ୍‌ଲାଇନରେ ଆବେଦନ କରିଥିବା ଆଫିଡାଭିଟ୍ ଓ ଖବରକାଗଜରେ ବାହାରିଥିବା ବିଜ୍ଞାପନ ଠିକ୍ ନୁହେଁ, ଆବଶ୍ୟକ କାଗଜପତ୍ର ନାହିଁ ଇତ୍ୟାଦି କୁହାଯାଉଛି। ଭୁବନେଶ୍ୱର ଅଫିସକୁ ବାରମ୍ବାର ଦୌଡ଼ିବା ଓ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ କଥା ଶୁଣିବାରେ କେତେ ଅର୍ଥ ଓ ସମୟ ବ୍ୟୟ ହେଉଛି ତାହା ଅନୁଭବୀ ହିଁ ଜାଣିପାରିବ। ସ୍ୱତନ୍ତ୍ର ଯାଞ୍ଚ ଅଧିକାରୀ ଓ ଏଜେନ୍ସି ଦ୍ୱାରା ଏହାର ସମୀକ୍ଷା କରାଗଲେ ଇ-ଗେଜେଟ୍‌ରେ କିଭଳି ମହା ଦୁର୍ନୀତି ହେଉଛି ତାହା ଜାଣିହେବ ବୋଲି ଅଭିଯୋଗକାରୀ ପ୍ରସ୍ତାବ ଦେଇଛନ୍ତି। ଏହି ବ୍ୟବସ୍ଥାର ସରଳୀକରଣ ସହ ୭ ଦିନ ମଧ୍ୟରେ ଅନ୍‌ଲାଇନ ଆବେଦନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଦାବି ହେଉଛି। ମହାରଣାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅର ନାମ ପରିବର୍ତ୍ତନ କରିବାକୁ ଇ-ଗେଜେଟ୍‌ରେ ସେ ଦୁଇଥର ଆବେଦନ କରିଛନ୍ତି। ଗୋଟିଏ ଆବେଦନ ୩ ମାସ ପରେ ଖାରଜ ହୋଇଥିବାବେଳେ ଅନ୍ୟଟି ୨ ମାସରୁ ଊର୍ଦ୍ଧ୍ୱ ହେବ ପଡ଼ିରହିଛି। ସେ ଯେହେତୁ ଜଣେ ବିଧବା ମହିଳା, ବିଭାଗୀୟ କାର୍ଯ୍ୟାଳୟକୁ ଯାଇପାରିବେ ନାହିଁ। ନାମ ପରିବର୍ତ୍ତନ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ତାଙ୍କ ଝିଅର ଶିକ୍ଷାକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଝିଅର ନାମ ପରିବର୍ତ୍ତନ ପ୍ରକ୍ରିୟାରେ ଯଦି କୌଣସି ଦସ୍ତାବିଜ ଆବଶ୍ୟକତା ରହୁଛି ତେବେ ସେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ। ତେଣୁ ଏହାକୁ ଜରୁରୀ ଭାବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଇ-ଗେଜେଟ୍ ଓଡ଼ିଶା ନିକଟରେ ଆବେଦନ କରିଛନ୍ତି। ତେବେ ଏଭଳି ଶତାଧିକ ଲୋକଙ୍କ ଇ-ଗେଜେଟ୍ ଆବେଦନ ଉପରେ ସମାଧାନ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହିକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୩।୧୦।୨୦୨୫ରେ ହୋଇଥିବା ତଦନ୍ତ ନିର୍ଦ୍ଦେଶ କେବେଠୁ କାର୍ଯ୍ୟକାରୀ ହେଉଛି ଏବଂ ଆବେଦନକାରୀଙ୍କ ସମସ୍ୟାର ସମାଧାନ ଦ୍ରୁତ ଭାବେ କେବେ କରାଯାଉଛି ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

DSPL-328

ଓଡ଼ିଶା ସରକାର

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ଅବସରରେ

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଦୁର୍ନୀତି ପ୍ରଗତିର ପରିପନ୍ଥୀ । ସ୍ୱଚ୍ଛତା ଉତ୍ତମ ପ୍ରଶାସନର ପ୍ରତିଚ୍ଛବି । ଚଳିତ ବର୍ଷ ୨୦୨୫ ଅକ୍ଟୋବର ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେବା ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରୁଛି । ଏଥି ସହିତ, କୌଣସି ପରିସ୍ଥିତିରେ ଦୁର୍ନୀତି ସହ ସାଲିସ ନକରି ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତା ପାଳନ କରିବାକୁ ଅନୁରୋଧ କରୁଛି ।

ଆମ ସରକାର "ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି" (Zero Tolerance to Corruption) ଆପଣାଇଛନ୍ତି । ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । ଦୁର୍ନୀତି ସାମାଜିକ ଛବି ମଳିନ କରିବା ସହ ସମାଜର ତଳ ସ୍ତରରେ ଥିବା ନାଗରିକଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିଥାଏ । କେବଳ ଏତିକି ନୁହେଁ, ଧନୀ ଦରିଦ୍ର ମଧ୍ୟରେ ବ୍ୟବଧାନ ବୃଦ୍ଧି କରିବା ସହ ଅର୍ଥନୀତି କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିଥାଏ । ଆମ ସରକାର ଦୁର୍ନୀତି ପରାୟଣ ସରକାରୀ କର୍ମଚାରୀ, ଏପରିକି ସର୍ବଭାରତୀୟ ସେବାର ଅଧିକାରୀଙ୍କ ପ୍ରତି ମଧ୍ୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନିକଟରେ ବହୁ ସଂଖ୍ୟାର ସରକାରୀ ଅଧିକାରୀଙ୍କୁ ଦୁର୍ନୀତିରେ ଲିପ୍ତ ଥିବାରୁ ସେମାନଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କାର କରାଯାଇଛି କିମ୍ବା ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଏହି ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ସାଧୁତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଏକ ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ଆମେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12120/13/0003/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭେଙ୍କଟେଶ୍ୱର ଇଂରାଜୀ ମିଡିୟମ୍ ସ୍କୁଲ୍ ପକ୍ଷରୁ ସାଇନ୍ସ ଏକ୍ଜିବିଶନ୍ , ସ୍ଥାନ: ସ୍କୁଲ୍ ପରିସର, ମଧୁସୂଦନ ନଗର, ୟୁନିଟ୍ ୪, ସମୟ: ସକାଳ ୯ଟା।
- ଦେବର୍ଷିଣୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨ୟ ଶ୍ରୀଜା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମ୍ମିଳନୀ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ଖୋର୍ଦ୍ଧା
- ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭାଲିଆବାଡ଼ି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ ବଣ୍ଟନ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଅଷ୍ଟମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- କାଳୀପୂଜାର ୭ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସକାଳ ୯ଟା।

## କେନ୍ଦୁଝର
- ଶ୍ରୀପୂର୍ଣ୍ଣବ୍ରହ୍ମ ମହାବୈଷ୍ଣବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସୀତାବିଞ୍ଜି, ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: କଣ୍ଟିପାଳ ଉଚ୍ଚବିଦ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ ଟା।
- ରାଧାକୃଷ୍ଣ ଯୁବକ ସଂଘ ତରଫରୁ ପ୍ରସ୍ତୁତି ବୈଠକ, ସ୍ଥାନ: ବଡ଼ରମ୍ପାସ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଯୁବକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବୈରାଟପୁର ଗ୍ରାମ ରାସ୍ତା, ଉଦଳା, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାପାଳ ଏବଂ ଏସ୍‌ପି ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଚନ୍ଦ୍ରଶେଖର ମହାଦେବଙ୍କ ନାଗମଣ୍ଡପ ପ୍ରତିଷ୍ଠାର ପ୍ରଥମ ବାର୍ଷିକୀ, ସ୍ଥାନ: ୧୧ନଂ. ୱାର୍ଡ, ଚନ୍ଦ୍ରଶେଖର ମନ୍ଦିର ସାହି, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଭିଜିଲାନ୍ସ ସଚେତନତା ସପ୍ତାହ, ସ୍ଥାନ: ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଆଖଣ୍ଡଳମଣିଙ୍କ ୪୧ତମ ବାର୍ଷିକ ମେଳା ଉତ୍ସବ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ ପରିସର, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ
- ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଗୁଡା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ବାଲିଗୁଡା ଆଇଟିଡିଏ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନଶୁଣାଣି ଶିବିର, ସ୍ଥାନ: କୋରଡ଼ା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବଇଣ୍ଡା : ହନୁମାନ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶରଧାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଭିଯୋଗ ଜନ ଶୁଣାଣି, ସ୍ଥାନ: ଗୋଟୋମରା, ବଅଁରପାଳ, ସମୟ: ୧୦ଘଟିକା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଉଦ୍‌ଯାପନ ଦିବସରେ ହୋମ, ପୂଜାନୀତି, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୭ଟା ।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ୨ୟ ଦିବସରେ ଖୋଲା ଅଧିବେଶନ, ସ୍ଥାନ:ରଣପୁର ପଞ୍ଝୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬.୩୦ ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ପଞ୍ଚମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା ।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଉଦ୍‌ଯାପନ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସଂଧ୍ୟା ୬ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଭାପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

# ରକ୍ତ ନେଇ ୫ ପିଲା ଏଚ୍‌ଆଇଭି ସଂକ୍ରମିତ

## ସିଭିଲ୍ ସର୍ଜନ ନିଲମ୍ବିତ

ରାଞ୍ଚି,୨୬।୧୦

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ସଦର ହସ୍ପିଟାଲରେ ରକ୍ତ ନେଇଥିବା ୫ ଜଣ ପିଲା ଏଚ୍‌ଆଇଭି ସଂକ୍ରମିତ ହୋଇଛନ୍ତି। ଚାଇବାସାର ଥାଲାସେମିଆ ପୀଡ଼ିତ ଉକ୍ତ ପିଲାମାନଙ୍କୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦିଆଯାଇଥିବା ଖବର ପ୍ରକାଶ ପାଇବା ପରେ ତ୍ରୁଟି ପାଇଁ ଦାୟୀ ସିଭିଲ୍ ସର୍ଜନ ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପୀଡ଼ିତ ଶିଶୁଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିବା ସହ ପିଲାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବାକୁ କହିଛନ୍ତି।




ସେପ୍ଟେମ୍ବର ମାସରେ ସଂକ୍ରମିତ ରକ୍ତ ନେଇଥିବା ଜଣେ ୭ ବର୍ଷର ଥାଲାସେମିଆ ପୀଡ଼ିତ ପିଲାର ରକ୍ତ ପରୀକ୍ଷାରୁ ଏଚ୍‌ଆଇଭି ପଜିଟିଭ୍ ରିପୋର୍ଟ ଆସିବା ପରେ ଡାକ୍ତରୀ ଅବହେଳା ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ପିଲାର ପରିବାର ଡେପୁଟି କମିଶନର ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ଗମ୍ଭୀରତା ଦୃଷ୍ଟିରୁ ଝାଡ଼ଖଣ୍ଡ ହାଇକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ଶୁକ୍ରବାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ରାଞ୍ଚିରୁ ଏକ ୫ ଜଣିଆ ଟିମ୍ ଚାଇବାସା ଯାଇ ସଦର ହସ୍ପିଟାଲରେ ତଦନ୍ତ କରିଛି। ଟିମ୍‌ରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଦିନେଶ କୁମାର, ଡା. ଶିପ୍ରା ଦାସ, ଡା. ଏସ୍.ଏସ୍. ପାଶ୍ୱାନ, ଡା. ଭଗତ ଏବଂ ଚାଇବାସା ସିଭିଲ ସର୍ଜନ ଡ. ସୁଶାନ୍ତୋ କୁମାର ମାଝୀଙ୍କ ସମେତ ଡା. ଶିବଚରଣ ହାଁସଦା ଏବଂ ଡା. ମୀନୁ କୁମାରୀ ରହିଛନ୍ତି। ଉକ୍ତ ଟିମ୍ ହସ୍ପିଟାଲର ବ୍ଲଡ୍ ବ୍ୟାଙ୍କ ଏବଂ ପିଆଇସିୟୁ ୱାର୍ଡ ଯାଞ୍ଚ କରିବା ସହ ସଂକ୍ରମିତ ପିଲାଙ୍କ ପରିବାରରୁ ସବିଶେଷ ତଥ୍ୟ ସଂଗ୍ରହ କରିଛି। ତଦନ୍ତ ସମୟରେ ରକ୍ତ ନେଇଥିବା ଆଉ ୪ ପିଲା ଏଚ୍‌ଆଇଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଏବେ ବି ସଦର ହସ୍ପିଟାଲ ପିଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସଂକ୍ରମଣର ଉତ୍ସ ଖୋଜିବାକୁ ଉଦ୍ୟମ ଚାଲିଥିବା ଡା. ଦିନେଶ କୁମାର କହିଛନ୍ତି। ଡ. କୁମାରଙ୍କ କହିବା ଅନୁଯାୟୀ, ଜିଲାରେ ମୋଟ ୫୧୫ ଏଚ୍‌ଆଇଭି ରୋଗୀ ରହିଥିବାବେଳେ ୫୬ ଜଣ ଥାଲାସେମିଆ ପୀଡ଼ିତ। ବ୍ଲଡ୍ ବ୍ୟାଙ୍କ ଏବଂ ଲାବୋରେଟୋରି ଯାଞ୍ଚ ବେଳେ ମେଡିକାଲ ଟିମ୍ ଅନେକ ଅଭାବ ଏବଂ ଗମ୍ଭୀର ଅନିୟମିତତା ଥିବା ଜାଣିବାକୁ ପାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବିଶ୍ୱ ରେକର୍ଡ ସହ ...

୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୯୦ କେଜି ଉତ୍ତୋଳନର ବିଶ୍ୱ ରେକର୍ଡ ପ୍ରିତିସ୍ମିତାଙ୍କ ନାମରେ ହିଁ ଥିଲା। ଅର୍ଥାତ୍ ସେ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି ଉତ୍ତର ପ୍ରଦେଶର ମୋଦିନଗରସ୍ଥିତ 'ୱେଟ୍‌ଲିଫ୍‌ଟିଂ ୱାରିୟର୍ସ' ଅନୁଷ୍ଠାନରେ କୋଚ୍ ବିଜୟ ଶର୍ମାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତାରେ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏଇ ପେଟ, ଏଇ ପେଟ ଲାଗି ଲାଗିଛି ନାଟ**
**ଏଇ ପେଟ ଲାଗି ଛଟପଟ**
**ଏଇ ପେଟ ଲାଗି ବଙ୍ଗଳା ବାଟ**
**ଏଇ ପେଟ ଲାଗି ଢିଙ୍କି କୁଟ**
**ନଟ କୂଟ, ମୁଣ୍ଡ କାଟ।**

ପେଟ ଲାଗି ସବୁ ନାଟ। ପେଟର ଭୋକ ପୂରଣ କରିବା ଲାଗି କିଏ କେଉଁଠି ମୂଲ ମଜୁରି ଲାଗୁଛି। ସେହିପରି କେଉଁଠି କୂଟକପଟର ଖେଳ, ହଣାମରା ଭଳି କେତେ କ'ଣ ଲାଗି ରହୁଛି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଏକକୁ କହିଲେ ଦୁଇକୁ ବାଜେ**
**ଯିଏ ସେ ନାଗର ସେ ତାହା ବୁଝେ।**

ମନର କଥା ବା ଭାଷା କେବଳ ମନର ମଣିଷ ହିଁ ବୁଝିଥାଏ। ଯେଉଁଠି ଗୋଟିଏ କଥାର ଦୁଇଟି ଅର୍ଥ ବାହାରେ, ସେଠି ସମ୍ପୃକ୍ତ ଚତୁର ବ୍ୟକ୍ତି ଜଣକ ହିଁ ଅତି ସହଜରେ ତା' ଭିତର ଅର୍ଥକୁ ଧରି ନିଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍କୁଲ ଯିବାବେଳେ ...

ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ୧୦ମ ଶ୍ରେଣୀର ଉକ୍ତ ନାବାଳିକା ଜଣକ ସ୍ଥାନୀୟ ଏକ ସ୍କୁଲକୁ ଶନିବାର ସକଳେ ପାଠ ପଢ଼ିବାକୁ ଯାଉଥିଲେ। ସ୍ଥାନୀୟ କଲେଜ ନିକଟରେ ଅଭିଯୁକ୍ତ ଅମିର ତାଙ୍କୁ ଦେବଗଡ଼ ପ୍ରଧାନପାଟ ଜଳପ୍ରପାତ ବୁଲିଯିବାକୁ ଡାକିଥିଲେ। ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ବଳପୂର୍ବକ ଏକ କାର୍‌ରେ ଉଠେଇ ନେଇଯାଇଥିଲେ। ବାଟରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କୁ ଆଣି ତାଙ୍କ ଘର ପାଖରେ ଛାଡ଼ିଦେଇଥିଲେ। ରାତିରେ ପୀଡ଼ିତାଙ୍କ ମା' ଜମନକିରା ଥାନାରେ ଅମିରଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ରବିବାର ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଘଟଣାରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଛି।

## ଆଦୌ ପିଲା ନ ଥିବା ...

ପାଇଁ ଏହି ଧରଣର ସରକାରୀ ସ୍କୁଲଗୁଡ଼ିକର ମିଶ୍ରଣ କରାଉଛନ୍ତି। ସାରା ଦେଶରେ ଏପରି ଲକ୍ଷାଧିକ ସ୍କୁଲ ରହିଛି, ଯେଉଁଠି ଜଣେ ଲେଖାଏ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏଭଳି ସ୍କୁଲ ପିଲାଙ୍କ ସଂଖ୍ୟା ୩୩ ଲକ୍ଷରୁ ଅଧିକ ହେବ। ମାତ୍ର ଜଣେ ଶିକ୍ଷକଙ୍କୁ ନେଇ କାମ ଚଳାଉଥିବା ସର୍ବାଧିକ ସ୍କୁଲ ଆନ୍ଧ୍ର ପ୍ରଦେଶରେ ରହିଛି। ଏହା ପଛକୁ ୟୁପି, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଲାକ୍ଷାଦ୍ୱୀପ ରହିଛି। ୨୦୨୨-୨୩ରେ ଦେଶରେ ସିଙ୍ଗଲ-ଟିଚର ସ୍କୁଲ ସଂଖ୍ୟା ୧,୧୮,୧୯୦ ଥିବାବେଳେ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରାୟ ୬ ପ୍ରତିଶତ ହ୍ରାସ ପାଇ ୧,୧୦,୯୭୧କୁ ଖସିଆସିଥିଲା।

## ବାତ୍ୟା ପାଇଁ ଛୁଟି ...

ବର୍ଷା ହେବ। ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, ନୂଆପଡା, କଳାହାଣ୍ଡି ଓ ବୌଦ୍ଧରେ ସର୍ବାଧିକ ପ୍ରଭାବ ରହିବାର ସମ୍ଭାବନା ରହିଛି। ସେହିପରି ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼ ଜିଲାଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ନେଇ ପୂର୍ବାନୁମାନ କରାଯାଇଛି। ପ୍ରବଳ ପବନ ଯୋଗୁ ଉଦ୍ୟାନ କୃଷି ଏବଂ ଧାନ ଫସଲର କ୍ଷତି ହୋଇପାରେ। ସେହିପରି କଚ୍ଚା ଘର, କାନ୍ଥ ଏବଂ କୁଡିଆର ସାମାନ୍ୟ କ୍ଷତି, ବିଦ୍ୟୁତ୍ ଏବଂ ଯୋଗାଯୋଗ ଲାଇନ୍‌ର ସାମାନ୍ୟ କ୍ଷତି, କଚ୍ଚା ଏବଂ ପକ୍କା ରାସ୍ତାର ସାମାନ୍ୟ କ୍ଷତି, ଗଛଡାଳ ଭାଙ୍ଗିବା, ଗଛ ଉପୁଡିବା, ତଳିଆ ଅଞ୍ଚଳରେ ପାଣି ଜମି ରହିବା, ସ୍ଥାନୀୟ ଭୂସ୍ଖଳନ, ମାଟି ଅତଡା ଖସିବା ଆଦି ପ୍ରଭାବ ପଡିପାରେ। ଏହାସହ ବାତ୍ୟା ସମୟରେ ଓଡ଼ିଶାରେ ପବନର ବେଗ ୬୦ ରୁ ୭୦ କି.ମି ରହିବ। ଝଟକା ପବନ ଘଣ୍ଟା ପ୍ରତି ୮୦ କି.ମି ରହିବ। ପବନର ବେଗକୁ ନେଇ ସମୁଦ୍ର ମଧ୍ୟ ଅଶାନ୍ତ ରହିବ। ତେଣୁ ରବିବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

### ଆଜି ୮ ଜିଲାରେ ପ୍ରବଳ ବର୍ଷା

ସୋମବାର ପ୍ରବଳରୁ ଅତି ପ୍ରବଳ (୧୨ରୁ ୨୦ ସେ.ମି ପର୍ଯ୍ୟନ୍ତ) ବର୍ଷା ନେଇ ୮ଟି ଜିଲା କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ନୂଆପଡା, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବର୍ଷା ସମୟରେ ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ପବନ ବହିବା ନେଇ ସତର୍କତା ଜାରି କରାଯାଇଛି।

### ୨୮ ତାରିଖରେ ୫ ଜିଲାକୁ ରେଡ୍ ଆଲର୍ଟ

ମଙ୍ଗଳବାର ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ଗଞ୍ଜାମ, ଗଜପତି, ରାୟଗଡ଼, ମାଲକାନଗିରି ଓ କୋରାପୁଟ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କି.ମି ପର୍ଯ୍ୟନ୍ତ ରହିବ। ଏଥିସହ କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟ ସମସ୍ତ ଜିଲାଗୁଡିକରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

## କାହା ସପକ୍ଷରେ ...

ଦୁଇ ଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଲା। ରବିବାର ନୂଆପଡ଼ା ଏନ୍‌ଏସି ଏବଂ ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ କନକବର୍ଦ୍ଧନ ଦଳୀୟ କାର୍ଯ୍ୟରେ ବୁଲୁଥିବା ଦେଖିବାକୁ ମିଳିଛି। ସେହିପରି ଭାଜପା ପଶ୍ଚିମ ଓଡ଼ିଶାର ନେତାମାନଙ୍କୁ ଏହି ଉପନିର୍ବାଚନର ଜୋନ୍‌ୱାରି ଦାୟିତ୍ୱ ବଣ୍ଟନ କରିଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାରେ ସେମାନଙ୍କ ସ୍ଥାନୀୟ ନେତାଙ୍କ ଗୁରୁତ୍ୱ ଦଳ ଭିତରେ ବଢ଼ିଥିବା ନେଇ ଭାଜପା ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ଏହି ଉପନିର୍ବାଚନରେ ଭାଜପା ଉପକୂଳିଆ ନେତାଙ୍କୁ ଦାୟିତ୍ୱ ଦେଇଥିଲେ ମଧ୍ୟ ଆଗଧାଡ଼ିରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ରଖିଛି। ହେଲେ ପୂର୍ବଭଳି ବିଜେଡି ପୁଣିଥରେ ପଶ୍ଚିମ ଓଡ଼ିଶା ନେତାଙ୍କୁ ଅବହେଳା କରିବାର ବାର୍ତ୍ତା ସେହି ଅଞ୍ଚଳକୁ ଆସି ଦେଉଛି ବୋଲି ତାଙ୍କ ଦଳରେ ଚର୍ଚ୍ଚା କରାଯାଉଛି। ଯେଉଥିପାଇଁ ପଶ୍ଚିମ ଓଡ଼ିଶାର ଅନେକ ନେତା ଏବେ ଅସୁସ୍ଥତା ଏବଂ ଅନ୍ୟାନ୍ୟ ବାହାନା ଦେଖାଇ ଉପନିର୍ବାଚନରୁ ନିଜକୁ ଦୂରେଇ ରଖିଛନ୍ତି। ଜଣେ ବିଜେଡି ନେତାଙ୍କ କହିବା ମୁତାବକ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ଟୁକୁନି ସାହୁ, ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଭୂପିନ୍ଦର ସିଂଙ୍କ ଭଳି ଅନେକ ପଶ୍ଚିମ ଓଡ଼ିଶା ନେତା ଉପନିର୍ବାଚନରେ ଦେଖିବାକୁ ମିଳୁନାହାନ୍ତି। ଅନେକ ଉପକୂଳିଆ ନେତା ଆସି ଉପନିର୍ବାଚନରେ ମାମଲାତି କରିବା ଆଗକୁ ଦଳ ପାଇଁ ବୁମେରାଂ ହୋଇପାରେ ବୋଲି କୁହାଯାଉଛି। ବିଜେଡି ପକ୍ଷରୁ ଖରିଆର ରୋଡ୍ ଏନ୍‌ଏସି, ନୂଆପଡା ଏନ୍‌ଏସି, କୋମନା ଏବଂ ନୂଆପଡ଼ା ବ୍ଲକର ଦାୟିତ୍ୱ ସମ୍ପୂର୍ଣ୍ଣ ଉପକୂଳ ନେତାଙ୍କ ହାତରେ ଟେକି ଦିଆଯାଇଛି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଦିଆଯାଇଛି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ(ବବି), ନୂଆପଡା ଏନ୍‌ଏସିରେ ଅତନୁ ସବ୍ୟସାଚୀ ନାୟକ ଏବଂ ନୂଆପଡ଼ା ବ୍ଲକରେ ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଓ ପ୍ରତାପ ଜେନା ମୁଖ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏମାନେ ସମସ୍ତେ ଉପକୂଳ ନେତା ହୋଇଥିବାବେଳେ ଜଣେ ହେଲେ ପଶ୍ଚିମ ଓଡ଼ିଶା ନେତାଙ୍କୁ ମୁଖ୍ୟ ଭୂମିକାରେ ରଖାଯାଇନାହିଁ। ମିଳିଥିବା ସୂଚନା ଅନୁଯାୟୀ ଆଉ ଜଣେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସମ୍ପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ରିପୋର୍ଟ ସଂଗ୍ରହ କରି ନବୀନ ନିବାସ ପଠାଉଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ଉପକୂଳର ଏହି ମାମଲାତି ଭୋଟିଂ ପ୍ରକ୍ରିୟାକୁ ଯେ କେବଳ ପ୍ରଭାବ ପକାଇବ ତାହା ନୁହେଁ, ଏହା ଭାଜପାକୁ ମଧ୍ୟ ସୁହାଇବ ବୋଲି କୁହାଯାଉଛି।

ନୂଆପଡ଼ା ନିର୍ବାଚନମଣ୍ଡଳୀଟି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଛି। ସ୍ୱାଭାବିକ ଭାବେ ଭକ୍ତ ନୂଆପଡ଼ାରେ ଜଣେ ପରିଚିତ ଏବଂ ପୁରୁଖା ନେତା। ହେଲେ କଂଗ୍ରେସ ସଭାପତିଙ୍କ ଦୁଇଟି ଚିଠି ଦଳୀୟ ମହଲରେ ନିରାଶା ସୃଷ୍ଟି କରିବା ସହ ତାଙ୍କର କିଛି ନ୍ୟସ୍ତସ୍ୱାର୍ଥ ଉପନିର୍ବାଚନକୁ ନେଇ ରହିଛି ବୋଲି ବହୁଜଣ କହିବା ଆରମ୍ଭ କଲେଣି। ଗୋଟିଏ ଚିଠିରେ ଭକ୍ତ ଉଲ୍ଲେଖ କରିଛନ୍ତି, ଅଯଥାରେ ଏଠାକୁ ଆସି କେହି ଗହଳି କରନ୍ତୁ ନାହିଁ। ଆଉ ଏକ ଚିଠିରେ ଉଲ୍ଲେଖ କରିଛନ୍ତି, ଯାହା ପାଖରେ ସମ୍ଭବ କିଛି ଆର୍ଥିକ ସହାୟତା ପ୍ରଦାନ କରନ୍ତୁ। ବିଧିବଦ୍ଧ ଭାବେ ସବୁ ଅଞ୍ଚଳର ନେତାମାନଙ୍କୁ ଉପନିର୍ବାଚନରେ ସାମିଲ କରିବାକୁ ଭକ୍ତ ନ ଚାହିଁବା ନେଇ ଦଳରେ ଅସନ୍ତୋଷ ଦାନା ବାନ୍ଧିଲାଣି। ଉପକୂଳର ଜଣେ ବରିଷ୍ଠ ନେତା କହିଛନ୍ତି, ଆମେମାନେ ପଚାଶ ବର୍ଷ ହେଲା କଂଗ୍ରେସରେ କାମ କରୁଛୁ। ଅନେକ ନୂଆ ଏବଂ ଯୁବନେତା ଦଳରେ ଯୋଡ଼ିହେବାକୁ ଚାହୁଁଛନ୍ତି। ଉପନିର୍ବାଚନରେ ଯଦି ସବୁ ପ୍ରାନ୍ତର ନୂଆ ପିଲାଙ୍କୁ ଏବଂ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇଥାନ୍ତା, ତେବେ ଲଢ଼େଇରେ ଦଳୀୟ ପ୍ରାର୍ଥୀଙ୍କୁ ଆଉ ଟିକିଏ ବଳ ମିଳିଥାନ୍ତା। ଶୁଣିବାକୁ ମିଳୁଛି, ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା ଏବଂ ତାରାପ୍ରସାଦ ବାହିନୀପତିଙ୍କ ଭଳି ବହୁନେତା ଏବେ ଉପନିର୍ବାଚନ ପାଇଁ ଡାକରା ପାଇନାହାନ୍ତି। ଭକ୍ତଙ୍କ ଏହି ରଣନୀତି କାହା ସପକ୍ଷରେ ବୋଲି ଚର୍ଚ୍ଚା ହେଲାଣି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶି ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ବହୁ ପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କଲେ କଳହକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ମତଭେଦ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। କୃତ୍ତିକା ନକ୍ଷତ୍ର ସକାଶେ ଆଜି ସହକର୍ମୀଙ୍କ ସହାୟତାରେ ଅର୍ଥ ଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମ ବିଷୟକୁ ନେଇ ଚିନ୍ତିତ ରହିବେ। କମ୍ପାନୀ କାମରେ ମାଲିକ ସହ ଛୋଟ କଥାରୁ ମନୋମାଳିନ୍ୟର ସୂଚନା ରହିଛି।

**ମିଥୁନ**
ଆତ୍ମୀୟ ସ୍ୱଜନଙ୍କ ସହ ଭୁଲ୍ ବୁଝାମଣା କଳହର କାରଣ ହୋଇପାରେ। ମୃଗଶିରା ନକ୍ଷତ୍ର ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପ୍ରଭାବରେ ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ**
ପାରିବାରିକ ଜୀବନରେ ବହୁଳ ବ୍ୟୟ ମାନସିକ ସ୍ଥିତିକୁ ପ୍ରଭାବିତ କରିବ। ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ବନ୍ଧୁମାନଙ୍କ ସାହାଯ୍ୟରେ ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

**ସିଂହ**
ମନ କଥା ମନ ଭିତରେ ସାଇତି ରଖି ନିତିଦିନିଆ କାମ ସକାଶେ ସକାଳୁ ସକାଳୁ ବାହାରିବାକୁ ପଡ଼ିପାରେ। ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ଅନିୟମିତ ଆହାର ଯୋଗୁ ଅସୁସ୍ଥ ହୋଇପାରନ୍ତି।

**କନ୍ୟା**
ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କରି ଧୈର୍ଯ୍ୟଧାରଣ ପୂର୍ବକ କାର୍ଯ୍ୟ କଲେ ଉପକୃତ ହେବେ। ଚିତ୍ରା ନକ୍ଷତ୍ର ରପ୍ତାନି ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି।

**ତୁଳା**
ବିଶାଖା ନକ୍ଷତ୍ରର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କାର୍ଯ୍ୟସାଧନ କ୍ଷେତ୍ରରେ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହୋଇପାରନ୍ତି।

**ବିଛା**
ନୂତନ ବନ୍ଧୁତ୍ୱ ସାଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡ଼ିଯାଇପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଅନୁରାଧା ନକ୍ଷତ୍ରର ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ**
ଆନୁଷ୍ଠାନିକ କାର୍ଯ୍ୟ ମଧ୍ୟରେ ପ୍ରିୟ ବନ୍ଧୁଙ୍କର ଦର୍ଶନଜନିତ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପର ଉପରେ ନିର୍ଭର କରିବା ସକାଶେ ବାଧ ହେବାକୁ ପଡ଼ିପାରେ।

**ମକର**
କାମ ହାସଲରେ ବିଳମ୍ବ ମନକୁ ଭାରାକ୍ରାନ୍ତ କରିବ। ଏହା ସାଙ୍ଗକୁ ସଦା ସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**
ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ କିଛି କରିବା ସକାଶେ ଯାହା ଓ ଯେପରି ଭାବୁଛନ୍ତି ତାହା ଆରମ୍ଭ କରିବା ଭଲ ହେବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରନ୍ତି।

**ମୀନ**
ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଧୀରେ ଧୀରେ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବାର ସୂଚନା ରହିଛି। ମାଲିମକଦ୍ଦମା, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ନିଜ ପରିବାର ସମ୍ବନ୍ଧରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଅକ୍ଟୋବର ୨୭ ତାରିଖ, ସତର୍କତା ସଚେତନତା ସପ୍ତାହାରମ୍ଭ, କାର୍ତ୍ତିକ ଶୁକ୍ଳଷଷ୍ଠୀ ସୋମବାର। ଦିବା ଘ.୦୧।୨୭ ଗତେ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୪୯ ଗତେ ଘ.୦୭।୧୪ମି. ମଧ୍ୟେ, ଘ.୦୮।୫୧ ଗତେ ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ, ଯୁବକ ଗିରଫ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗାନ୍ଧୀନଗର ସ୍ଥିତ ଏକ କଲେଜ ସମ୍ମୁଖରୁ ଜଣେ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ନିକଟ ମୋହନପୁରର ଜୀବନ ପଣ୍ଡା(୨୪) । ରବିବାର ଉଭୟ ପୀଡ଼ିତା ଓ ଅପହରଣକାରୀଙ୍କ ଡାକ୍ତରୀ ମାଇନା କରାଯାଇଛି। ସେହିପରି କୋର୍ଟରେ ପିଡ଼ିତାଙ୍କ ବୟାନ ରେକର୍ଡ ହୋଇଛି। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜଣେ ଛାତ୍ରୀ କଲେଜ ଆସି ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ନମିଳିବାରୁ ସେମାନେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ଜଣଙ୍କ ଖଲ୍ଲିକୋଟ ରେଳ ଷ୍ଟେସନରେ ଥିବା ଜାଣିବା ପରେ ଏକ ପୋଲିସ ଟିମ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଜୀବନଙ୍କୁ କାବୁ କରିଥିଲା।

### ଖୋଟି, ମେହେନ୍ଦି ପ୍ରତିଯୋଗିତା

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ମହାନ ସଂଘର ୪୦ତମ ବାର୍ଷିକ ଉତ୍ସବ ଅବସରରେ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସୁଶାନ୍ତ କୁମାର ସାବଙ୍କ ତତ୍ତ୍ୱାବଧାନରେ ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗୃହିଣୀମାନେ ନୃତ୍ୟ, ଗୀତ ସହ ରଙ୍ଗୋଲି, ଖୋଟି, ମେହେନ୍ଦୀ, ହୁଳହୁଳି, ଖାଦ୍ୟ ପ୍ରସ୍ତୁତି ଓ ଶଙ୍ଖଧ୍ୱନୀ ପ୍ରତିଯୋଗିତାରେ ସାମିଲ ଥିଲେ। ଆସନ୍ତା ମାସ ୨ ତାରିଖରେ ଗଞ୍ଜାମ କଳା ପରିଷଦରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ନୃତ୍ୟ ବିଚାରକ ଭାବେ ଅମ୍ବିକା ଦାଶାରୀ, ଡି.ସମୀର, ସଙ୍ଗିତା ପାଣିଗ୍ରାହୀ, ଇନ୍ଦ୍ରାଣୀ ସାବତ , ସୁନନ୍ଦା ମହାପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ମନୋରଞ୍ଜନ ପାଢ଼ି, ଉମା ଶଙ୍କର ପାଣି, ତପନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଆସୁଛି ମୋନ୍ଥା, ଚାଷୀ ଆତଙ୍କିତ

## ଭୟଭୀତ ନ ହେବାକୁ କୃଷି ବିଭାଗର ପରାମର୍ଶ

ବ୍ରହ୍ମପୁର,୨୬।୧୦(ଅଶୋକ କୁମାର ସାହୁ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ କୃଷି ପ୍ରଧାନ ଗଞ୍ଜାମ ଜିଲାର ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଅନେକ ସଚେତନ କରାଯାଇଥିଲେ ବି ଚାଷୀମନରୁ ଭୟ ଛାଡୁନି। ଚଳିତବର୍ଷ ଜିଲାରେ ୩ ଲକ୍ଷ ୮୯ ହଜାର ୮୨୦ ହେକ୍ଟର ଜମିରେ ଚାଷ କରାଯିବାକୁ କୃଷି ବିଭାଗ ତରଫରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସେଥିରୁ ୧ ଲକ୍ଷ ୮୬ ହଜାର ୬୩୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ୪୨ ହଜାର ୬୫୦ ହେକ୍ଟର ଜମିରେ ପରିବା ଚାଷ ହୋଇଥିବାବେଳେ ୧ ଲକ୍ଷ ୬୦ ହଜାର ୫୪୦ ହେକ୍ଟର ଜମିରେ ଡାଲି ଓ ତୈଳବୀଜ ଅର୍ଥାତ ଅଣଧାନ ଚାଷ କରାଯାଇଥିବା କୃଷି ବିଭାଗ ରିପୋର୍ଟରୁ ଜଣାପଡିଛି। ଚଳିତବର୍ଷ ସଅଳ ମୌସୁମୀ ଆସିଥିଲେ ବି ବର୍ଷାର ଅନିୟମିତତା ଯୋଗୁ ଚାଷୀ କୁଳ ବହୁ ବିଳମ୍ବରେ ରୁଆରୁଇ କରିଥିଲେ। ତେବେ ବିଳମ୍ବ ହେବାରୁ ୟୁରିଆ ସାର ଦେଇ ଗଛକୁ ବଢ଼ାଇବାକୁ ଚେଷ୍ଟା କରିଥିବାବେଳେ ଅନେକ ସ୍ଥାନରେ ୟୁରିଆ ସାରର ଅଭାବ ଚାଷୀକୁଳକୁ ନିରାଶ କରିଥିଲା। ତଥାପି ଲୋକେ ଚଢ଼ାଦରରେ ୟୁରିଆ କିଣି ଗଛକୁ ବଢ଼ାଇଥିଲେ। ପରେ ପରେ ଧାନ ଚାଷକୁ ଯେଭଳି ବର୍ଷା ଦରକାର ବା ଜଳସେଚନ


ଶୀତଳାପଲ୍ଲୀ ନିକଟରେ ହୋଇଥିବା ଫସଲ।

ଦରକାର ସେଥିରେ କୌଣସି ବାଧା ସୃଷ୍ଟି ହୋଇନଥିଲା। ତେଣୁ ଗଛ ବଢ଼ି ବର୍ତ୍ତମାନ କେଣ୍ଡା ଧରିଛି। ଚାଷୀକୁଳ ଚଳିତବର୍ଷ ଭଲ ଫସଲ ଅମଳ ହେବ ବୋଲି ଆଶା ରଖିଥିଲେ। ୧୨୦ ଦିନିଆ ଧାନଗୁଡିକ ବର୍ତ୍ତମାନ ଅମଳ ହୋଇ ସାରିଲାଣି। ଆଉ କେତେ ଜାଗାରେ କଟା ହୋଇନାହିଁ। ଅନେକ ସ୍ଥାନରେ ଧାନ କେଣ୍ଡା ଧରିଛି। ଏଭଳି ସ୍ଥିତିରେ ବାତ୍ୟା ମୋନ୍ଥା ଆସିବ ବୋଲି ପାଣି ପାଗ ବିଭାଗ ପକ୍ଷରୁ କୁହାଯିବା ପରେ ଚାଷୀକୁଳ ସ୍ତବ୍ଧ ହୋଇଯାଇଛନ୍ତି। ଫସଲକୁ କିଭଳି ରକ୍ଷା କରାଯାଇପାରିବେ ସେଥିନେଇ ଲାଗି ପଡିଛନ୍ତି।

ଏନେଇ କୃଷି ବିଭାଗ ଫସଲର ସୁରକ୍ଷା ପାଇଁ ପ୍ରଶାସନିକ ନିର୍ଦ୍ଦେଶରେ ତତ୍ପର ହୋଇ ଉଠିଛି। ଜିଲା ମୁଖ୍ୟକୃଷି ଅଧିକାରୀ ଡ. ଅଜୟ କୁମାର କରଙ୍କ ନିର୍ଦ୍ଦେଶରେ ବ୍ଲକ କୃଷି ବିଭାଗ ପକ୍ଷରୁ କର୍ମଚାରୀମାନେ ଗାଁ ଗାଁ ବୁଲି ଏନେଇ ଆଗୁଆ ସଚେତନ କରୁଛନ୍ତି। ଯେଉଁ ଫସଲ ପାଚିଯାଇଛି ସେଗୁଡିକ ନ କାଟିବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ ଯେଉଁ ବିଲରେ ପାଣି ରହିବ ତାହାକୁ ନାଳି ଦ୍ୱାରା ନିଷ୍କାସନ କରିବାକୁ କୁହାଯାଇଛି। ଭୟଭୀତ ନ ହୋଇ ନିଜ ଫସଲର ସୁରକ୍ଷା କରିବାକୁ ଜିଲ ମୁଖ୍ୟ କୃଷି ଅଧିକାରୀ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ବ୍ଲକ ଆମ୍ବିଳିଝର ଗ୍ରାମର ଚାଷୀ ବନବାସୀ ଗୌଡ କହିଛନ୍ତି, ବାତ୍ୟା ସୂଚନା ମିଳିବା ପରେ ଫସଲ ସୁରକ୍ଷା ଚିନ୍ତା ଘାରିଛି। କୃଷି ବିଭାଗର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି। ସେହିପରି ଶେରଗଡ ବ୍ଲକ ସୁନାନ୍ତର ଗ୍ରାମର ଚାଷୀ ସଞ୍ଜୟ ଜେନା କହିଛନ୍ତି, ବର୍ତ୍ତମାନ ଧାନ କେଣ୍ଡା ଧରିଥିବାବେଳେ କିଭଳି ସୁରକ୍ଷିତ ରଖାଯିବ ଚିନ୍ତା ପଶିଛି। ଧରାକୋଟ ବ୍ଲକ ମଛାକୋଟ ଗ୍ରାମର ଚାଷୀ ସତ୍ୟନାରାୟଣ ପ୍ରଧାନ କହିଛନ୍ତି, କୃଷି ବିଭାଗ ପରାମର୍ଶ ଅନୁସାରେ ଫସଲ କିଭଳି ସୁରକ୍ଷିତ ସେଥିନେଇ ପ୍ରସ୍ତୁତି ଜାରି ରହିଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ କୃଷି ଅଧିକାରୀ କୁହନ୍ତି, ବାତ୍ୟା ପରେ ଫସଲରେ ରୋଗପୋକ ଲାଗିବା ସମ୍ଭାବନା ଥିବାରୁ ସେଥିନେଇ ଚାଷୀଙ୍କୁ ସଚେତନ କରାଯାଇଛି। ତେବେ ପରିବା ଫସଲ କିଭଳି ସୁରକ୍ଷିତ ରହିବ ସେଥିନେଇ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଯେଉଁ ପରାମର୍ଶ ଦିଆଯାଇଛି ତାହା ଦ୍ୱାରା ପରିବା ଚାଷୀଙ୍କୁ ସଚେତନ କରାଯାଇଥିବା ବିଭାଗୀୟ ଉପ ନିର୍ଦ୍ଦେଶକ କନ୍ଦ ଜେନା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବିଶେଷ କରି ପରିବା ଯେଉଁଠି ଲଗାଯାଇଛି ସେହି ଜମିରୁ ଜଳ ନିଷ୍କାସନ କରିବା ଉଚିତ, ଯେଉଁଠି ଚାରା ଲଗାଯାଇଛି ତାହାକୁ ଘୋଡାଇ ରଖିଲେ କୌଣସି କ୍ଷତି ହେବ ନାହିଁ ବୋଲି ଚାଷୀଙ୍କୁ ସଚେତନ କରାଯାଇଥିବା ସେ କହିଛନ୍ତି।

# ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଚିତ୍ରାଙ୍କନ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀ ଛାତ୍ର।

ବ୍ରହ୍ମପୁର,୨୬।୧୦(ସ୍ମୃତି ରଞ୍ଜନ ମହାଲିକ)

ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ଅବସରରେ ଦି ପିପୁଲସ ଟ୍ରଷ୍ଟ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୪ର୍ଥ ଶ୍ରେଣୀରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତା ବିଷୟ ଥିଲା ପ୍ରଦୂଷଣ ନିୟନ୍ତ୍ରଣ। ଆସନ୍ତା ମାସ ୨ ତାରିଖରେ ସମ୍ବିଧାନ ସୁରକ୍ଷାରେ ଛାତ୍ର ସମାଜର ଭୂମିକା ନେଇ ପ୍ରବନ୍ଧ ପ୍ରତିଯୋଗିତା ଓ ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ୱପ୍ନ ସାକାର ହୋଇଛି କି ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଆଜିର କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଆରତୀ ଶତପଥୀ ଓ ବିଜୟ କୁମାର ପରିଚାଳନା କରିଥିଲେ। ଆଇନଜୀବୀ ଗୋକୁଳ ତ୍ରିପାଠୀ , ପ୍ରତାପ ଚନ୍ଦ୍ର ଚୌଧରୀ , ଶିବ ପ୍ରସାଦ ମହାପାତ୍ର , ଏ. ଆନନ୍ଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବଡ଼ ମେଡିକାଲକୁ ଶରୀର ଦାନ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜର ଆନାଟାମି ବିଭାଗକୁ ମୃତ୍ୟୁପରେ ୩୨ ତମ ଶରୀର ଦାନ ସୂତ୍ରରେ ମିଳିଛି। ଶାନ୍ତି ନଗରର କେ.ଭାଗ୍ୟଲକ୍ଷ୍ମୀ ଶନିବାର ରାତିରେ ମୃତ୍ୟୁ ହୋଇଥିଲା। ତାଙ୍କର ଦୁଇ ଭଉଣୀ କେ.ଭବାନୀ ଭିଲାଇରେ ଓ କେ.ବୀଣା ବେଙ୍ଗାଲୁରରେ ରହୁଛନ୍ତି। ସେମାନଙ୍କ ସହମତିରେ ମାନବବାଦୀ ହେତୁବାଦୀ ସଂଗଠନ, ଗଂଜାମ ଜିଲ୍ଲା ଶାଖା ଓ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ବ୍ରହ୍ମପୁରର ସଭ୍ୟଙ୍କ ପ୍ରେରଣାରେ ଭାଗ୍ୟଲକ୍ଷ୍ମୀଙ୍କ ମୃତଶରୀର ଆନାଟାମି ବିଭାଗ ମୁଖ୍ୟ ପ୍ରଫେସର ଜାମି ସାଗର ପୃଷ୍ଟିଙ୍କୁ ହସ୍ତାନ୍ତର କରାଗଲା। ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ.ନନ୍ଦେଷ୍ଣୁ ସେନାପତି, ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର,କୋଷାଧ୍ୟକ୍ଷ ସୁନେଜ କୁମାର ପାଣିଗ୍ରାହୀ, ଜମ୍ମୁଲା ସୁରେଶ,ରାଜ୍ୟ ସଂଗଠନର କୋଷାଧ୍ୟକ୍ଷ ଡି.ମୋହନ ରାଓ, କେ.ବାସବା ରାଜୁ, ପ୍ରତାପ ଚନ୍ଦ୍ର ପ୍ରଧାନ ମାନବ ଅଧିକାର ବିକାଶ ମଂଚର ଅଧ୍ୟକ୍ଷ ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡଙ୍ଗା, ଫ୍ରେଣ୍ଡ ହେଲପିଙ୍ଗ କ୍ଲବର କେ.ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିପଦର କ୍ଲଷ୍ଟରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା

ବାଲିପଦର,୨୬।୧୦(ବିଶିକେସନ ସ୍ୱାଇଁ)

ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ 'ଉଲ୍ଲାସ' ଜରିଆରେ ବାଲିପଦର କ୍ଲଷ୍ଟରରେ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ୧୫ବର୍ଷ ବା ତଦୁର୍ଦ୍ଧ୍ୱ ଅଧିବାସୀଙ୍କୁ ମୌଳିକ ଶିକ୍ଷା, ଜୀବନ ଧାରଣ କୌଶଳ ଏବଂ ବୃତ୍ତିଗତ ଦକ୍ଷତାରେ ପରିପୁଷ୍ଟ କରି ବିକଶିତ ଭାରତ ଅଭିମୁଖେ କ୍ଷିପ୍ରତାର ସହ ଅଗ୍ରସର ହେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୩ୟ ପର୍ଯ୍ୟାୟରେ ଉକ୍ତ କ୍ଲଷ୍ଟରର ୨୬୫ ପ୍ରଶିକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ପରିଡାଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ପରୀକ୍ଷା ସୁଚାର ରୂପେ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅମିତା ପାଢ଼ୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ରାଣୀ ଦାସ ଧନ୍ୟବାଦ ଦେଇଥିଲେ।

# ଦଳପତି ମହାସଭାର କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର,୨୬।୧୦(ସ୍ମୃତି ରଞ୍ଜନ ମହାଲିକ)

ଦଳପତି ମହାସଭାର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ବିଜିପୁର ସନ୍ତୋଷୀ ମାଁ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ କମିଟି ସଭାପତି ପ୍ରମୋଦ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପାତ୍ର ଗତ ବୈଠକର ବିବରଣୀ ଓ ଗୌରୀଶଙ୍କର ପାତ୍ର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବୁଗୁଡ଼ା ତହସିଲଦାର ତାପସ ରାଉତ, ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ସମ୍ବଲପୁର ସେଟେଲ୍ମେଣ୍ଟ କୋର୍ଟ ଅଫିସର ସୋନାଲୀ ଦଳେଇ, ପ୍ରଶିକ୍ଷଣରେ ଥିବା ଅଧିକାରୀ ଅନିଲ କୁମାର ବିଷୋୟୀ, ଜ୍ୟୋତିକୃଷ୍ଣ ପାତ୍ର, ରୋଜାଲିନ ଜେନା, ପୂଜା ସାମଲ, ଚିଦାନନ୍ଦ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ କେନ୍ଦ୍ରୀୟ କମିଟି ଅନସ୍ତୁ ଶାନ୍ତି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ରୂପେ ସାଇରାମ ପାତ୍ର ଓ ମିଡ଼ିଆ କମିଟିର ଅଧ୍ୟକ୍ଷ ରୂପେ ଆଇନଜୀବୀ ପବିତ୍ର କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଡ଼ ଶଙ୍କର୍ଷଣ ମାଝୀଙ୍କ ନେତୃତ୍ୱରେ ଆସନ୍ତା ୨୯ ତାରିଖରେ ଭୁବନେଶର ଠାରେ ଅନୁଷ୍ଠିତ ଓବିସି କମିଶନରଙ୍କ ପାଖରେ ଆବେଦନ ପତ୍ରର ପୁନଃ ଦାଖଲ ଓ ଅପିଲ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ଦଳପତି ଆଞ୍ଚଳିକ କମିଟି ଓ ଗ୍ରାମାଞ୍ଚଳ କମିଟି ଗଠନ ନିମନ୍ତେ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ, ଦଳପତି ଭବନ ସଭାଗୃହ ନିର୍ମାଣ ଆଦି ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀଙ୍କ ସମେତ କିଶୋର ଚନ୍ଦ୍ର ପାତ୍ର, ଶାନ୍ତନୁ କୁମାର ପାତ୍ର, ମଧୁସୂଦନ ଜେନା, ରାଜେନ୍ଦ୍ର ପ୍ରସାଦ ପାତ୍ର, କମଳ କୁମାର ପାତ୍ର, ରୀନାରାଣୀ ଦେବୀ, ଚିଦାନନ୍ଦ ସାମଲ, ହରିଶଙ୍କର କୋଠିଆ, ରବୀନ୍ଦ୍ର କୁମାର ସାହାଣୀ, ସଞ୍ଜୟ କୁମାର ମାଝୀ ଓ ଗୁରୁଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧.୧୦ ଲକ୍ଷ ଶିକ୍ଷାର୍ଥୀଙ୍କୁ ସାକ୍ଷର ଲକ୍ଷ୍ୟ

## ୬୦ ହଜାର ଶିକ୍ଷାର୍ଥୀ ୧୫୦୦ କେନ୍ଦ୍ରରେ ପରୀକ୍ଷା ଦେଲେ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଏବେ ଶିକ୍ଷା ବିଭାଗ 'ଉଲ୍ଲାସ' ନାମକ ନୂଆ ଯୋଜନା ଆରମ୍ଭ କରିଛି। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଯୋଜନା ପରିପ୍ରେକ୍ଷୀରେ ଗତ ମାସରେ ଏନେଇ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ କର୍ମଶାଳା ହୋଇଥିବାବେଳେ ରବିବାର ବିଭିନ୍ନ ସ୍କୁଲରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଜିଲାର ପ୍ରାୟ ୧୫୦୦ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯାଇଛି। ସବୁ ଶିକ୍ଷାର୍ଥୀଙ୍କୁ ଉଲ୍ଲାସ ବହି ପ୍ରଦାନ କରାଯାଇଛି। ରାଜ୍ୟସ୍ତରରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହି କାର୍ଯ୍ୟକ୍ରମ ତଦାରଖ କରୁଥିବାବେଳେ ଚଳିତ ଶିକ୍ଷା ବର୍ଷରେ ଗଞ୍ଜାମ ଜିଲାର ୧ ଲକ୍ଷ ୧୦ ହଜାର ନିରକ୍ଷରଙ୍କୁ ଚିହ୍ନଟ କରାଯାଇ ସାକ୍ଷର କରାଇବା ଲକ୍ଷ୍ୟ ରହିଛି ବୋଲି ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୬୨ ହଜାର ୩୦୮ ଜଣ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ହଜାର ଶିକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨୦୨୬ ମାର୍ଚ୍ଚରେ ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ (ଏଫଏଲଏନଏଟି) ଅନୁଷ୍ଠିତ ହେବ। ବଳକା ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରି ସେମାନଙ୍କୁ


ଶିକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି।

ସାକ୍ଷର କରିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ଏବଂ ଏନଆଇଏଲପିର ଜିଲା ସଂଯୋଜକ (ନୋଡାଲ ଅଫିସର) ଭୋପେନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ଏହି ପରୀକ୍ଷା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ମହାପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସିମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ୧୫ବର୍ଷରୁ ଅଧିକ ବୟସ୍କ ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଘର ଘର ବୁଲି ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରୁଥିଲେ। ସେତେବେଳେ ୬୨୩୦୮ ଶିକ୍ଷାର୍ଥୀ ଓ ୫୨୬୮ ସ୍ୱେଚ୍ଛାସେବୀ ଶିକ୍ଷକ ପଂଜିକୃତ ହୋଇଛନ୍ତି। ଅବଶିଷ୍ଟ ନିରକ୍ଷରଙ୍କୁ ଆଗାମୀ ଦିନରେ ଚିହ୍ନଟ କରି ସାକ୍ଷର କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ପାତ୍ର ପ୍ରକାଶ କରିଛନ୍ତି।

**ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା**

**ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହନ୍ସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** **ସ୍ୱା./– ନିର୍ଦ୍ଦେଶକ, ପଛୁଆ ବର୍ଗ**

# ବେପରୁଆ ଚାଳକ

ଭାରତରେ ଅନେକ ଥର କୁହାଯାଏ ଯେ, ସାଧାରଣ ମଣିଷ ଜୀବନର ମୂଲ୍ୟ କିଛି ନାହିଁ। ଆଜିକାଲି ବିଭିନ୍ନ କ୍ଷେତ୍ରରେ ତାହାର ପ୍ରମାଣ ମିଳୁଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ୨୪ ଅକ୍ଟୋବରରେ ଏକ ବସ୍ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ପରେ ବିଳାସପୂର୍ଣ୍ଣ ଗାଡ଼ିରେ ଯାତ୍ରୀଙ୍କ ସୁରକ୍ଷା ପ୍ରଶ୍ନବାଚୀକୁ ଆସିଯାଇଛି। ଏକ ବାଇକ୍ ସଡ଼କ ଉପରେ ଖସିଯାଇ ବସ୍ ସହ ଧକ୍କା ହେବା ପରେ ବସ୍‌ଟି ହୁତୁହୁତୁ ହୋଇ ଜଳିଯାଇଥିଲା। ସେଥିରେ ଥିବା ୪୬ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୯ ଜଣଙ୍କ ଜୀବନ ଯାଇଥିବାବେଳେ ବାଇକ୍ ଚାଳକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ୨୬ ଅକ୍ଟୋବରରେ ଆନ୍ଧ୍ରପ୍ରଦେଶ ପୋଲିସ ସ୍ପଷ୍ଟ କରିଛି ଯେ, ବାଇକ୍ ଆରୋହୀ ଅତି ମାତ୍ରାରେ ମଦ୍ୟପାନ କରିଥିବାରୁ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସ୍ ସହ ଧକ୍କା ଦେଇଥିଲେ। ଯେଉଁ ପେଟ୍ରୋଲ ପମ୍ପ୍‌ରୁ ସେ ତେଲ ପକାଇଲେ ସେଠାକାର ସିସିଟିଭି ଯାଞ୍ଚ କରାଯିବା ପରେ ସେ କେତେ ମାତ୍ରାରେ ନିଶାସକ୍ତ ଥିଲେ ସେହି ଭିଡିଓରୁ ଜଣାପଡ଼ିଯାଉଛି। ନିଶାସକ୍ତ ଚାଳକ ଆତଙ୍କବାଦୀଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କୁହାଯାଇପାରେ। କାରଣ ତାଙ୍କ ବେପରୁଆ ଗାଡ଼ିଚାଳନା ଅନ୍ୟମାନଙ୍କ ମୃତ୍ୟୁର କାରଣ ପାଲଟୁଛି। ଭାରତରେ ଦୁଇଚକିଆ, ଚାରି କିମ୍ବା ତଦୂର୍ଦ୍ଧ୍ୱ ଯାନଗୁଡ଼ିକ ପାଇଁ ଲାଇସେନ୍ସ ମିଳିବାର ପ୍ରକ୍ରିୟା ଦୁର୍ବଳ ରହିଛି। ଅନେକ କ୍ଷେତ୍ରରେ ଗାଡ଼ି ଚଳାଇବା ବା ସଡ଼କ ନିୟମ ବିଷୟରେ ତିଳେମାତ୍ର ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ସହଜରେ ଲାଇସେନ୍ସ ମିଳିଯାଉଛି।

କୁର୍ନୁଲ ଘଟଣାକୁ ଦେଖିଲେ ବସ୍‌ର ମାଲିକ, ଚାଳକ ଓ ସେଥିରେ ଥିବା ଅନ୍ୟ କର୍ମଚାରୀ ଏହି ଦୁର୍ଘଟଣାରେ ବହୁ ପରିମାଣରେ ଦାୟୀ ଥିବାର ପ୍ରମାଣ ମିଳୁଛି। ବସ୍ ଆନ୍ଧ୍ରପ୍ରଦେଶ ଓ କର୍ନାଟକ ମଧ୍ୟରେ ଚାଲୁଥିଲେ ମଧ୍ୟ ଓଡ଼ିଶାର ରାୟଗଡ଼ା ଆର୍‌ଟିଓରେ ପଞ୍ଜୀକୃତ ହୋଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଏହା ତେଲଙ୍ଗାନା ଓ ଡାମନ୍ ଡିଉରେ ମଧ୍ୟ ପଞ୍ଜୀକୃତ ହୋଇଥିବା ତଥ୍ୟ ମିଳିଛି। ଏଥିରୁ ବସ୍ ମାଲିକଙ୍କ କାଗଜପତ୍ର ଉପରେ ସନ୍ଦେହ ଉପୁଜିଛି। ବସ୍ ସହ ବାଇକ୍‌ର ଧକ୍କା ହେବା ବେଳେ ତାହା ଜଳିଯାଇଥିଲା। ପୁଣି ଖବର ମିଳିଛି ଯେ ବସ୍‌ରେ ଜଣେ ବ୍ୟବସାୟୀ ୨୩୭ ସ୍ମାର୍ଟଫୋନ୍ ନେଇ ଯାଉଥିଲେ। ଦୁର୍ଘଟଣା ଯୋଗୁ ସେଗୁଡ଼ିକ ବିସ୍ଫୋରକ ପାଲଟିଯିବା ବିଷୟକୁ ମଧ୍ୟ ଅନୁଧ୍ୟାନ କରାଯାଉଛି। ଅବଶ୍ୟ ଏଠାରେ କୁହାଯାଇପାରେ ଯେ, ଯାତ୍ରୀଙ୍କର ମଧ୍ୟ ନିଜସ୍ୱ ଦାୟିତ୍ୱ ରହିବା ଦରକାର। ବିମାନବନ୍ଦରରେ ଯାଞ୍ଚ ଭଳି ବସ୍‌ରେ ଟିକିନିକି କରି ଯାତ୍ରୀଙ୍କୁ ଚେକିଂ କରିବା ସମୟ ଓ ସାଧନର ଅଭାବ ଯୋଗୁ କାଠିକର ପାଠ। ଆଜିକାଲି ମାଲିକମାନେ ଉପର ସୁନ୍ଦର କରିବାକୁ ଯାଇ ସେମାନଙ୍କ ଗାଡ଼ିକୁ ଖୁବ୍ ବିଳାସପୂର୍ଣ୍ଣ କରି ଅଧିକ ଅର୍ଥ ଉପାର୍ଜନ ପାଇଁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଇଲେକ୍‌ଟ୍ରୋନିକ୍ସ, ଇଲେକ୍‌ଟ୍ରିକାଲ ଓ ଶୀତାତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ସୁରକ୍ଷାଠାରୁ ବେଶି ଗୁରୁତ୍ୱ ଦେଉଛନ୍ତି। ଯାତ୍ରୀଙ୍କୁ ଆରାମ ଦେବାକୁ ଯାଇ ନରମ ପଦାର୍ଥମାନ ବ୍ୟବହାର କରୁଛନ୍ତି। କିନ୍ତୁ ସେଗୁଡ଼ିକ ଯେ ଅତ୍ୟନ୍ତ ଦହନଶୀଳ ସେ ବିଷୟ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ବିଳାସପୂର୍ଣ୍ଣ ସେବା ଲାଗି ବସ୍‌କୁ ଉନ୍ନତ ପ୍ରଯୁକ୍ତିରେ ଗୁନ୍ଥି ଦିଆଯାଉଛି। କିନ୍ତୁ ଇଲେକ୍ଟ୍ରିକାଲ ଓ୍ୱାୟାରିଂଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରପାତିର ମାନ ଉପରେ ଧ୍ୟାନ ଦିଆଯାଉ ନାହିଁ। ଏଥିସହ ଅନେକ ବସ୍‌ରେ ଦୁର୍ଘଟଣା ଘଟିଲେ ସହଜରେ ଯାତ୍ରୀମାନେ ବାହାରିପାରିବାର ବାଟ ମିଳେ ନାହିଁ।

ଭାରତରେ ଯାତ୍ରୀ ସୁରକ୍ଷା ଏକ ବଡ଼ ସମସ୍ୟା ଭାବେ ଦେଖାଦେଲାଣି। ସଡ଼କ ସୁରକ୍ଷା, ଟ୍ରେନ୍ ଓ ବିମାନ ଚଳାଚଳରେ ମଧ୍ୟ ଅନେକ ସୁରକ୍ଷା ଅଭାବ ଥିବା ଦେଖିବାକୁ ମିଳୁଛି। ୨୦୨୫ ଅଗଷ୍ଟରେ ମିଳିଥିବା ସୂଚନା ଅନୁଯାୟୀ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ୨୦୨୩ ତଥ୍ୟ କହେ ଭାରତରେ ରାସ୍ତା ଦୁର୍ଘଟଣାରେ ପ୍ରତି ଘଣ୍ଟାରେ ୨୦ ଜଣ ଲୋକଙ୍କ ଜୀବନ ଯାଉଛି। କର୍ନୁଲ ଘଟଣାକୁ ଦେଖିଲେ ବାଇକ ଚାଳକ ଏବଂ ବସ୍ ଡ୍ରାଇଭର ଦୁଇଜଣ ନିଶାସକ୍ତ ଥିଲେ ବୋଲି କଥାଉଠୁଛି। ଦେଖିବାକୁ ଗଲେ ଦେଶରେ ସଡ଼କ ଦୁର୍ଘଟଣାର ଏକ ପ୍ରମୁଖ କାରଣ ନିଶାସେବନ କରି ଗାଡ଼ି ଚାଳନା। ବିଡ଼ମ୍ବନାର ବିଷୟ, ପ୍ରତ୍ୟେକ ରାଜପଥ ପାଖାପାଖି ଅଞ୍ଚଳରେ ଅନାୟାସରେ ମଦ ଦୋକାନ ବାଣ୍ଟି ହୋଇ ଖୋଲାଥାଏ। ଏଥିସହ ମଦପିଇ ଗାଡ଼ି ଚଳାଉଥିବା ବ୍ୟକ୍ତି ଧରାପଡ଼ିଲେ ଅତି ସହଜରେ ଖସିଯାଆନ୍ତି। ସେଥିପାଇଁ ଆଇନରେ ମଧ୍ୟ ବଡ଼ ପରିବର୍ତ୍ତନ ଦରକାର। ତା'ଠାରୁ ବଡ଼ କଥାହେଲା ଆଇନର କାର୍ଯ୍ୟକାରିତା। ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍‌କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା। ସବୁଠାରୁ ବଡ଼କଥା ହେଲା, ଭାରତୀୟଙ୍କ ମାନସିକତାରେ ପରିବର୍ତ୍ତନ। ଯେପର୍ଯ୍ୟନ୍ତ ନିଜର ଓ ଅନ୍ୟମାନଙ୍କ ନିରାପତ୍ତା ଚିନ୍ତା ମନକୁ ନ ଆସିବ ଏବଂ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ନ ଘଟିବ, ସେପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବା କଷ୍ଟକର।

> **ବିଭିନ୍ନ ସହର ଜାଗାରେ ପୋଲିସ ହେଲମେଟ୍ ଚେକିଂ କରିବା ପରିବର୍ତ୍ତେ ରାଜପଥରେ ନିଶା ଚେକିଂ ପଏଣ୍ଟ ଏବଂ ବେପରୁଆ ଗାଡ଼ିଚାଳନା ନିୟନ୍ତ୍ରଣ ପାଇଁ ଟିମ୍ ଖଞ୍ଜି ତତ୍‌କ୍ଷଣାତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ହୁଏତ ସେଥିରୁ କିଛିଟା ସୁଫଳ ମିଳିପାରନ୍ତା।**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | | | | 9 |
| 9 | 5 | | 8 | | | 4 | | |
| | | | | 6 | | | 8 | |
| | 3 | | | | | | | |
| 1 | | 9 | | 8 | 6 | | | |
| | | 5 | | | | 7 | | 2 |
| | | | | | 1 | | 2 | |
| | 2 | | | 4 | | | | |
| | | | 5 | | 9 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 1 | 7 | 2 | 8 | 6 | 3 |
| 1 | 3 | 8 | 6 | 9 | 4 | 7 | 5 | 2 |
| 6 | 2 | 7 | 8 | 5 | 3 | 9 | 4 | 1 |
| 3 | 5 | 6 | 7 | 2 | 8 | 4 | 1 | 9 |
| 2 | 8 | 1 | 3 | 4 | 9 | 5 | 7 | 6 |
| 7 | 9 | 4 | 5 | 6 | 1 | 2 | 3 | 8 |
| 4 | 6 | 3 | 9 | 8 | 5 | 1 | 2 | 7 |
| 9 | 1 | 5 | 2 | 3 | 7 | 6 | 8 | 4 |
| 8 | 7 | 2 | 4 | 1 | 6 | 3 | 9 | 5 |

ଗତକାଲିର ଉତ୍ତର

# ଆପଣା ମହତ ଆପେ ରଖି



ଅକ୍ଷୟ କୁମାର ମିଶ୍ର

ଉତ୍କଳ ଗୌରବ ମଧୁସୂଦନ ଦାସ ସିନା କହିଥିଲେ, ''ଆଲୋ ସଖୀ ଆପଣା ମହତ ଆପେ ରଖି''। କେବଳ କହି ନଥିଲେ ନିଜ ମାନ ମହତକୁ ରକ୍ଷା କରିବା ନିମନ୍ତେ କ୍ଷତି ମଧ୍ୟ ସହିଥିଲେ। ଏପରିକି ଆର୍ଥିକ ଦେବାଳିଆ ହେବାକୁ ପଡ଼ିଥିଲା ତାଙ୍କୁ। ଫଳରେ ତାଙ୍କ ସ୍ୱପ୍ନର ଚମଡ଼ା ଶିଳ୍ପ 'ଉତ୍କଳ ଟ୍ୟାନେରୀ' ବନ୍ଦ ହୋଇଯାଇଥିଲା। ତଥାପି ସେ ଅସାଧୁ ଉପାୟ ଅବଲମ୍ବନ କରିନଥିଲେ। କିନ୍ତୁ ଏବେ ମହତ ଯାଉ, ଲାଭ ହେଉ। ସେଇଥିପାଇଁ ବୋଧହୁଏ ଯେକୌଣସି ବ୍ୟବସାୟର ଶୁଭାରମ୍ଭରେ ''ଶୁଭମ୍ ଲାଭ'' ବୋଲି ନ ଲେଖିଲେ ନଚଳେ। ସମ୍ମାନ ବରଂ ବଜାରରେ ନିଲାମ ହୋଇଯାଉ, ଅର୍ଥ ଉପାର୍ଜନ ହେଉଥାଉ। ଅର୍ଥ ନିକଟରେ ମାନ ସମ୍ମାନ ସବୁକିଛି ତୁଚ୍ଛ। ମଣିଷ ନିକଟରେ ସୁବିଧାବାଦୀ ଚରିତ୍ର ଏତେ ପରିମାଣରେ ବୃଦ୍ଧି ପାଇଲାଣି ଯେ କେବଳ ନିଜ ସ୍ୱାର୍ଥ ବ୍ୟତୀତ ତାକୁ ଆଉ କିଛି ଦେଖାଯାଉ ନାହିଁ। ସତେଯେମିତି ଅର୍ଥର ଯାଦୁକରୀ ଶକ୍ତି ସମ୍ମୋହିତ କରିଦେଇଛି ମଣିଷକୁ। ହିତାହିତ ଜ୍ଞାନ ଭୁଲି ଏମିତି କଦର୍ଯ୍ୟ କାମ ସେ କରୁଛି, ଯଦ୍ୱାରା କି ମାନ ମହତ ଭୂଲୁଣ୍ଠିତ ହେଉଛି।

ମାଆ ବାପାଙ୍କ ଆଖିରେ ନିଦ ନାହିଁ – ପୁଅ ପାଠ ପଢ଼ିବ। ଦିନ ରାତିକୁ ଏକାକାର କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ଚାଲିଛନ୍ତି – ଏକମାତ୍ର ଉଦ୍ଦେଶ୍ୟ ପିଲାଙ୍କ ପାଠପଢ଼ା ପାଇଁ ଟଙ୍କା ଦରକାର। ନ ଖାଇ ନ ପିଇ ଧନ ସଞ୍ଚୁଛନ୍ତି – ଉଚ୍ଚ ଶିକ୍ଷା କରିବାକୁ ଗଲେ ଅଧିକ ଖର୍ଚ୍ଚ ହେବ। ଭଲ ପଢୁଛି। ଶିକ୍ଷକମାନେ କହୁଛନ୍ତି – ଶହେ ଜଣରେ ଜଣେ ହୋଇ ଠିଆହେବ, ଆମ ବିଦ୍ୟାଳୟର ନାଁ ରଖିବ। ସେଇଆ ହେଲା, ଶିକ୍ଷକମାନଙ୍କର କଥା ସତ ହେଲା। ହାଇସ୍କୁଲ ବୋର୍ଡ ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହେଲା। ଲୋକେ କହିଲେ ସୁନା ମୁଣ୍ଡାଟିଏ। ତା'ପରେ ଉଚ୍ଚ ମାଧ୍ୟମିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସବୁଠି ସମାନ ସଫଳତା। ଓପିଏସ୍‌ସି ପରୀକ୍ଷାରେ ମଧ୍ୟ ରାଜ୍ୟରେ ଏକ ନମ୍ବର। ମାଆବାପାଙ୍କ ପାଦ ତଳେ ଲାଗିଲା ନାହିଁ। ଚାରିଆଡୁ ପ୍ରଶଂସାର ସୁଅ ଛୁଟିଲା। ତମାମ ଗାଆଁ ଲୋକେ ଖୁସି ମନେଇଲେ। ଅଫିସର ଭାବରେ ନିଯୁକ୍ତି ପାଇଁ ଯେଉଁଦିନ ସେ ଘରକୁ ଆସିଲା ଗାଆଁ ଲୋକେ ଏକ ବିରାଟ ସଭାର ଆୟୋଜନ କଲେ। ମଞ୍ଚରେ ବସାଇ ସମ୍ବର୍ଦ୍ଧିତ କଲେ। ଶ୍ରଦ୍ଧାରେ ଫୁଲମାଳ, ଫୁଲତୋଡ଼ା, ଉତ୍ତରୀୟ ଦେଇ କହିଲେ, ''ତୁମେ ଆମ ଗାଆଁର ଟେକ ରଖିଛ। ତୁମ ପାଇଁ ଆମେ ସଭିଏଁ ଗର୍ବିତ।'' ପୁଅର ପ୍ରଶଂସାରେ ଭାବବିହ୍ୱଳ ହୋଇ ଯାଇଥିଲେ ସେଦିନ ମଞ୍ଚ ସାମନାରେ ବସିଥିବା ମାଆବାପା ଦୁଇଜଣ। ଉଭୟଙ୍କ ଆଖିରୁ ଝରି ପଡ଼ିଥିଲା ଆନନ୍ଦାଶ୍ରୁ। ପୁଅର ପରିଚୟରେ ଆମେ ଏଣିକି ପରିଚିତ ହେବା ଏଇ କଥା ଭାବି ହୁଏତ ସେଦିନ ସେମାନେ ଘରକୁ ଫେରିଥିବେ।



ଦୁଇ ଚାରି ବର୍ଷ ଯାଇଛି କି ନାହିଁ ହଠାତ୍ ଦିନେ ଦେଖାଗଲା ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଥିବା ସେହି ଅଫିସର ଜଣଙ୍କୁ ପୋଲିସ ଥାନା ହାଜତକୁ ନେଉଥିବାର ଦୃଶ୍ୟ। ଖବର ପ୍ରକାଶିତ ହେଲା, ପନ୍ଦର ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଲେ ରାଜ୍ୟରେ ଓପିଏସ୍‌ସି ପରୀକ୍ଷାରେ ଏକଦା ଟପ୍ପର ହୋଇଥିବା ଯୁବ ଅଫିସର। ରାଜ୍ୟବାସୀ ଛି ଛାକର କଲେ। ଗାଆଁ ଲୋକେ କହିଲେ ''ଛିଃ ଏମିତି ନାକରା କାମ କରିବ ବୋଲି ଆମକୁ ଜଣା ନଥିଲା। ନିଜ ମହତକୁ ନିଜେ ସାରିଲା। ମାଆବାପାର ମୁଣ୍ଡକୁ ତଳକୁ କରିଦେଲା। ଗାଆଁକୁ ବଦନାମ୍ କଲା। ଏମିତି ଜାଣିଥିଲେ ଆମେ ତାକୁ ସମ୍ବର୍ଦ୍ଧିତ କରି ନଥାନ୍ତୁ। ଆମ ପ୍ରେରଣାର ମୂଲ୍ୟ ସେ ଏମିତି ଦେଲା ? ଧିକ୍ ତାକୁ, ଧିକ୍ ତା'ର ଉଚ୍ଚଶିକ୍ଷାକୁ।''

ଉପରୋକ୍ତ ଘଟଣାଟି କେବଳ ଗୋଟିଏ ଉଦାହରଣ ମାତ୍ର। ଏମିତି ଅସଂଖ୍ୟ ଘଟଣା ପ୍ରତିଦିନ ଘଟି ଚାଲିଛି ଆମ ସମାଜରେ। ବିଶେଷ କରି ଯେଉଁମାନେ ଉଚ୍ଚ ଶିକ୍ଷିତ ତଥା ଉଚ୍ଚ ପଦବୀରେ ଅଧିଷ୍ଠିତ, ଯେଉଁମାନଙ୍କଠାରୁ ସମାଜ ଅନେକ ଆଶା କରେ, ଯେଉଁମାନଙ୍କୁ ଅନେକ ଲୋକ ଅନୁସରଣ କରନ୍ତି ସେହିମାନଙ୍କଠାରେ ଏଭଳି କଦର୍ଯ୍ୟ କଳା କାରନାମା ଦେଖିବାକୁ ମିଳୁଛି। ସବୁଠି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଖୋଜି ପାଇବା ମୁସ୍କିଲ। ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ସେବା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ସବୁଠି ସୁବିଧାବାଦୀ ଚରିତ୍ରର ଅସଂଖ୍ୟ ଲୋକ ଭରପୂର। କାମନା, ବାସନା ପ୍ରତି ଲୋଭ, ଅର୍ଥ ପ୍ରତି ଆସକ୍ତି, ବଡ଼ ହେବାର ନିଶା, କ୍ଷମତାର ମୋହ ନିକଟରେ ମଣିଷ ଏମିତି ଆତ୍ମସମର୍ପଣ କରିଛି ଯେ, ''ଆପଣା ମହତ ଆପେ ରଖି'' ଆପ୍ତ ବାଣୀଟି ତା' ପାଇଁ ମୂଲ୍ୟହୀନ ପାଲଟି ଯାଇଛି। ମଣିଷ ମନେରଖିବା ଉଚିତ ଲୋଭ, ମୋହ, କାମନା, ବାସନା ଏସବୁ ତା'ର ବ୍ୟକ୍ତିଗତ। ଲାଭ ହେଲେ ନିଜର, କ୍ଷତି ହେଲେ ମଧ୍ୟ ନିଜର। କିନ୍ତୁ ମାନ ମହତ ଚାଲିଗଲେ କେବଳ ସମ୍ପୃକ୍ତ ବ୍ୟକ୍ତିର କ୍ଷତି ହୁଏ ନାହିଁ, ପରନ୍ତୁ ଅନିଷ୍ଟ ହୁଏ ପରିବାରର, ବଦନାମ ରାଜ୍ୟର, ନାଁ ପଡ଼େ ଦେଶର। ସମ୍ପୂର୍ଣ୍ଣ ଜାତିର ଅସମ୍ମାନ ହୁଏ। ସେଇଥିପାଇଁ ତ ଓଡ଼ିଆ ଜାତିର ବଦନାମ୍ ହେବ ବୋଲି ସେଦିନ ମଧୁବାବୁ ଏତେ ବଡ଼ ନିଷ୍ପତ୍ତି ନେଇଥିଲେ। ଚମଡ଼ାରେ ସାମାନ୍ୟ ଖଇଚା ଥିଲା ବୋଲି ସେଥିରୁ ନିର୍ମିତ ଜୋତା ସବୁକୁ ସେ ପୋଡ଼ି ଦେବାକୁ ଶ୍ରେୟସ୍କର ମଣିଥିଲେ। ଅଥଚ ଏବର ମଣିଷମାନେ ଜାଣିଶୁଣି ଭେଜାଲ, ଅପମିଶ୍ରଣରେ ଲିପ୍ତ ରହୁଛନ୍ତି। ନିମ୍ନମାନର ସାମଗ୍ରୀ ଉପରେ ଗୁଣାତ୍ମକର ମୋହର ଲଗାଇ ବଜାରକୁ ଛାଡୁଛନ୍ତି। 'ଯିଏ ଯାହା କହୁ ମୋର ତୋ' ଏଭଳି ମାନସିକତା ମଣିଷ ଉପରେ ସବାର ହୋଇ ସାରିଛି।

ମହତ ଓ ନୈତିକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୋଟିଏ ଅପରଟିକୁ ବୁଦ୍ଧିମନ୍ତ କରେ, ବଳିଷ୍ଠ କରେ। ଗୋଟିଏ ଦୁର୍ବଳ ହେଲେ ଅନ୍ୟଟି ଦୂରେଇ ଯାଏ। ମାନ ମହତକୁ ଗୁରୁତ୍ୱ ଦେଉନଥିବା ମଣିଷ ନିକଟରେ ନୈତିକତା ଅର୍ଥହୀନ। ଆଉ ଯିଏ ନୀତିବାନ ତା' ପାଇଁ ମାନ ମହତ ଅମୂଲ୍ୟ ସମ୍ପଦ। ଏଇ ଯେଉଁମାନେ ଦୁର୍ନୀତି ଗ୍ରସ୍ତ, ଯେଉଁମାନେ ହତ୍ୟା, ବଳାତ୍କାର, ଲୁଣ୍ଠନ ସହିତ ଜଡ଼ିତ, ଯେଉଁମାନେ ନିଶା କାରବାରରେ ସାମିଲ ସେମାନେ ନୀତି, ନୈତିକତା କ'ଣ ବୁଝନ୍ତି ନାହିଁ। ଏହି ଧରଣର ଲୋକମାନେ ମାନ ମହତ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ। ଗାଳି ଗୁଲଜ, ଜେଲ, ଜରିମାନା, ସମାଲୋଚନା, ତିରସ୍କାର ପ୍ରତି ସାମାନ୍ୟତମ ହେୟ ଜ୍ଞାନ ନଥାଏ। ଏମାନଙ୍କ ପାଇଁ ସ୍ୱାର୍ଥ ହିଁ ସର୍ବସ୍ୱ।

ସବୁଠାରୁ ବିଚିତ୍ର କଥା ହେଲା ଲୋକମାନେ ସମ୍ମାନ ପାଇବା ପାଇଁ ଯେମିତି ଲାଳାୟିତ ହେଉଛନ୍ତି ସମ୍ମାନ ରକ୍ଷା ନିମନ୍ତେ ସେତିକି ତତ୍ପରତା ପ୍ରକାଶ କରୁ ନାହାନ୍ତି। ଏଇ ଯେମିତି ପୁରସ୍କାର ପାଇବା, ସମ୍ବର୍ଦ୍ଧିତ ହେବା, ନିଜର ପ୍ରଶଂସା ଶୁଣିବା ସକାଶେ ଲୋକେ କେତେ କ'ଣ କରୁଛନ୍ତି। ନିଜ ସପକ୍ଷରେ ମିଛ ପ୍ରଶଂସାପତ୍ର ପ୍ରସ୍ତୁତ କରିବା, ତୋଷାମଦ କରିବା ଏପରିକି ଲାଞ୍ଚ ଦେଇ ନିଜ ନାମକୁ ତାଲିକାରେ ଦରଜ କରିବାକୁ ପଛାଉ ନାହାନ୍ତି। କିନ୍ତୁ କଳା କୁକର୍ମ ପାଇଁ ଏପଟେ ମହତ ଯାଉଛି ସେଥିପ୍ରତି ଆଦୌ ବିଚଳିତ ନୁହନ୍ତି।

ସତ କହିବାକୁ ଗଲେ ଇଜ୍ଜତର ଇତି ହୁଏ ମଣିଷ ତା'ର ନିଜର କଟୁମନ୍ତବ୍ୟ, ଆପିଜନକ ବ୍ୟବହାର ଏବଂ ଅନୈତିକ କାର୍ଯ୍ୟକଳାପ ଯୋଗୁ। ତୁଣ୍ଡ ବାଇଦ ସହସ୍ର କୋଷ ଭଳି ବଦନାମ୍ ରଟଇ ଖଣ୍ଡ ମଣ୍ଡଳ। ଇଜ୍ଜତ ପାଇବା ଯେତିକି କଠିନ ଓ କଷ୍ଟକର, ଇଜ୍ଜତ ହରାଇବା ସେତିକି ସହଜ ଓ ସରଳ। ନିମିଷକ ମାତ୍ରେ ସବୁ ମହତ ମାଟିରେ ମିଶିଯିବ ନିଜର ସାମାନ୍ୟ ଭୁଲ୍ ପାଇଁ। ଥରେ ଏହା ଚାଲିଗଲେ ଫେରିପାଇବା ସମ୍ଭବ ନୁହେଁ। ମାତ୍ର ଏହାକୁ ରକ୍ଷା କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ନିଜର। ଏଣୁ ଆସନ୍ତୁ ଯାହା କହିବା, ଯାହା କରିବା ତାହା ପୂର୍ବରୁ ସେହି ବାଣୀଟିକୁ ମନେ ପକାଇବା – 'ଆପଣା ମହତ ଆପେ ରଖି'।

ସଭାପତି, ଓସ୍ତା
ମୋ: ୯୯୩୮୭୬୩୨୩୭

# ଉଚ୍ଚଶବ୍ଦ ଓ ସ୍ୱାସ୍ଥ୍ୟ ସୁରକ୍ଷା



ଡ.ବିମଳ ଷଡ଼ଙ୍ଗୀ

ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନକରି କଟକରେ ପ୍ରଶାସନ ଶବ୍ଦ ପ୍ରଦୂଷଣ ରୋକିବା ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟସୁରକ୍ଷାକୁ ଅଗ୍ରାଧିକାର ଦେଇ ଡିଜେ,ବାଣ ଏବଂ ଏଲଇଡି ଲାଇଟ ଉପରେ ନିଷେଧାଦେଶ ଦେଇଛନ୍ତି। ସେହିପରି ଭାରତର ଅନ୍ୟ ରାଜ୍ୟ ଓ ସହର ଗୁଡିକରେ ମଧ୍ୟ ଡିଜେକୁ ଅନୁମତି ଦିଆଯାଇନାହିଁ। ୧୯୪୦ମସିହାରେ "ଡିସ୍କ ଜକି" (ଡିଜେ) ଶବ୍ଦଟି ରେଡିଓ ହୋଷ୍ଟମାନଙ୍କୁ ବର୍ଣ୍ଣନା କରିବା ପାଇଁ ଉଦ୍ଦିଷ୍ଟଥିଲା। ୧୯୫୦ରୁ ୧୯୬୦ ମସିହା ଭିତରେ ସାଉଣ୍ଡ ସିଷ୍ଟମର ଉତ୍ଥାନ ପରେ କିଙ୍ଗଷ୍ଟନରେକଷ୍ଟମ-ନିର୍ମିତ ସାଉଣ୍ଡ ସିଷ୍ଟମ ବ୍ୟବହାର କରି ବଡ଼ ବଡ଼ ବାହ୍ୟ ପାର୍ଟି ଆୟୋଜନ କରାଯାଉଥିଲା।୨୦୦୦ରୁ ୨୦୧୦ ମସିହାର ଡିଜିଟାଲ ବିପ୍ଳବରେ ଡିଜେ ଗୁଡ଼ିକୁ ଡିଜିଟାଲ ଜ୍ଞାନ ସହିତ ମିଶ୍ରଣ ହୋଇଥିଲା।୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ ଷ୍ଟ୍ରିମିଂ ପ୍ଲାଟଫର୍ମରେ ସଂଗୀତର ମିଶ୍ରଣ ଏବଂ ଡିଜେ ସେଟକୁ ବିକଶିତ କରି ଅତି ଉଚ୍ଚଶବ୍ଦର ଉତ୍ସ ଭାବରେ ଷ୍ଟାଣ୍ଡାଲୋନ ଡିଜିଟାଲ ଡେକ ଯଥା ପାୟୋନିୟର ସିଡି ଜେ -୩୦୦୦ରେ ପରିଣତ କରିଛି। ଆରମ୍ଭରୁ ସୱଳ୍ପ ବ୍ୟବହାର ଯୋଗୁ ଡିଜେ ଶବ୍ଦ ଉପରେ ସେତେଟା ଗୁରୁ ଦିଆଯାଉ ନଥିଲା ମାତ୍ର ପରବର୍ତ୍ତୀ ସମୟରେ ଭାରତରେ ଡିଜେର ବହୁଳ ବ୍ୟବହାର ଯୋଗୁ ପରିବେଶ ଓ ସୱାସ୍ଥ୍ୟ ଉପରେ ଅଧିକ କୁପ୍ରଭାବକୁ ରୋକିବାକୁ ଆଇନ କଠୋର ହେବା ଆରମ୍ଭ ହୋଇଛି।

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଅନୁସାରେ ମଣିଷ,ଜୀବ ଜନ୍ତୁଙ୍କ ଉପରେ ୮୫ ଡିବିରୁ ଅଧିକ ଉଚ୍ଚ-ଡେସିବେଲ ଶବ୍ଦ ବାରମ୍ବାର କର୍ଣ୍ଣ ସଂସ୍ପର୍ଶରେ ଆସିବା ଦ୍ୱାରା ସ୍ନାୟବିକ କ୍ଷତ ସହିତ କାନପରଦା ଫାଟିଯାଏ। ଅସ୍ଥାୟୀ କିମ୍ବା ସ୍ଥାୟୀ ଶ୍ରବଣ ଶକ୍ତି ହ୍ରାସ, କାନରେ ଘଡ ଘଡ ଶବ୍ଦ ସୃଷ୍ଟି ସହିତ କାନ ଯନ୍ତ୍ରଣା ହୋଇପାରେ। ଉଚ୍ଚ ଶବ୍ଦ ମସ୍ତିଷ୍କର ମାନସିକ ଚାପ ପ୍ରତିକ୍ରିୟାକୁ ସକ୍ରିୟ କରେ ଓ ଚିନ୍ତା, ଚିଡ଼ିଚିଡ଼ାପଣ, ଏକାଗ୍ରତାର ନଷ୍ଟ ଏବଂ ନିଦ୍ରା ବ୍ୟାଘାତର କାରଣ ହୋଇଥାଏ। ଦୀର୍ଘ ସମୟ ଧରି ଉଚ୍ଚ-ଡେସିବେଲ ଶବ୍ଦ ସଂସ୍ପର୍ଶରେ ରହିବା ଦ୍ୱାରା ଡିପ୍ରେସନର ସମ୍ଭାବନା ବଢ଼ିଥାଏ, ରକ୍ତଚାପ, ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃଦରୋଗରେ ବ୍ୟକ୍ତି ପୀଡିତ ହୋଇ ମୃତ୍ୟୁମୁଖରେ ପଡିପାରେ। ପିଲାମାନଙ୍କର ଶ୍ରବଣ ଶକ୍ତି ଅଧିକ ସମ୍ବେଦନଶୀଳ, ତେଣୁ ଏହା ପାଠପଢା, ଆଚରଣଗତ ସମସ୍ୟା, ନିଦ୍ରାରେ ବାଧାଏବଂ କାର୍ଯ୍ୟଦକ୍ଷତା ହ୍ରାସ କରେ।ବୟସ୍କ ଲୋକମାନେ ଅଧିକ ଚାପ, ନିଦ୍ରା ବିଚଳିତ ଏବଂ ଅଧିକ ସୱାସ୍ଥ୍ୟ ବିପଦର ସମ୍ମୁଖୀନ ହୁଅନ୍ତି। ପକ୍ଷୀ, ପ୍ରାଣୀ ଏବଂ କୀଟପତଙ୍ଗ ନିଜନିଜ ଭିତରେ ସମ୍ପର୍କ ପାଇଁ ଶବ୍ଦ ଉପରେ ନିର୍ଭର କରନ୍ତି।ଉଚ୍ଚ ଡିଜେ ଶବ୍ଦ ସେମାନଙ୍କୁ ଭୟଭୀତ କରେ, ପ୍ରଜନନକୁ ବାଧା ଦିଏ ଏବଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ବାଧା ସୃଷ୍ଟିକରେ। ତୀକ୍ଷ୍ଣ ଶବ୍ଦ ଫ୍ରିକ୍ୱେନ୍ସି ଯୋଗୁଁ କୁକୁର, ବିଲେଇ ଏବଂ ଗାଈମାନେ ଅତ୍ୟଧିକ ଚାପଗ୍ରସ୍ତ ହୁଅନ୍ତି। ଜଙ୍ଗଲ, ଆର୍ଦ୍ରଭୂମି କିମ୍ବା ଗ୍ରାମ ନିକଟରେ ଶବ୍ଦ ପ୍ରଦୂଷଣର ଦୀର୍ଘ ସମୟ ଧରି ସଂସ୍ପର୍ଶରେ ରହିବା ଜୈବ ବିବିଧତାକୁ ପ୍ରଭାବିତ କରେ। ପେଚା, ବାଦୁଡ଼ି ପରି ରାତ୍ରିଚର ପ୍ରାଣୀଙ୍କର ଜୀବନଯାପନ ପ୍ରଣାଳୀ କ୍ଷତିଗ୍ରସ୍ତ ହୋଇଥାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଔଦ୍ୟୋଗିକ କ୍ଷେତ୍ରର ଶବ୍ଦ ସୀମା ୭୫ରୁ ୭୦ ଡେସିବେଲ,ବାଣିଜ୍ୟିକ କ୍ଷେତ୍ରରେ ୬୫ ରୁ ୫୫ ଡେସିବେଲ, ଆବାସିକ କ୍ଷେତ୍ରରେ ୫୫ ରୁ ୪୫ ଡେସିବେଲ, ହସ୍ପିଟାଲ, ସ୍କୁଲ, କୋର୍ଟ, ଧାର୍ମିକ ସ୍ଥାନ ଚାରିପାଖରେ ବା ୧୦୦ ମିଟର ପରିସୀମା ଭିତରେ ୫୦ରୁ ୪୦ ଡେସିବେଲ ଶବ୍ଦ ସହିବା ଆବଶ୍ୟକ, ଯଦି ଏଥିରେ କୌଣସି ବ୍ୟାଘାତ ଘଟେ ତେବେ ସାଧାରଣ ବ୍ୟକ୍ତି ଆଇନର ଆଶ୍ରୟ ନେଇପାରିବେ। ସୁପ୍ରିମକୋର୍ଟର ୨୦୦୫ ଓ ୨୦୧୮ ମସିହା ରାୟ ଅନୁସାରେ ଶବ୍ଦ ସୀମାକୁ କଡ଼ାକଡ଼ି ଲାଗୁ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁସାରେ ଆୟୋଜକ ଶବ୍ଦସୀମା ଉଲ୍ଲଂଘନ କଲେ ଉପକରଣ ଜବତ, ଜରିମାନା ଏବଂ ଜେଲଦଣ୍ଡ ମଧ୍ୟ ହୋଇପାରେ।



ରାଜନୈତିକ ରାଲି ଏବଂ ଉତ୍ସବରେ, ବିବାହ ପାର୍ଟି, ରାତ୍ରୀକାଳୀନ କ୍ଲବ, ପର୍ବପର୍ବାଣି, ସ୍କୁଲ କଲେଜରେ ଯୁବକମାନେ ସଚେତନତା ଅଭାବରୁ ଦୀର୍ଘ ସମୟ ଧରି ଡିଜେ ଶବ୍ଦ ସଂସ୍ପର୍ଶରେ ଆସିବାର କ୍ଷତିକାରକ ପ୍ରଭାବକୁ ଅଣଦେଖା କରନ୍ତି। ଶବ୍ଦ ସୀମାବଦ୍ଧତା ଏବଂ ପରିବେଶର କ୍ଷତି ହ୍ରାସ କରିବାକୁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ଜନ ସଚେତନତା ସୃଷ୍ଟି କରାଯିବା ଉଚିତ। ଅତ୍ୟଧିକ ଡିଜେ ସଂଗୀତ ବିନା ପାରମ୍ପରିକ ସଙ୍ଗୀତ ଓ ବାଦ୍ୟ ସହିତ ଉତ୍ସବକୁ ପ୍ରୋତ୍ସାହିତ କରାଯିବା ଉଚିତ। ଯୁବବର୍ଗ ତଥା ସମସ୍ତ ନାଗରିକ ନିଜର ତଥା ଭବିଷ୍ୟତ ସମାଜର ସୁରକ୍ଷା ଦୃଷ୍ଟିରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ନ୍ୟାୟିକ ବ୍ୟବସ୍ଥା, ଜିଲ୍ଲାପାଳ, ବିଡିଓ, ସରପଞ୍ଚ ଆଦିଙ୍କୁ ଜଣାଇବା ସହିତ ଶାନ୍ତିପୂର୍ଣ୍ଣ ବିକଳ୍ପଗୁଡ଼ିକୁ ଆପଣାଇବା ଉଚିତ। ଉତ୍ସବ ଏବଂ ଦାୟିତ୍ୱ ମଧ୍ୟରେ ଏକ ସନ୍ତୁଳନ ବଜାୟ ରଖିବାକୁ ପଡିବ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ନିୟମ ପାଳନ କରି ସଚେତନତାକୁ ପ୍ରସାର କରି ଏବଂ ପ୍ରକୃତିକୁ ସମ୍ମାନ ଦେଇ ଆମେ ପରିବେଶକୁ କ୍ଷତି ନ ପହଞ୍ଚାଇ ଉତ୍ସବ ପାଳନ ସହିତ ଜୀବଜଗତକୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଇପାରିବା।

ରିସୋର୍ସ ପର୍ସନ, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର
ମୋ: ୯୪୩୭୧୨୩୮୯୨

## ଏଇ ଭାରତରେ

ବର୍ଷେ କିମ୍ବା ଦୁଇ ବର୍ଷ ନୁହେଁ, ୧୦ ବର୍ଷ ଲାଗିଯାଇଛି ଗୋଟିଏ ଘଣ୍ଟା ସଜାଡ଼ିବାକୁ। ଏହି ଘଣ୍ଟା ସାଧାରଣ ଘଣ୍ଟା ନୁହେଁ, ଏହା ହେଉଛି ମୁମ୍ବାଇର ରାଜବାଇ କ୍ଲକ ଟାୱାରର ୧୪୬ ବର୍ଷର ପୁରୁଣା ଘଡ଼ି। ଏହାକୁ ମରାମତି କରି କାର୍ଯ୍ୟକ୍ଷମ କରିପାରିଛନ୍ତି ମହେନ୍ଦ୍ର ପ୍ରସାଦ ଗୁପ୍ତା। ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ। ପ୍ରତିଦିନ ୨୩୬ଟି ପାହାଚ ଚଢ଼ି ଟାୱାର ଉପରକୁ ଯାଇ ସେ ଘଣ୍ଟା କାମ କରନ୍ତି ଏବଂ ୧୦ ବର୍ଷ ପରେ ତାହା ଏବେ ଚାଲୁଛି। ରାଜବାଇ ଘଡ଼ିର ଓଜନ ପାଖାପାଖି ୩୦୦ କେଜି। ଲଣ୍ଡନର ବିଗ୍‌ବେନ ଘଣ୍ଟା ଢାଞ୍ଚାରେ ୧୮୭୮ରେ ରାଜବାଇ କ୍ଲକ୍ ଟାୱାର ନିର୍ମାଣ କରାଯାଇଥିଲା। ବ୍ରିଟେନର ସ୍ଥପତି ସାର୍ ଜର୍ଜ ଗିଲବର୍ଟ ସ୍କଟ ଏହାର ଡିଜାଇନ କରିଥିଲେ ଏବଂ ଷ୍ଟକ୍‌ବ୍ରୋକର ପ୍ରେମଚାନ୍ଦ ରୟଚାନ୍ଦ ତାଙ୍କ ମା' ରାଜବାଇଙ୍କ ସ୍ମୃତିରେ ଏହାକୁ ପାଣ୍ଠି ଯୋଗାଇ ଦେଇଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଫୋର୍ଟ କ୍ୟାମ୍ପସ୍‌ରେ ଥିବା ଏହି ଟାୱାରର ଉଚ୍ଚତା ୨୮୦ ଫୁଟ। ଆରମ୍ଭରୁ ରାଜବାଇ ଘଡ଼ିରେ ୧୪ଟି ବେଲ୍ ଏକାଥରକେ ବାଜୁଥିଲା। ଏବେ ମରାମତି କରାଯିବା ପରେ ପ୍ରତି ୧୫ ମିନିଟରେ ୫ଟି ବେଲ୍ ବାଜୁଛି। ଐତିହାସିକ ତଥ୍ୟ କହେ, ଏହି ଟାୱାର ରୟଚାନ୍ଦଙ୍କ ଘର ନିକଟରେ ଥିଲା। ରାଜବାଇ ଦୃଷ୍ଟିବାଧିତ ଥିବାରୁ ସେ ଏହି ଘଣ୍ଟା ଶବ୍ଦରୁ ସମୟ ଜାଣିପାରୁଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୭ ଅକ୍ଟୋବର ୧୯୭୬**

- ଓଡ଼ିଶା ଓ ବିହାର ମଧ୍ୟରେ ସୁବର୍ଣ୍ଣରେଖା ବନ୍ଧ ଯୋଜନା ଘେନି ଆପୋଷ ମୀମାଂସା ଓ ରାଜିନାମା ସ୍ୱାକ୍ଷରିତ।
- ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ଜାହାଜ ନିର୍ମାଣ କାରଖାନାରେ ନିର୍ମିତ 'ଦାମୋଦର ଗଙ୍ଗା' ନାମକ ଏକ ବୃହତ୍ତମ ଆକାର ବିଶିଷ୍ଟ ଜାହାଜର ଭସାଣି ଉତ୍ସବ ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ବୋର୍ଡ ଅସହାୟ

ମହାଶୟ,

ଗତ କାଳୀପୂଜା/ଦୀପାବଳୀ ସମୟରେ ସରକାରଙ୍କ ନିୟମ ତଥା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କେତେ ପ୍ରତିଶତ ପାଳନ କରାଯାଇଛି ସରକାର ତା'ର ଜବାବ ଜନତାଙ୍କୁ ଦେବେ କି ? ପ୍ରଦୂଷଣର ମାତ୍ରା କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ସମ୍ବଲପୁର ସହିତ ଅନ୍ୟାନ୍ୟ ସହରଗୁଡ଼ିକ ଉପରେ କି ପ୍ରଭାବ ପକାଇଛି ତା'ର ସର୍ଭେ ହେବା ଉଚିତ। ଭାଇଚାରା, ପରମ୍ପରା, ଧର୍ମୀୟ ଭାବନା ସହିତ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ, ପରିବେଶ ପ୍ରତି ଧ୍ୟାନଦେବାକୁ ହୋଇଥାଏ। ନିଜ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ତଥା ଅମାନିଆ ବେଆଇନ ଆତସବାଜି ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କେତେ କାର୍ଯ୍ୟାନୁଷ୍ଠାନ ହୋଇଛି ? ସରକାର ନିୟମ କରିଦେଲେ ତାଙ୍କ ଦାୟିତ୍ୱ ଶେଷ। ପ୍ରକୃତପକ୍ଷେ ଏହାକୁ ତଦାରଖ କରିବ କିଏ ? ସୀମିତ ସଂଖ୍ୟକ ପୋଲିସ କ'ଣ ଏ ସବୁ ରୋକି ପାରିବେ ? ଜାଣିଶୁଣି ପ୍ରଶାସନ ବୟସ୍କ ନାଗରିକ, ଶିଶୁ, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଶବ୍ଦଜନିତ ତଥା ପ୍ରଦୂଷଣଜନିତ ଯନ୍ତ୍ରଣା ଦେଉଛନ୍ତି। ସବୁଜ ଆତସବାଜିର ନାରା ଦେଇ ଅତ୍ୟୁଚ୍ଚ ଶବ୍ଦ ଉଦ୍ରେକକାରୀ ଫୋଟକାର ବ୍ୟବହାର ହଜାର ହଜାର ଲୋକଙ୍କ ମାନସିକ, ଶାରୀରିକ ଭାରସାମ୍ୟ ବିଗାଡ଼ି ଦେଉଛି। ବାୟୁ ପ୍ରଦୂଷଣର ଭୟାବହତା ବୋଧହୁଏ ଭାଇଚାରା ସହରର ଭାଇ ଭଉଣୀମାନେ ଠିକ୍ ଭାବେ ଅନୁଭବ କରିପାରନ୍ତି ନାହିଁ। ପାଠ ପଢୁଆ, ଅପାଠୁଆ ସବୁ ମିଳିମିଶି ସହରକୁ ଧୂଆଁମୟ କରି ଦେଲେ । କଥାରେ ଅଛି ଖଜୁରି ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ।

–ବିଷ୍ଣୁ ପ୍ରସାଦ ଦାସ, ବରିଷ୍ଠ ନାଗରିକ, କଟକ

## ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ !
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

## ରେଡ୍ ଜୋନ୍‌ରେ ୮ ଜିଲା, ନିଆଗଲା ଆଗୁଆ ପଦକ୍ଷେପ



ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ଦେଓରଞ୍ଜନ କୁମାର ସିଂଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

- ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ
- ୨୪ଘଣ୍ଟା ମଧ୍ୟରେ ଶସ୍ୟକୁ ସୁରକ୍ଷିତ ରଖିବାକୁ ପରାମର୍ଶ
- ପ୍ରଭାବିତ ଜିଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍, ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର, ୨୬।୧୦
(ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତି ଅଛନ୍ତି। ଓଡ଼ିଶାରେ ବାତ୍ୟାର ପ୍ରଭାବ ନ ରହିଲେ ମଧ୍ୟ କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପୂଜାରୀ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ଦେଓରଞ୍ଜନ କୁମାର ସିଂ ଓ ସମସ୍ତ ଜିଲାର ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ରାଜୀବ ଭବନଠାରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବାତ୍ୟା ପ୍ରଭାବରେ ୮ ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ସବୁଠାରୁ ଅଧିକ ପ୍ରଭାବିତ ହେବ। ଏହିସବୁ ଜିଲାଗୁଡ଼ିକୁ ରେଡ୍ ଜୋନ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ଆଲୋଚନା କରାଯାଇଛି। ଆବଶ୍ୟକ ପଡ଼ିଲେ ପଡୋଶୀ ଜିଲାକୁ ସହାୟତା କରିବା ପାଇଁ ଅନ୍ୟ ଜିଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଜପତି ଜିଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହେବା ସହ ଡାକ୍ତରଖାନା, ଜରୁରୀସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି।

ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ର ତଟକୁ ନ ଯିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଛି। ବର୍ତ୍ତମାନ ଧାନ ଅମଳର ସମୟ ହୋଇଥିବାରୁ ଆଗାମୀ ୨୪ଘଣ୍ଟା ମଧ୍ୟରେ ନିଜ ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ସହରାଞ୍ଚଳଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଥିବାରୁ ଆବଶ୍ୟକସ୍ଥଳେ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳସମ୍ପଦ ବିଭାଗ ସହିତ ନଦୀର ଜଳସ୍ତର ନେଇ ଆଲୋଚନା ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ବାତ୍ୟାର ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସିଂ ସୂଚନା ଦେଇ କହିଛନ୍ତି, ରେଡ୍ ଜୋନ୍‌ରେ ଥିବା ୮ ଜିଲାରେ ସୋମବାରଠାରୁ ବର୍ଷା ଆରମ୍ଭ ହୋଇଯାଇପାରେ। ୨୮ ଓ ୨୯ ତାରିଖ ବେଳକୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ୩୦ ତାରିଖ ବେଳକୁ ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ଏବେସୁଦ୍ଧା ୧୨୮ଟି ଓଡ୍ରାଫ, ଏନ୍‌ଡିଆର୍‌ଏଫ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ସମ୍ପୃକ୍ତ ଜିଲାରେ ମୁତୟନ କରାଯାଇଛି। ଜିଲାପାଳମାନଙ୍କୁ ସୋମବାର ଅପରାହ୍ନ ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନଗୁଡ଼ିକରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଶିମିଳିପାଳ ଫେରୁନି ଯମୁନା

- ଆଜକୁ ବର୍ଷେ ବିତିଲା
- ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବା ନେଇ ଆଶଙ୍କା



ମହାବଳ ବାଘୁଣୀ ଯମୁନା।

ବାରିପଦା, ୨୬।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଯେଉଁ ଉଦ୍ଦେଶ୍ୟ ନେଇ ମହାବଳ ବାଘୁଣୀ ଯମୁନାକୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା ବିଭାଗର ସେହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାରେ ଆଶଙ୍କା ସୃଷ୍ଟି ହୋଇଛି। ଶିମିଳିପାଳର ବଣପାହାଡ଼ଘେରା ଅଞ୍ଚଳରେ ନିଜକୁ ଖାପ ଖୁଆଇ ନ ପାରି ଯମୁନା ଅନ୍ୟ ଜଙ୍ଗଲକୁ ପଳାଇଥିବା ବେଳେ ବର୍ଷେ ହେଲା ଫେରିବାର ନାଁ ଧରୁନି। ତେବେ ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ପରିଧି ମଧ୍ୟରେ ଥିବା ଜଙ୍ଗଲରେ ଯମୁନା ବୁଲୁଛି। ତା'ର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ କହୁଥିବା ବେଳେ ଯମୁନା ଏବେ କେଉଁଠି ସେ ସମ୍ପର୍କରେ ବିଭାଗ ସ୍ପଷ୍ଟ ସୂଚନା ଦେଉନାହିଁ। ଫଳରେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନା ଫଳପ୍ରଦ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ୍ ମାରିଥିବା ବେଳେ ଏବେ ପୁଣିଥରେ ଏହି ଯୋଜନାରେ ଓଡ଼ିଶାରେ ଏବଂ ବିଶେଷ କରି ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ତାହା ଉପରେ ସମସ୍ତଙ୍କର ନଜର ରହିଛି। ବନ ବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଦେଶରେ ବାଘ ସଂଖ୍ୟା ବୃଦ୍ଧି ଲାଗି ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ସ୍ଥାନ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ରିପୋର୍ଟ ଦେଇଥିଲା। ଫଳରେ ରାଜ୍ୟରେ ବାଘ ବଂଶ ବୃଦ୍ଧି ଲକ୍ଷ୍ୟ ନେଇ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନ୍ନତକୁ ଶିମିଳିପାଳ ଅଣାଯାଇଥିଲା। ୨୦୨୪ ଅକ୍ଟୋବର ୨୭ରେ ଏକ ସ୍ୱତନ୍ତ୍ର ଟିମ୍ ଓ ଗାଡ଼ି ଯୋଗେ ଯମୁନା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରମାନଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି(ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷା ନିରୀକ୍ଷା କରିଥିଲେ। ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜିର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି। ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଈବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବା ବିଷୟକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ରେ ଏନ୍‌ଟିସିଏ ଅନୁମତି ଦେଇଥିଲା। ବିଭାଗ ପକ୍ଷରୁ ମିଶନ ଆରମ୍ଭ କରାଯାଇ ତଡ଼ବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ତେବେ ଯମୁନା ଶିମିଳିପାଳ କୋର୍ ଏରିଆ ଛାଡ଼ି ପାଦଦେଶରେ ଘୂରିବୁଲିବା ସହ ଗୃହପାଳିତ ପ୍ରାଣୀ ଶିକାର କରିଥିଲା। ଶିମିଳିପାଳରେ ଯମୁନା ନିଜକୁ ଖାପ ଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱର ଜିଲା କୁଳଡିହା ଅଭୟାରଣ୍ୟକୁ ପଳାଇଥିଲା। ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝର ଜିଲା ହଦଗଡ଼ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି । ତେବେ ବାରିପଦା ସର୍କଲ ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ ହଦଗଡ଼ ଅଭୟାରଣ୍ୟ ରହିଥିବାରୁ ଏହା ଶିମିଳିପାଳ ଅଭୟାରଣ୍ୟର ଭୌଗୋଳିକ ଅଞ୍ଚଳରେ ରହୁଥିବା ଓ ଯମୁନା ଦେହରେ ଲାଗିଥିବା ରେଡିଓ କଲାର ଦ୍ୱାରା ତା'ର ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବିଭାଗ ସୂଚନା ଦେଇଛି।

ଏ ସମ୍ପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଯେଉଁ ଉଦ୍ଦେଶ୍ୟରେ ଦୁଇ ମହାବଳ ବାଘୁଣୀଙ୍କୁ ଶିମିଳିପାଳ ଅଣାଯାଇଥିଲା ତାହା ପୂରଣ ହେବା ନେଇ ସନ୍ଦେହ ଉପୁଜିଛି। ଯମୁନା ଶିମିଳିପାଳ ଭୌଗୋଳିକ ଅବସ୍ଥିତି ମଧ୍ୟରେ ଚଳପ୍ରଚଳ କରୁଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ବାଘ ଗଣନା ସମୟରେ ବାଘ ଶୂନ୍ୟ କୁଳଡିହା କିମ୍ବା ହଦଗଡ଼ରେ ଯମୁନାକୁ ଗଣନା କରିବେ ନା ଶିମିଳିପାଳର ବାଘ ସହିତ ଗଣତି କରିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଭାଗ ନିଜ ତ୍ରୁଟି ସଂଶୋଧନ ନ କରି ବାହାରୁ ବାଘ ଆଣି ଶିମିଳିପାଳରେ ଛାଡ଼ିବା ଏକ ପ୍ରକାର ଭୁଆଁ ବୁଲାଇବା ନୀତି ବୋଲି ଆଚାର୍ଯ୍ୟ କହିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍

## ୨ ଟିମ୍ ଭାଇଜାଗ, ୧ ଶ୍ରୀକାକୁଳମ ପଠାଗଲା

ବାରଙ୍ଗ, ୨୬।୧୦ (ଲିଙ୍ଗରାଜ ରାଉତ)

ସମ୍ଭାବ୍ୟ ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ମୁଣ୍ଡଳୀସ୍ଥିତ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନର ରବିବାର ୩ଟି ଦଳକୁ ପ୍ରଥମ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ ପଠାଯାଇଛି। ସେଥିରୁ ୨ଟି ଦଳ ଭାଇଜାଗ ଗସ୍ତ କରିଥିବା ବେଳେ ଗୋଟିଏ ଦଳ ଶ୍ରୀକାକୁଳମ ଗସ୍ତ କରିଛି। ତେବେ ଆଉ ୨ଟି ଦଳ ସଜାଗ ରହିଛି ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏନ୍‌ଡିଆର୍‌ଏଫ୍ ଟିମ୍ ସମସ୍ତ ପ୍ରକାରର ଜରୁରିକାଳୀନ ଯନ୍ତ୍ରପାତି ନେଇ ଗନ୍ତବ୍ୟ ସ୍ଥଳକୁ ଗସ୍ତ କରିଛି।




ମୁଣ୍ଡଳୀରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ବାହାରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍।

# ତରବରିଆ ଧାନ କାଟିଛନ୍ତି ଚାଷୀ

- ସୁରକ୍ଷିତ ସ୍ଥାନକୁ ଜାଲ, ଡଙ୍ଗା ଆଣିଲେ ମତ୍ସ୍ୟଜୀବୀ
- ଅସ୍ତରଙ୍ଗରେ ଚାଷୀଙ୍କୁ 'ମୋନ୍ଥା' ଭୟ

ଅସ୍ତରଙ୍ଗ, ୨୬।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)



ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀମାନେ ତରବରିଆ ଭାବେ ଧାନ କାଟି ନେଉଛନ୍ତି।

ଆସୁଛି ବାତ୍ୟା 'ମୋନ୍ଥା', ଏଥିପାଇଁ ଏବେ ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀକୁଳ। ଗତ କିଛିବର୍ଷ ହେଲା ଅକ୍ଟୋବରରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରେ ବହୁ ଧନଜୀବନ କ୍ଷତି ହେବା ସହ ଚାଷୀମାନେ ଫସଲ କ୍ଷତି ସହିଛନ୍ତି। ବିଶେଷ କରି ଅକ୍ଟୋବର ମାସରେ ଧାନ ଫସଲ ପାଚିବା ସହ ଅମଳ ସମୟ ଆସିଯାଇଥାଏ। ବର୍ଷକର ଝାଳବୁହା ପରିଶ୍ରମର ଫଳ ସ୍ୱରୂପ ସୁନାର ଫସଲକୁ ଅମଳ କରି ସାଇତି ରଖିଥାନ୍ତି ଚାଷୀ। କିଛି ବର୍ଷ ହେଲା ଅକ୍ଟୋବରର ବାତ୍ୟା ଯୋଗୁ ଫସଲ କ୍ଷତି ସହି ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଇଛି। ଚଳିତବର୍ଷ ମଧ୍ୟ ଧାନ ଫସଲ କିଛିସ୍ଥାନରେ ପାଚିଥିବା ବେଳେ ଅନେକ ଜମିରେ ଫୁଲ ଧରିଲାଣି। ଏଭଳି କ୍ଷେତ୍ରରେ ବାତ୍ୟା ଆଶଙ୍କା ଓ ତାହା ଯୋଗୁ ଧାନ ଫସଲ ଉଜୁଡ଼ିଯିବା ଚିନ୍ତାରେ ଚାଷୀଙ୍କ ନିଦ ହଜିଗଲାଣି। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ କରିବା ସୂଚନା ମିଳିବା ସହ ଏହାର ପ୍ରଭାବରେ ପୁରୀ ଜିଲାରେ ବର୍ଷା ପ୍ରଭାବ ଥିବାରୁ କ୍ଷତି ଆଶଙ୍କାରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ପକ୍ଷରୁ ନୂଆଗଡ଼, ଡାଲୁଅକଣି, ସହନ, ସୁନ୍ଦିକେଶ୍ୱର, ପାଟସୁନ୍ଦରପୁର, ଅସନ, ନଗର, କାଳିଆକଣ ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ସଜାଗ ରହିବାକୁ କୁହାଯିବା ସହ ଜାଲ, ଡଙ୍ଗା ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ ଗ୍ରାମରେ ଚାଷୀ ବର୍ଷା ଓ ପବନ ଭୟରେ ପାଚିଲା ଧାନକୁ ତରବରିଆ ଭାବେ କାଟି ନେଉଛନ୍ତି। ବର୍ତ୍ତମାନ ବିଲରେ ଧାନ ଫଳିଛି। ବର୍ଷା ଓ ପବନ ହେଲେ ଧାନ ସବୁ ଭୂଇଁରେ ଲେଉଟିବା ଆଶଙ୍କା ରହିଛି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଧାନକେଣ୍ଡା ଧରିବା ଆରମ୍ଭ ହେଲାଣି। ଯଦି ଲଘୁଚାପଜନିତ ବର୍ଷା ହୁଏ, ତେବେ ଅନେକ କ୍ଷତି ହେବ। ଧାନ ପାଣିରେ ପଡ଼ିଲେ କିମ୍ବା ପଟୁ ମାଡ଼ିଗଲେ ବିଶେଷ କ୍ଷତି ହେବ।

# ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି

## ଜରୁରୀକାଳୀନ ନମ୍ବର ଜାରି କଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୬।୧୦
(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ୍) ବିଦ୍ୟୁତ୍ ଭିତ୍ତିଭୂମି ଉପରେ ବାତ୍ୟା 'ମୋନ୍ଥା'ର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବାକୁ ଗୁରୁତ୍ୱ ଦେଉଛି। ଏଥିସହ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି) ଅଧୀନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପାଣିପାଗ ସୂଚନା ଉପରେ ନଜର ରଖି ପୁନରୁଦ୍ଧାର ପାଇଁ ବାତ୍ୟା ପୂର୍ବରୁ ଓ ପରେ କିପରି ପଦକ୍ଷେପ ନିଆଯିବ ସେଥିପାଇଁ ସ୍ୱତନ୍ତ୍ର ନିୟମ ଜାରି କରିଛି। ଇତିମଧ୍ୟରେ ଉଭୟ ବିତରଣ ଏବଂ ପ୍ରାଇମେରୀ ସବ୍-ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ବାତ୍ୟା ସମୟରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଫର୍ମର, ସୁଇଚ ଗିୟର ଏବଂ କଣ୍ଡକ୍ଟର ସମେତ ଗୁରୁତ୍ୱପୂର୍ଣ୍ଣ ଉପକରଣର ପର୍ଯ୍ୟାପ୍ତ ଷ୍ଟକ୍ ରଖାଯାଇଛି। ବିଦ୍ୟୁତ୍ ବିଭ୍ରାଟ ହେଲେ ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ଡିଭିଜନରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ହସ୍ପିଟାଲ, ଜଳଯୋଗାଣ କେନ୍ଦ୍ର ଓ ବିପର୍ଯ୍ୟୟ ପ୍ରତିକ୍ରିୟା କେନ୍ଦ୍ର ଭଳି ମୁଖ୍ୟ ସଂସ୍ଥାଗୁଡ଼ିକୁ ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି।୧୯୧୨ କିମ୍ବା ୧୮୦୦-୩୪୫-୭୧୨୨ରେ ଯୋଗାଯୋଗ କରି ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ଉପଭୋକ୍ତା ଜଣାଇପାରିବେ। ସମସ୍ୟାଗୁଡ଼ିକୁ ତୁରନ୍ତ ଏବଂ ଦକ୍ଷତାର ସହିତ ସମାଧାନ କରିବା ପାଇଁ ବିଭିନ୍ନ ଜୋନ୍‌ରେ ଜରୁରିକାଳୀନ-ରେସ୍‌ପନ୍ସ ଟିମ୍ ନିୟୋଜିତ କରାଯାଇଛି। ଉପଭୋକ୍ତାମାନେ ବର୍ଷା ଏବଂ ବନ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ, ତାର କିମ୍ବା ବିଦ୍ୟୁତ୍ ଉପକରଣକୁ ନ ଛୁଇଁବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରବଳ ପବନ ସମୟରେ ଘର ଭିତରେ ରହିବା ସହ ଗଛ କିମ୍ବା ଅସ୍ଥାୟୀ ଗୃହଠାରୁ ଦୂରରେ ରହିବାକୁ କୁହାଯାଇଛି। ଓଦା ହାତରେ କିମ୍ବା ପାଣିରେ ଠିଆହୋଇ ବୈଦ୍ୟୁତିକ ଉପକରଣ ବ୍ୟବହାର ନ କରିବା, ଖୋଲା ଡ୍ରେନ ଏବଂ ଜଳବନ୍ଦୀ ଅଞ୍ଚଳରୁ ପିଲାମାନଙ୍କୁ ଦୂରରେ ରଖିବାକୁ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ପରାମର୍ଶ ଦେଇଛନ୍ତି।

# ଆସୁଛି 'ମୋନ୍ଥା' : ଚାଷୀଙ୍କୁ ଘାରିଛି ଅମଳ ଚିନ୍ତା

ବାଲେଶ୍ୱର, ୨୬।୧୦ (ବାଞ୍ଛାନିଧି ଦେ)



ଚାଷ ଜମିରେ ଥୋଡ଼ ବାହାରୁଛି।

ଅକ୍ଟୋବର ଆସିଲେ ମାଡ଼ିବସେ ବାତ୍ୟା ଭୟ। ଏବେ ପୁଣି ଆସୁଛି ବାତ୍ୟା 'ମୋନ୍ଥା'। ଏହି ସମ୍ଭାବ୍ୟ ବାତ୍ୟାକୁ ନେଇ ବାଲେଶ୍ୱର ଜିଲାର ଚାଷୀଙ୍କ ମଧ୍ୟରେ ଛାତିରେ ଛନକା ପଶିଛି। ବାତ୍ୟା ପ୍ରଭାବରେ ବର୍ଷକର ଖାଦ୍ୟ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀକୁଳ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ ଚାଷ କରିଥିବା ଚାଷୀ ଗର୍ଭଣା ସଂକ୍ରାନ୍ତିରେ ନିଜ ଚାଷଜମିକୁ ଦେଖି ଖୁସି ହୋଇଥିବା ବେଳେ ବାତ୍ୟା 'ମୋନ୍ଥା' ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏବେ ଧାନ ଗଛରେ କେଣ୍ଡା ବାହାରୁଥିବା ବେଳେ ଶୀତ ଦିନିଆ ପନିପରିବା ଅମଳ ହେବାକୁ ବସିଛି। ଏହି ସମୟରେ ଯଦି ବାତ୍ୟା ହୁଏ ତେବେ ବର୍ଷା ଓ ପବନରେ ଧାନ ଓ ପନିପରିବା ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ସେହିପରି ପାନବରଜ ଚାଷୀ ବି ଭୟଭୀତ ହୋଇପଡ଼ିଛନ୍ତି। ବର୍ଷା ସହ ପବନ ବହିଲେ ପାନବରଜ ଭାଡ଼ି ଭାଙ୍ଗିଯିବ। ଅନ୍ୟପଟେ ସ୍ଥାନୀୟ ମତ୍ସ୍ୟ ବିଭାଗ ତରଫରୁ ଉପକୂଳ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଇଛି। ସମୁଦ୍ରକୁ ଯିବାକୁ ବାରଣ କରାଯାଇଥିବାରୁ ମତ୍ସ୍ୟଜୀବୀମାନେ ଘରମୁହାଁ ହେଉଛନ୍ତି। ସୁରକ୍ଷିତ ସ୍ଥାନକୁ ନିଜ ଜାଲ, ଡଙ୍ଗା ଓ ବୋଟ୍ ସହ ଯନ୍ତ୍ରାଂଶ ନେଇଯାଉଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଜିଲାରେ ୨ଲକ୍ଷ ୨୬ହଜାର ହେକ୍ଟର ଚାଷ ଜମି ରହିଛି। ଚଳିତବର୍ଷ ସେଥିରୁ ୨ଲକ୍ଷ ୩ହଜାର ହେକ୍ଟର ଖରିଫ୍ ଧାନ ଚାଷ ହୋଇଥିବା ବେଳେ ୨୩ ହଜାର ହେକ୍ଟର ପନିପରିବା, ମକା, ମାଣ୍ଡିଆ ଆଦି ଅଣଧାନ ଚାଷ ହୋଇଛି। ୩୦ ପ୍ରତିଶତ ଧାନ ଚାଷ ଜମିରେ କେଣ୍ଡା ବା ଥୋଡ଼ ବାହାରିଛି। ଆଉ ଅଳ୍ପ ଦିନ ଭିତରେ ଅବଶିଷ୍ଟ ଧାନଗଛରେ ଥୋଡ଼ ବାହାରିବ। ଏହି ସମୟରେ ଯଦି ବାତ୍ୟା ସାଙ୍ଗକୁ ଲଗାଣ ବର୍ଷା ହୁଏ ତେବେ ଧାନଗଛ ଶୋଇଯିବା ସହ ଚାଷ କ୍ଷତିଗ୍ରସ୍ତ ହେବ। ଚଳିତବର୍ଷ ଜଳକା ଓ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଯୋଗୁ ସଦର, ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ଚାଷୀଙ୍କ ମେରୁଦଣ୍ଡ ଭୁଶୁଡ଼ି ପଡ଼ିଥିଲା। ପ୍ରତିକୂଳ ପରିସ୍ଥିତିରେ ଯେନତେନ ପ୍ରକାରେ ଚାଷୀ ଅଣ୍ଟା ସଳଖି ଚାଷ କରିଥିଲେ। ସମ୍ଭାବ୍ୟ ବାତ୍ୟାକୁ ନେଇ ଅମଳ ଆଶା ଚାଷୀଙ୍କୁ ଚିନ୍ତାରେ ପକାଇଛି। ରୂପସା ଅଞ୍ଚଳର ଚାଷୀ କାର୍ତ୍ତିକେଶ୍ୱର ପ୍ରଧାନ କୁହନ୍ତି, ବହୁତ ବାତ୍ୟା ଆମେ ଦେଖିଲୁଣି। ଧାର କରଜ କରି ଚାଷ କରିଛୁ। ଏବେ ଯଦି ବାତ୍ୟା ବର୍ଷା ହୁଏ ସର୍ବସ୍ୱ ପଳେଇବ। ବାହାବଳପୁର ଅଞ୍ଚଳର ବୋଟ୍ ମାଲିକ ପ୍ରବୀର ସାହୁ କୁହନ୍ତି, ମତ୍ସ୍ୟ ବିଭାଗ ନିର୍ଦ୍ଦେଶ ମୁତାବକ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବୋଟ୍ ଓ ଟ୍ରଲର କୂଳକୁ ଫେରାଇ ଅଣାଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ଅଧିକ ବାତ୍ୟା ଭୟ ଥିବାରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ। ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଯୋଗୁ ଚାଷୀଙ୍କୁ ଏବେ ଜମିରେ ଥୋଡ଼ ସାର ଓ କୀଟନାଶକ ଔଷଧ ସ୍ପ୍ରେ କରିବା ପାଇଁ ବାରଣ କରାଯାଇଛି। ଜଳ ଜମି ରହୁଥିବା ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଚାଷୀଙ୍କୁ କୁହାଯାଇଛି। ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଜନସାଧାରଣ ଭୟଭୀତ ନ ହୋଇ ପ୍ରଶାସନର ନିର୍ଦ୍ଦେଶକୁ ମାନିବା ଆବଶ୍ୟକ ବୋଲି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି।

**OFFICE OF THE PRINCIPAL**
**K.C.G. SANSKRIT COLLEGE, JAGAMARA, BBSR-30**
Email Id : kcgsanskritcollege10@gmail.com Website - HIMS
Letter No. - 76 dt.25.10.2025
**ADVERTISEMENT**
Interested and eligible retired academicians and Non teaching staffs require purely on contractual and temporary basis following subjects for K.C.G. Sanskrit College, Jagamara, Bhubaneswar-30, Sanskrit (Sahitya), Sanskrit (Sarvadarshan), Odia, English and Jr. Clerk & Peon.
Remuneration will be paid as per Higher Education Dept. Odisha. Interested person may apply through HIMS Portal. (Last date for apply 31.10.2025). Contact No. : 7978579344
Principal
K.C.G. Sanskrit College, Jagamara, BBSR-30

**GOVT. OF ODISHA** No.O-1180
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
**eProcurement Notice for Road Works under PM-JANMAN Batch-I**
**Identification No. NCB-24 / RWCKJR / 2025-26**
**No. 4511 / Date : 23.10.2025**
1. Name of the work : **Construction of road works under PM-JANMAN Batch-I in the District of Keonjhar.** 2. No. of work : **03 (Three) Nos.** 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-24 / RWCKJR / 2025-26 | Dt.30.10.25 at 11.00 A.M. | Dt.13.11.25 up to 5.00 P.M. | Dt.12.11.25 up to 5.00 P.M. | Dt.14.11.25 at 11.00 A.M. | Will be intimated later |

• **Further details can be seen from the website : www.pmgsytenders.gov.in**
**Sd./- Chief Construction Engineer**
**R.W. Circle, Keonjhar**
**OIPR-25177/11/0101/2526**

# ୧୮ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୨୧ ମାଓବାଦୀ



ରାଇଘର,୨୬।୧୦
(କିରଣ ପଟ୍ଟନାୟକ)

ପୁନା ମାର୍ଗେମ (ପୁନର୍ବାସ ପାଇଁ ପଥ) ପ୍ରୟାସ ଅଧୀନରେ ରବିବାର ଛତିଶଗଡ଼ କାଙ୍କେର ଜିଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ରେକର୍ଡ କରାଯାଇଛି। ମୋଟ ୨୧ ମାଓବାଦୀ ୧୮ଟି ଅସ୍ତ୍ରଶସ୍ତ୍ର ଧରି ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ସାଙ୍ଗରେ ନେଇ ଆସିଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ୩ଟି ଏକେ-୪୭ ରାଇଫଲ୍, ୪ଟି ଏସ୍ଏଲ୍ଆର୍ ରାଇଫଲ୍, ୨ଟି ଆଇଏନ୍ଏସ୍ଏଏସ୍ ରାଇଫଲ୍, ୬ଟି ୩୦୩ ରାଇଫଲ୍, ୨ଟି ସିଙ୍ଗଲ୍-ସଟ୍ ରାଇଫଲ୍ ଓ ଗୋଟିଏ ବିଜିଏଲ୍ ରହିଛି। ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀ କ୍ୟାଡର କେଶକାଲ ଡିଭିଜନ (ଉତ୍ତର ଉପ-ଜୋନାଲ ବ୍ୟୁରୋ)ର କୁଏମାରୀ/କିସ୍କୋଡୋ ଏରିଆ କମିଟିର ଅଟନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଡିଭିସିଏମ୍ (ଡିଭିଜନ ଉପାଧ୍ୟକ୍ଷ କମିଟି ସଦସ୍ୟ), ୯ ଜଣ ଏସିଆର କମିଟି ସଦସ୍ୟ ଏବଂ ଡିଭିଜନ କମିଟି ସଚିବ ମୁକେଶଙ୍କ ସମେତ ୮ ଜଣ ଦଳୀୟ ସଦସ୍ୟ ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଏବଂ ୮ ଜଣ ପୁରୁଷ କ୍ୟାଡର ଅଛନ୍ତି। ଯେଉଁମାନେ ହିଂସା ଏବଂ ଜନବିରୋଧୀ ଚିନ୍ତାଧାରାର ପଥ ପରିତ୍ୟାଗ କରି ଶାନ୍ତି ଏବଂ ପ୍ରଗତି ପଥ ଗ୍ରହଣ କରିଛନ୍ତି। ଏମାନଙ୍କ ପାଇଁ ପୁନର୍ବାସନ ଏବଂ ସମାଜରେ ପୁନଃମିଳନ ପ୍ରକ୍ରିୟା ପୋଲିସ ଏବଂ ପ୍ରଶାସନିକସ୍ତରରେ ଜାରି ରହିଛି ବୋଲି ବସ୍ତର ଆଇଜି ପି. ସୁନ୍ଦରରାଜ କହିଛନ୍ତି।

# ୫୦୦ ଟଙ୍କିଆ ୮୦୩ଟି ଜାଲ ନୋଟ୍ ଜବତ

## ୩ ଗିରଫ, ବରଗଡ଼କୁ ଲମ୍ବିଛି ଚେର

ସୋନପୁର/ବିନିକା,୨୬।୧୦(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)



ଜବତ ଟଙ୍କା ଓ ଗିରଫ ୩ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲାରେ ଜାଲନୋଟ କାରବାର ବୃଦ୍ଧି ପାଇଛି। ଏଥିରେ ଏକ ର୍ୟାକେଟ୍ କାମ କରୁଛି। ପଡୋଶୀ ବରଗଡ ଜିଲାକୁ ମଧ୍ୟ ଏହି ଅପରାଧର ଚେର ଲମ୍ବିଛି। ଜାଲ୍ ନୋଟ୍‌ଗୁଡ଼ିକୁ ସହଯୋଗୀଙ୍କ ଜରିଆରେ ଗ୍ରାମାଞ୍ଚଳ ବଜାରକୁ ଛଡ଼ାଯାଉଛି। ବିନିକା ପୋଲିସ ଏହି କାରବାରରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ(୨୭), ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା(୨୩) ଓ ବେତ୍ରାପଡାର ଅଶୋକ ନାଏକ(୨୮)। ସେମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮୦୩ଟି ୫୦୦ଟଙ୍କିଆ ଜାଲନୋଟ୍ ଜବତ ହୋଇଛି। ଏହାର ସମୁଦାୟ ମୂଲ୍ୟ ୪ଲକ୍ଷ ୧୫ଶହ ଟଙ୍କା ବୋଲି ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ବିନିକା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ନାୟକ କହିଛନ୍ତି, ବିଳମ୍ବିତ ରାତିରେ ଜାଲନୋଟ କାରବାର ସମ୍ପର୍କରେ ଗୋଇନ୍ଦା ସୂତ୍ରରୁ ଖବର ପାଇଥିଲେ। ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନଙ୍କୁ ଏହାର ଅନୁସନ୍ଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏହି ସମୟରେ ଜାଲନୋଟ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅଭିଷେକ ଓ ଅଶୋକ ଅପେକ୍ଷା କରିଥିଲେ। ଅତର୍କିତ ଚଢାଉ ଫଳରେ ଉଭୟ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କଠାରୁ ପୋଲିସ ଜାଲନୋଟ୍ ଜବତ କରିଛି। ତଦନ୍ତ ପରେ ଏହି ସବୁ ଜାଲନୋଟ ରେଙ୍ଗାଲି ଗ୍ରାମର ଜୟନାରାୟଣ ଦେଇଥିବା ଜଣାପଡ଼ିଥିଲା। ସେ ବରଗଡର ଜଣେ ବ୍ୟକ୍ତିଙ୍କ ନିକଟରୁ ଆଣି ଟଙ୍କା ବଣ୍ଡଲରେ ମିଶାଇ ମାର୍କେଟ୍‌କୁ ଛାଡୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ ଜବତ କରିଛି। ଚଢାଉରେ ଆଇଆଇସି ପ୍ରଧାନଙ୍କ ସମେତ ଏସଆଇ ତ୍ରିନାଥ ସାହୁ ଓ ପୋଲିସ ଟିମ୍ ସାମିଲ ଥିଲେ। ଏସ୍ଆଇ ପ୍ରସନ୍ନଜିତ ବେହେରା ମାମଲାର ତଦନ୍ତ କରୁଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୧୯/୨୫) ରୁଜୁ ହୋଇଛି। ଏହି ର୍ୟାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ବଜାରକୁ କେତେ ପରିମାଣର ଜାଲନୋଟ ଛଡାଯାଇଛି ସେନେଇ ତଦନ୍ତ କରାଯାଉଥିବା ଏସ୍‌ପି କହିଛନ୍ତି। ସୂଚନାଥାଉକି, ପ୍ରାୟ ୨ବର୍ଷ ପୂର୍ବରୁ ଜିଲାର ଉଲୁଣ୍ଡା ବ୍ଲକ ମାଟିଖାଇ(ନୂଆବସ୍ତି)ର ଏକ ଘରେ ଜାଲନୋଟ କାରବାର ଚାଲିଥିଲା। ଓଡ଼ିଶା ପୋଲିସର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଲକ୍ଷାଧିକ ଟଙ୍କାର ଜାଲନୋଟ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଥିଲା। ଏବେ ପୁଣି ଜାଲନୋଟ୍ ଜବତ ହେବା ପରେ ଏହି ଅଞ୍ଚଳରେ ଏହି ର୍ୟାକେଟ୍ ସକ୍ରିୟ ଥିବା ସ୍ପଷ୍ଟ ହେଉଛି।

# ୨୧ ଦିନ ପରେ ଏବିଡିଓ ଗିରଫ

## ସ୍ତ୍ରୀଙ୍କୁ ହତ୍ୟା ଘଟଣା

ହାଟଡିହି/ବଉଳା/ଛେନାପଦି,୨୬।୧୦
(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା)



ଅଭିଯୁକ୍ତ ଦେବୀ ପ୍ରସାଦ ଜେନା

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ କାର୍ଯ୍ୟରତ ଏବିଡିଓ ଦେବୀ ପ୍ରସାଦ ଜେନାଙ୍କୁ ୨୧ ଦିନ ପରେ ଶନିବାର ବିଳମ୍ବିତ ରାତିରେ ନନ୍ଦିପଦା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜେନା ଘଟଣା ପରଠାରୁ ଫେରାର ଥିଲେ। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ପ୍ରଶାନ୍ତ ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଉଅଁର ଗ୍ରାମରେ ଗତ ଅକ୍ଟୋବର ୨ରେ ଏବିଡିଓ ଜେନା ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ବେକକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ଘଟାଇ ସେ ଫେରାର ହୋଇଯାଇଥିଲେ। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ପରେ ନନ୍ଦିପଦା ପୋଲିସ ଏକ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଥିଲା। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ଏକ ସ୍ପେଶାଲ ଟିମ୍ ଗଠନ ହୋଇଥିଲା। ଟିମ୍ ଭଦ୍ରକ, ଯାଜପୁର, ବାଲେଶ୍ୱର ଆଦି ବିଭିନ୍ନ ସ୍ଥାନରେ ନଜର ରଖିଥିଲା। ଶନିବାର ରାତିରେ ଏବିଡିଓ ପୁରୀରୁ ଟ୍ରେନ୍‌ରେ ଆସି ଯାଜପୁର ରୋଡ୍‌ରେ ଓହ୍ଲାଇ ଥିଲେ। ସେଠାରେ ଏକ ସାଇକେଲ କିଣି ଆଖୁଆପଦା ନଦୀବନ୍ଧରେ ଗେଡ଼ମା ରାସ୍ତାରେ ନସିରପୁର ଗ୍ରାମ ପଟକୁ ଯାଉଥିଲେ। ଖବର ପାଇ ପୋଲିସ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ବଳିଆ ବାରିକ, ସୁଷମା ସେଠୀ, ବିନିତା ଲାକ୍ରା ପ୍ରମୁଖ ନସିରପୁରଠାରେ ଅଭିଯୁକ୍ତ ଜେନାଙ୍କୁ ଧରି ଥାନାକୁ ଆଣିଥିଲେ। ଗିରଫ ପରେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନାଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଥିଲା।

# କଲରାପତରିଆ ବାଘ ଛାଲ ଜବତ, ୨ ଗିରଫ

## ସୋନପୁରରେ ଏସ୍‌ଟିଏଫ୍ ଚଢ଼ାଉ

ସୋନପୁର,(ମୃତ୍ୟୁଞ୍ଜୟ ଶତପଥୀ)/ଭୁବନେଶ୍ୱର, ୨୬।୧୦ (ସତ୍ୟଜିତ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ରବିବାର ସୁବର୍ଣ୍ଣପୁର ଜିଲାର ସୋନପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛଇ। ସେମାନେ ହେଲେ ବୌଦ୍ଧ



ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ଦୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ିଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୭)। ଏନେଇ ଏସଟିଏଫ୍ ପକ୍ଷରୁ ବିଏନ୍ଏସ୍‌ର ବିଭିନ୍ନ ଦଫା ଏବଂ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟରେ ଏକ ମାମଲା (ନଂ.୨୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋନପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବାଘ ଶିକାର କରିଥିଲେ ନା କାହାଠାରୁ ବାଘଛାଲ ଆଣିଥିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରକାଶ ଓ ରଞ୍ଜିତ ବାଘଛାଲ ଡିଲ୍ ପାଇଁ ଏକ ବାଇକରେ ସୋନପୁର-ବରପାଲି ରୋଡ୍ (ଏନଏଚ୍-୧୨୬ଏ) ଦେଇ ଆସୁଥିବାବେଳେ ଅର୍ଜୁନପୁର ଛକ ନିକଟରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା।

# ନକଲି ବିଦେଶୀ ମଦ କାରଖାନା ଠାବ

ପରଜଙ୍ଗ,୨୬।୧୦
(ନିଗମାନନ୍ଦ ଦଳବେହେରା)



## ବିଭିନ୍ନ ସାମଗ୍ରୀ ସହ ମେଶିନ୍ ଜବତ, ଜଣେ ଗିରଫ

ଢେଙ୍କାନାଳ ଜିଲା ପରଜଙ୍ଗ ଅବକାରୀ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂର କନ୍ଦରସିଂହା ପଞ୍ଚାୟତ କଟରାପଡ଼ା ଗ୍ରାମରେ ଶନିବାର ରାତିରେ ଅବକାରୀ ବିଭାଗ ଏକ ଘରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନା ଠାବ କରିଛି। ସେଠାରୁ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ମଦ ତିଆରି ସାମଗ୍ରୀ ଜବତ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଏହି କାରବାରରେ ସ୍ୱାମୀ ସ୍ତ୍ରୀ ଜଡ଼ିତ ଥିବା ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀ ବିଚିତ୍ର ନାଏକ ଫେରାର ହୋଇଯାଇଛନ୍ତି।


ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଚଢ଼ାଉବେଳେ ଘର ଭିତରେ ଏକ ନକଲି ବିଦେଶୀ ମଦ କାରଖାନା ଚାଲୁଥିବା ଦେଖିବାକୁ ମିଳିଥିଲା। ଅବକାରୀ ଟିମ୍ ଯାଞ୍ଚବେଳେ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ, ଗୋଟିଏ ମଦ ତିଆରି ମେଶିନ୍, ଗୋଟିଏ ବୋତଲ ସିଲ୍ ମେଶିନ୍, ୩୫୦ ଲିଟର ସ୍ପିରିଟ, ୬ ଲିଟର ଫ୍ଲେଭର୍, ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ଖାଲି ମଦ ବୋତଲ, ୧୦ ଲିଟର କାରମେଲ୍, ୭୨୬୫ଟି ଲେବୁଲ ଷ୍ଟିକର,୧୭୯୭ ଠିପି, ମଦ ଭର୍ତ୍ତି ପେଟି ସହ ମଦ ତିଆରି ପାଇଁ ବିଭିନ୍ନ ପ୍ରକାର କେମିକାଲ ସାମଗ୍ରୀ ଜବତ କରାଯାଇଛି। କାମାକ୍ଷାନଗର ଅବକାରୀ ଉପଅଧୀକ୍ଷକ ସାୱନ କୁମାର ଭୋଳ, ପରଜଙ୍ଗ ଅବକାରୀ ଏସ୍ଆଇ ବାସନ୍ତୀ ବ୍ଲାକି, ଭୁବନ ଅବକାରୀ ଏସ୍ଆଇ ଦିପନ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଦୀର୍ଘ ବର୍ଷଧରି ଘର ଭିତରେ ବ୍ୟାପକ ପରିମାଣର ନକଲି ବିଦେଶୀ ମଦ ତିଆରି କରାଯାଇ ତାହା କେଉଁ ଅଞ୍ଚଳକୁ ଚାଲାଣ କରାଯାଉଥିଲା ତାହା ଅସ୍ପଷ୍ଟ ରହିଛି। ଖୁବଶୀଘ୍ର ମଦ କାରଖାନାର ଗୁମର ଖୋଲିବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଉକ୍ତ ଘରକୁ ପ୍ରତିଦିନ କିଛି ଶ୍ରମିକ କାର୍ଯ୍ୟ କରିବାକୁ ଯାଇଥାନ୍ତି। କିନ୍ତୁ ସେଠାରେ ମଦ ତିଆରି କଥା ବାହାରକୁ ଆସି ନ ଥିଲା। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# Business

# ଓଡ଼ିଶାରେ ଜିଓର ୧.୬୫ କୋଟି, ବିଏସଏନଏଲର ୫୫.୫୮ ଲକ୍ଷ ଗ୍ରାହକ

## ଟ୍ରାଇ ତଥ୍ୟ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)




ଓଡ଼ିଶାରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼କରି ରିଲାଏନ୍ସ ଜିଓ ଅଗଷ୍ଟରେ ରାଜ୍ୟରେ ସର୍ବାଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ୨୦୨୫ ଅଗଷ୍ଟରେ ଓଡ଼ିଶାରେ ପ୍ରାୟ ୧.୪୯ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଏଥିସହିତ ଓଡ଼ିଶାରେ ଜିଓ ନେଟୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧ କୋଟି ୬୫ ଲକ୍ଷ ଅତିକ୍ରମ କରିଛି ଏବଂ ଜିଓ ୪୬.୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ଅନ୍ୟପଟେ ବିଏସ୍ଏନ୍ଏଲ୍‌ର ମୋଟ୍ ଗ୍ରାହକସଂଖ୍ୟା ୫୫.୫୮ ଲକ୍ଷ, ଏୟାରଟେଲର ୧.୨ କୋଟିଏବଂ ଭୋଡାଫୋନ୍ ଆଇଡିଆର ମୋଟ ଗ୍ରାହକ ସଂଖ୍ୟା ୧୪.୬ ଲକ୍ଷ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଜିଓ ଭାରତ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜିକୁ ଅପଗ୍ରେଡ କରିବାରେ ସକ୍ଷମ କରିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ଅଗଷ୍ଟରେ ୨.୪୬ ଲକ୍ଷ ବୃଦ୍ଧି ପାଇ ୩୧ ଅଗଷ୍ଟ ୨୦୨୫ ସୁଦ୍ଧା ୩.୫୬ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ୫ଜି ଫିକ୍ସଡ ୱାୟାରଲେସ ଆକ୍ସେସ (ଏଫ୍‌ଡବ୍ଲ୍ୟୁଏ) ସେବାରେ ପ୍ରାଧାନ୍ୟ ବିସ୍ତାର କରିଛି। ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟରେ ଜିଓର ୨.୨୬ ଲକ୍ଷରୁ ଅଧିକ ୫ଜି ଏଫ୍‌ଡବ୍ଲ୍ୟୁଏ ଏବଂ ୨୫୮୫୧ ୟୁବିଆର ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ୱାୟାରଲେସ, ୱାୟାରଲାଇନ ଏବଂ ୫ଜି ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଜିଓ ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ହୋଇଛି। ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ପୁନଃପରିଭାଷିତ କରି ଜିଓ ଏୟାରଫାଇବରର ହାଇ ସ୍ପିଡ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦ରୁ ଅଧିକ ଟିଭି ଚ୍ୟାନେଲ, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ସହିତ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ଉପକୃତ କରିଛି।

# ଅକ୍ଟୋବର ୩୧ରେ ଆଇପିଓ ଲଞ୍ଚ କରିବ ଲେନ୍ସକାର୍ଟ

ଭୁବନେଶ୍ୱର,୨୬।୧୦

ଚଷମା କମ୍ପାନୀ ଲେନ୍ସକାର୍ଟ ସଲ୍ୟୁସନ୍ସ ଅକ୍ଟୋବର ୩୧ରେ ପ୍ରଥମ ଆଇପିଓ ଆରମ୍ଭ କରିବାକୁ ଯାଉଛି। ଏହା ମାଧ୍ୟମରେ କମ୍ପାନୀ ୨,୧୫୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରୁଛି, ଯାହା ନୂଆ ଶେୟାରର୍ ଫ୍ରେଶ ଇସ୍ୟୁ ମାଧ୍ୟମରେ ହେବ। ରେଡ୍ ହେରିଙ୍ଗ ପ୍ରସ୍ପେକ୍ଟସ (ଆର୍ଏଚ୍‌ପି) ଅନୁଯାୟୀ, ଆଇପିଓ ନଭେମ୍ବର ୪ରେ ଶେଷ ହେବ। ଅକ୍ଟୋବର ୩୦ରେ ଗୋଟିଏ ଦିନ ପାଇଁ ଆଙ୍କର୍ ଇନ୍‌ଭେଷ୍ଟରଙ୍କ ପାଇଁ ବିଡିଙ୍ଗ ଖୋଲାଯିବ। ଫ୍ରେଶ ଇସ୍ୟୁ ସହିତ ଅଫର୍-ଫର୍-ସେଲ୍ (ଓଏଫ୍ଏସ୍) ମଧ୍ୟ ରହିବ, ଯେଉଁଥିରେ ପ୍ରମୋଟର୍ ଓ ଇନ୍‌ଭେଷ୍ଟରମାନେ ୧୨.୭୫ କୋଟିରୁ ଅଧିକ ଇକ୍ୱିଟି ଶେୟାର୍ ବିକ୍ରି କରିବେ। ଓଏଫ୍ଏସ୍‌ରେ ପ୍ରମୋଟର ପୀୟୂଷ ବଂଶଲ, ନେହା ବଂଶଲ, ଅମିତ ଚୌଧରୀ ଓ ସୁମିତ କପାହୀ ଏବଂ ଇନଭେଷ୍ଟରମାନେ ଏସ୍‌ଭିଏଫ୍-୨ ଲାଇଟବଲ୍ବ (କେମ୍ୟାନ) ଲିମିଟେଡ, ସ୍କୋଡର୍ସ କ୍ୟାପିଟାଲ ପ୍ରାଇଭେଟ ଇକ୍ୱିଟି ଏସିଆ ମୌରିସସ ଲିମିଟେଡ, ପିଆଇ ଅପର୍ଚୁନିଟିଜ ଫଣ୍ଡ ୨, ମ୍ୟାକ୍ରିଟି ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ ଲିମିଟେଡ, କେଦାର କ୍ୟାପିଟାଲ ଫଣ୍ଡ ୨ ଏଲଏଲପି ଓ ଆଲ୍ଫା ୱେଭ ଭେଞ୍ଚର୍ସ ଏଲପି ଶେୟାର ବିକ୍ରି କରିବେ।

# ୱାଇ-ଫାଇ ୮ର ସଫଳ ପରୀକ୍ଷଣ

ଭୁବନେଶ୍ୱର,୨୬।୧୦

ଇଣ୍ଟରନେଟ ଜଗତରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ଟିପି-ଲିଙ୍କ ୟୁଏସ୍ଏ ଓ କ୍ୱାଲକମ ସମେତ ଅନେକ ଟେକ କମ୍ପାନୀ ମିଳିତ ଭାବେ ଓାଇ-ଫାଇ ୮ ପ୍ରଯୁକ୍ତିବିଦ୍ୟାର ସଫଳ ପରୀକ୍ଷଣ କରିଛନ୍ତି। ଏକ ପ୍ରୋଟୋଟାଇପ ଡିଭାଇସ ମାଧ୍ୟମରେ ଡାଟା ପଠାଇବା ଓ ଗ୍ରହଣରେ ସଫଳତା ହାସଲ କରି ଓାଇ-ଫାଇ ୮ ଏକ ଧାରଣାରୁ ବାସ୍ତବତା ଆଡ଼କୁ ଗତି କରୁଛି। ଏହି ନୂଆ ପିଢ଼ିର ଓ୍ୟାରଲେସ ପ୍ରଯୁକ୍ତି ଆଇଇଇଇ୮୦୨.୧୧ର ଅଲଟ୍ରା ହାଇ ରିଲାଏବିଲିଟି(ୟୁଏଚ୍ଆର୍) ଅଧୀନରେ ତିଆରି ହେଉଛି, ଯାହା ଦ୍ରୁତ ଗତି ସହିତ ସ୍ଥିର ଓ ଭରସାଯୋଗ୍ୟ ସଂଯୋଗ ପ୍ରଦାନ କରିବ। ଏଆଇ, ରୋବୋଟିକ୍ସ, ଶିଳ୍ପ ଅଟୋମେଶନ ଓ ହାଇ-ଡାଟା ପ୍ରୋସେସିଂ ପାଇଁ ଏହା ଉପଯୁକ୍ତ। ଓାଇ-ଫାଇ ୮, ଓାଇ-ଫାଇ ୭ ଅପେକ୍ଷା ୨୫% ଅଧିକ ଗତି, ୨୫% କମ୍ ଲେଟେନ୍ସି, ନେଟୱର୍କ ବଦଳାଇଲେ ଅବିଚ୍ଛିନ୍ନ ସଂଯୋଗ ଓ କମ ଶକ୍ତି ବ୍ୟୟ ସହିତ ଡିଭାଇସ ମଧ୍ୟରେ ସିଧାସଳଖ ସଂଯୋଗରେ ଉନ୍ନତି ଆଣିବ। ବର୍ତ୍ତମାନ ଏହା ପରୀକ୍ଷଣ ପର୍ଯ୍ୟାୟରେ ଅଛି ଓ ୨୦୨୮ ମାର୍ଚ୍ଚ ସୁଦ୍ଧା ଆଇଇଇଇ୮୦୨.୧୧ ବିଏନ୍ ଦ୍ୱାରା ଅନୁମୋଦିତ ହେବ, ଯାହା ପରେ ଓାଇ-ଫାଇ ୮ ରାଉଟର ଓ ଡିଭାଇସ ବଜାରରେ ଆସିବ। ଭାରତରେ ଏହାର ଆଗମନ ୬ ଗିଗାହଜ୍ ବ୍ୟାଣ୍ଡ ସ୍ପେକ୍ଟ୍ରମ ବିବାଦ ହେତୁ ବିଳମ୍ବ ହୋଇପାରେ, ଯାହା ଟେଲିକମ ଓ ଟେକ କମ୍ପାନୀମାନଙ୍କ ମଧ୍ୟରେ ବିତର୍କର ବିଷୟ। ସରକାରୀ ନିଷ୍ପତ୍ତି ଅନୁଯାୟୀ ଭାରତରେ ଓାଇ-ଫାଇ ୮ର ଉପଲବ୍ଧତା ନିର୍ଭର କରିବ।

# ମଦ ବିକ୍ରି ୧୦-୨୦% ବଢ଼ିବା ଆକଳନ

ଭୁବନେଶ୍ୱର,୨୬।୧୦



ପାର୍ବଣ ଋତୁରେ ମଦ ବ୍ୟବସାୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଅକ୍ଟୋବର-ଡିସେମ୍ବର ମାସରେ ୧୦-୨୦% ବିକ୍ରି ବଢ଼ିବ ବୋଲି ଆକଳନ କରାଯାଉଛି। ପ୍ରିମିୟମ ମଦ ଯେମିତି ସ୍କଚ୍, ହ୍ୱିସ୍କି, ରମ୍, ଭୋଡ଼କା ଜିନ୍ ଓ ଟେକ୍ୱିଲାରେ ବେଶି ବିକ୍ରି ହୋଇଛି। କେବଳ ବଡ଼ ସହର ନୁହେଁ ବରଂ ଛୋଟ ସହରରେ ମଧ୍ୟ ବିକ୍ରି ବଢ଼ିଛି। ରାଡିକୋ ଖାଇତାନ୍ ମୁଖ୍ୟ ଅମର ସିଂହ କହିଛନ୍ତି, ଏହି ଉତ୍ସବ ଋତୁରେ ପ୍ରିମିୟମ ଓ ଲକ୍ଜୁରି ମଦରେ ଭଲ ବିକ୍ରି ହୋଇଛି। ଲୋକେ ଉନ୍ନତ ମଦ ପସନ୍ଦ କରୁଛନ୍ତି। ରାମପୁର୍ ଇଣ୍ଡିଆନ୍ ସିଙ୍ଗଲ ମାଲ୍ଟ ଓ ଜୈଶଲମେର ଇଣ୍ଡିଆନ୍ କ୍ରାଫ୍ଟ ଜିନରେ ବେଶି ବିକ୍ରି ହୋଇଛି। ବଡ଼ଦିନ ଓ ନୂଆ ବର୍ଷରେ ମଧ୍ୟ ଏହି ଧାରା ଜାରି ରହିବ। ସିଆଇଏବିସିର ଅନନ୍ତ ଏସକ ଆୟର କହିଛନ୍ତି, ଭଲ ମୌସୁମୀ ଓ ଅର୍ଥନୀତି ବିକ୍ରି ବଢ଼ାଇବ। ଆଇଏସ୍‌ଡବ୍ଲ୍ୟୁଆଇ ସିଇଓ ସଞ୍ଜିତ ପାଢ଼ୀ କହିଛନ୍ତି, ଜିଏସ୍‌ଟି ଲାଭ କାରଣରୁ ପ୍ରିମିୟମ ମଦରେ ବିକ୍ରି ବେଶି ହୋଇଛି। ନୋଇଡ଼ା ଓ ଗୁରୁଗ୍ରାମରେ ରେକର୍ଡ ବିକ୍ରି ହୋଇଥିବାବେଳେ ତେଲଙ୍ଗାନାରେ ଦଶହରାରେ ୨ ଦିନରେ ୧,୦୦୦ କୋଟି ଓ କୋଲକାତାରେ ଦୁର୍ଗାପୂଜାରେ ୧୫-୧୬% ବିକ୍ରି ବୃଦ୍ଧି ହୋଇଛି। ୨୦୨୪ରେ ୪୦୮ ମିଲିୟନରୁ ୩.୫ ଲକ୍ଷ କୋଟି ଅବକାରୀ ଆୟ ହୋଇଛି।

# ଏସ୍‌ବିଆଇ କାର୍ଡସ: ୨ୟ ତ୍ରୈମାସରେ ୫,୧୩୬ କୋଟି ଆୟ

ଭୁବନେଶ୍ୱର,୨୬।୧୦(ଅନୁରାଧା ମହାରଣା)

ଏସ୍‌ବିଆଇ କାର୍ଡସ ଏଣ୍ଡ ପେମେଣ୍ଟ ସର୍ଭିସେସ ଲିମିଟେଡ୍‌ର ବୋର୍ଡ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକର ଆର୍ଥିକ ଫଳାଫଳ ଅନୁମୋଦନ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସରେ ମୋଟ ଆୟ ୧୩% ବୃଦ୍ଧି ପାଇ ୫,୧୩୬ କୋଟି ଟଙ୍କା ଆୟ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୪,୫୫୬ କୋଟି ଟଙ୍କା ଥିଲା। ନେଟ ଲାଭ ୧୦% ବୃଦ୍ଧି ପାଇ ୪୪୫ କୋଟି ହୋଇଛି। ଯାହାକି ଗତ ଆର୍ଥିକ ବର୍ଷରେ ସମାନ ସମୟରେ ୪୦୪ କୋଟି ଟଙ୍କା ଥିଲା। କାର୍ଡ-ଇନ୍-ଫୋର୍ସ ୧୦% ବୃଦ୍ଧିପାଇ ୨.୧୫ କୋଟି ଓ ଖର୍ଚ୍ଚ ୩୧% ବୃଦ୍ଧି ପାଇ ୧,୦୭,୦୬୩ କୋଟି ହୋଇଛି। ରେସିଭବେଲ ୮% ବୃଦ୍ଧି ପାଇ ୫୯,୮୪୫ କୋଟି ରହିଛି। ବଜାର ଅଂଶ କାର୍ଡରେ ୧୯% ଓ ଖର୍ଚ୍ଚରେ ୧୭% ରହିଛି। ଅନ୍ୟପଟେ ଇଣ୍ଟରେଷ୍ଟ ଆୟ ୨,୪୯୦ କୋଟି, ଫିସ ୨,୪୭୧ କୋଟି, ଅପରେଟିଙ୍ଗ ଖର୍ଚ୍ଚ ୨,୪୮୪ କୋଟି ଓ ବ୍ୟାଡ ଡେବ୍ଟ ୧,୨୯୩ କୋଟି ଥିବା ସୂଚନା ରହିଛି।

**ସତର୍କ ସୂଚନା ଜାରିକଲା ବାଘୁଆ ଜଳସେଚନ ପ୍ରଶାସନ**

ବୁଗୁଡା,(କାଳିଚରଣ ଦାଶ):ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ବାଘୁଆ ଜଳସେଚନ ଉପ-ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳଙ୍କ ପକ୍ଷରୁ ବାଘୁଆ ନଦୀକୂଳସ୍ଥ ଜନସାଧାରଣଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ସମ୍ଭାବ୍ୟ ବାତ୍ୟାଜନିତ ବର୍ଷା ଲାଗି ରହିଲେ ଯେକୌଣସି ସମୟରେ ଜଳଭଣ୍ଡାର ପୂର୍ଣ୍ଣ ଜଳଧାରଣ କ୍ଷମତାରେ ପହଞ୍ଚି ଯାଇପାରେ। ତେଣୁ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ବନ୍ୟାଜଳକୁ ବାଘୁଆ ନଦୀ ମାଧ୍ୟମରେ ନିଷ୍କାସନ କରାଯିବାର ସମ୍ଭାବନା ରହିଛି। ଏଣୁ, ବାଘୁଆ ନଦୀକୂଳରେ ଅବସ୍ଥିତ ସମସ୍ତ ଗ୍ରାମର ଜନସାଧାରଣ ନଦୀକୁ ଯିବେ ନାହିଁ ଏବଂ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନଦୀକୁ ନ ଛାଡିବାକୁ ବାଘୁଆ ଜଳସେଚନ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

## ସଂକ୍ଷେପରେ

### ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

**ହିଞ୍ଜିଳିକାଟୁ, ୨୬।୧୦( ଦ୍ୱିତୀକୃଷ୍ଣ ପଣ୍ଡା)**

ହିଞ୍ଜିଳିକାଟୁ ଅଞ୍ଚଳରେ ଏବେ ଲୁଟେରାଙ୍କ ଲୋଲୁପ ଦୃଷ୍ଟି ମନ୍ଦିର ଉପରେ ପଡ଼ିଛି। ଶନିବାର ରାତିରେ ହିଞ୍ଜିଳି ଥାନା ଅଞ୍ଚଳର ବିଷୋୟୀ ନୂଆପଲୀ, ନରେନ୍ଦ୍ରପୁର, କୀର୍ତ୍ତିପୁର ଓ ରାଜେନ୍ଦ୍ର ନାରାୟଣପୁର ୪ଟି ଗାଁର ୫ ମନ୍ଦିରରୁ ଚୋରି ହୋଇଛି। ନୂଆପଲ୍ଲୀର ସଙ୍କଳେଶ୍ୱର ମନ୍ଦିର ଭିତରୁ ଦାନହୁଣ୍ଡି ତାଡି ସେଥିରେ ଥିବା ପ୍ରାୟ ୧୬ହଜାର ଟଙ୍କାରୁ ଚୋରାଇ ନେଇଥିବା ପୂଜାରୀ ବିଚିତ୍ର ମୁନି ଅଭିଯୋଗ କରିଛନ୍ତି। ରାଜେନ୍ଦ୍ର ନାରାୟଣପୁର ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ହୁଣ୍ଡିରୁ ପ୍ରାୟ ୨ହଜାର ଟଙ୍କା ଲୁଟ ହୋଇଥିବା ପୂଜାରୀ ବିଜୟ ମୁନି ଅଭିଯୋଗ କରିଛନ୍ତି। କିର୍ତ୍ତିପୁର ଗାଁର କାଲୁଆ ମନ୍ଦିର ଭିତରେ ପଶି ଠାକୁରଙ୍କ ବ୍ୟବହାର ହେଉଥିବା ବିଭିନ୍ନ ପିତଳ ସାମଗ୍ରୀ ଚୋରି ହୋଇଥିବା ପୂଜାରୀ ପଞ୍ଚାନନ ମୁନି ଅଭିଯୋଗ କରିଛନ୍ତି। ନରେନ୍ଦ୍ରପୁର ଗାଁରେ ହନୁମାନ ମନ୍ଦିରରୁ ଲୁଟେରା ମାନେ ଚୋରି ଉଦ୍ୟମ କରିଥିବା ମଧ୍ୟ ପୂଜାରୀ ଅମୂଲ୍ୟ ଦାଶଙ୍କ କହିଛନ୍ତି। କାମାକ୍ଷୀ ମନ୍ଦିରରୁ ଗୋଟିଏ ଘଣ୍ଟି ଓ ଦାନ ହୁଣ୍ଡି ରୁ ପ୍ରାୟ ୨୦ହଜାର ଟଙ୍କା ଚୋରି ହୋଇଥିବା ପୂଜାରୀ ଗୋପାଳ ମୁନି ଅଭିଯୋଗ କରିଛନ୍ତି। ଏନେଇ ହିଞ୍ଜିଳି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଭୂତସରସିଙ୍ଗିରେ ସିଧା ପ୍ରସାରଣ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୨୬।୧୦(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ବ୍ଲକ ଭୂତସରସିଙ୍ଗି ପଞ୍ଚାୟତରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୭ତମ ମନ କି ବାତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଜିଲା ସଭାପତି ବିଜୟ କୁମାର ସ୍ୱାଇଁ ଓ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଏବଂ ଏମପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶଙ୍କ ସହିତ ସ୍ଥାନୀୟ ସରପଞ୍ଚ ମନୋଜ ଦାଶ, ଖରିଡା ସରପଞ୍ଚ ପ୍ରତିନିଧି ରମେଶ ଦଳେଇଙ୍କ ସହ ବହୁ ଭାଜପା ନେତା, କର୍ମୀ ଓ ମହିଳାମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମନ କି ବାତ କାର୍ଯ୍ୟକ୍ରମରେ ଓଡିଶା ଉପରେ ଫୋକସ କରିଥିଲେ । ଲୋକଙ୍କର ଯେପରି ଆର୍ଥିକ ସ୍ଥିତି ବଦଳିବ ତା ଉପରେ ଫୋକସ କରିଥିଲେ। ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଭୁତସରସିଙ୍ଗି ସରପଞ୍ଚ ସଂଯୋଜନା କରିଥିଲେ।

# ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର ହେବେ ଉପକୂଳବର୍ତ୍ତୀ ଅଞ୍ଚଳବାସୀ

**ଛତ୍ରପୁର.୨୫।୧୦(ଦିଲ୍ଲୀପ ସାମଲ)**

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ପ୍ରଭାବରେ ସୋମବାର ରାତିରୁ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଏଣୁ ସମସ୍ତ ବିଭାଗ ସଜାଗ ରହିବା ପାଇଁ ଜିଲାପାଳ ଭି. କୀର୍ତ୍ତି ଭାସନ ଏକ ବୈଠକରେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସୋମବାର ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି କୁହାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସ୍କୁଲକୁ ୨୭ ଓ ୨୮ ତାରିଖରେ ଛୁଟି ଘୋଷଣା କରାଯାଇଛି । ଜିଲାରେ ଥିବା ୧୧୦ ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ସମସ୍ତ ଉପକୁଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କୁ ସ୍ଥାନନ୍ତର କରିବା ବେଳେ ଆବଶ୍ୟକ ହେଲେ ପୋଲିସର ସହଯୋଗ ନିଆଯିବସ୍। ପାତ୍ରପୁର ଓ ସୋରଡ଼ା ଅଞ୍ଚଳରେ ଭୂସ୍ଖଳନ ସମ୍ଭାବନା ରହିଥିବାରୁ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରିବା ଲାଗି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର କୌଣସି ସ୍ଥାନରେ ଲୋକେ ଏହି ଦୁଇ ଦିନ ଯେପରି କଚ୍ଚାଘରେ ରହିବେ ନାହିଁ ସେଦିଗରେ ଧ୍ୟାନ ଦେବା ପାଇଁ ସମସ୍ତ ବିଡ଼ିଓ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି। ଏହାକୁ କଡାକଡି କରାଯିବ। ସେହିପରି ସହରାଞ୍ଚଳରେ ପାଣି ପମ୍ପ ଓ ପାଣି ନିଷ୍କାସନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ସରଞ୍ଜାମ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଗୋପାଳପୁର, ସୁନାପୁର ବେଳାଭୂମିରେ ପର୍ଯ୍ୟଟକମାନଙ୍କ ବୁଲିବା ମନା କରାଯାଇଛି । ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ । ରାସନ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଦିର କଳା ବଜାର ରୋକିବା ସହ ଏହା ଉପରେ କଡା ନଜର ରଖିବାକୁ ଜିଲ୍ଲାପାଳ କହିଛନ୍ତି। ପ୍ରତି ତହସିଲ ଓ ବ୍ଲକ ସ୍ତରରେ କଣ୍ଟ୍ରୋଲ ରୁମ ଖୋଲାଯିବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କେର୍କଟା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସମେତ ସମସ୍ତ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆଉ ଯେଉଁ ଅଧିକାରୀ ମାନେ ଉପସ୍ଥିତ ନାହାନ୍ତି ସେମାନଙ୍କୁ କାରଣ ଦର୍ଶାଅ ନୋଟିସେ ଜାରି କରାଯିବ ବୋଲି ଜିଲାପାଳ କହିଛନ୍ତି ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

**■ ଆଜି ବନ୍ଦ ରହିବ ଜନ ଅଭିଯୋଗ ଶୁଣାଣି**

# ନଦୀ ତଟବର୍ତ୍ତୀ ଗାଁରେ ସତର୍କ ସୂଚନା ଜାରି

## ଘୋଡାହାଡ଼ ଡ୍ୟାମରୁ ଛଡ଼ାଯିବ ପାଣି

**ଦିଗପହଣ୍ଡି,୨୬।୧୦(ଅଶେଷ ନାଥ ମିଶ୍ର)**

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ରବିବାର ବାତ୍ୟା 'ମୋନ୍ଥା'ରେ ପରିଣତ ହୋଇଛି। ଏହାର ପ୍ରଭାବରେ ମଙ୍ଗଳବାର ଠାରୁ ଗୁରୁବାର ଯାଏଁ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳରୁ ଅତିପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ଅଧିନ ଦିଗପହଣ୍ଡି ସ୍ଥିତ ଘୋଡାହାଡ ଜଳସେଚନ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯେକୌଣସି ମୁହୂର୍ତ୍ତରେ ଘୋଡାହାଡ ଡ୍ୟାମରୁ ସ୍ପିଲ୍ ୱେ ମୁଖ୍ୟ ଫାଟକ ଦେଇ ଘୋଡ଼ାହାଡ଼ ନଦୀ ମଧ୍ୟକୁ ପାଣି ଛଡ଼ାଯିବ ବୋଲି ନଦୀ ତଟବର୍ତ୍ତୀ ଗ୍ରାମବାସୀଙ୍କୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଜାରି କରାଯାଇଛି। ଡ୍ୟାମର ଜଳଧାରଣ କ୍ଷମତା ୧୧୭.୮୦ ମିଟର ରହିଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା ଜଳଭଣ୍ଡାରରେ ୮୭.୫ ଭାଗ ଅର୍ଥାତ୍ ୧୧୬.୫୦ ମିଟର ପାଣି ଗଚ୍ଛିତ ରହିଥିବା ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ ଜଣାଇଛନ୍ତି। ଡ୍ୟାମରୁ ନଦୀଗର୍ଭକୁ ପାଣି ଛଡ଼ାଯିବ ବୋଲି ଜଳସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ନିକଟସ୍ଥ ଥାନା ଓ ଦମକଳ କେନ୍ଦ୍ର ଗୁଡ଼ିକୁ ସୂଚନା ଦିଆଯାଇଛି।

# ପ୍ରୟାଗ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

**ପୋଲସରା,୨୬।୧୦(ସୁବ୍ରତ ବେହେରା)**

ଗଞ୍ଜାମ ଜିଲା ପୋଲସରା ଲୁଣିଘାଟି ପଡ଼ିଆ ଠାରେ ପ୍ରୟାଗ ପବ୍ଲିକ ସ୍କୁଲର ଅଧକ୍ଷ ଯମୁନା ବିଶ୍ୱାଳ ଓ ସମ୍ପାଦକ ରାଜୀବ ଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ବିଜ୍ଞାନ ମେଳା ସ୍କୁଲ ପକ୍ଷରୁ ଅନୁଷ୍ଠିତ ହେଇଛି। ଉକ୍ତ ମେଳାକୁ ବନୋଜ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଏସ ଅଜୟ କୁମାର, ଜିତେନ୍ଦ୍ର କୁମାର ପ୍ରଧାନ, ଭଗବାନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ଞାନ ବିଜ୍ଞାନର ଏହି ମେଳାରେ କୁନି କୁନି ପିଲାଙ୍କ ବିଭିନ୍ନ ଉଦ୍ଭାବନ ପ୍ରଦର୍ଶନ କରାଯାଇଥିଲା। ମେଳାରେ ୪୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉକ୍ତ ମେଳାରେ ବିଜ୍ଞାନର ଭିନ୍ନ ଏକ ପ୍ରଦର୍ଶନ କରି ପ୍ରଥମ ସ୍ଥାନରେ ରିତିକାରାଣୀ ଦାସ, ଦ୍ୱିତୀୟ ସ୍ଥାନରେ ଆଦିତ୍ୟ ସାହୁ, ତୃତୀୟ ସ୍ଥାନରେ ଆୟୁଷ୍ମାନ ସାହୁ ଅଂଶ ଗ୍ରହଣ କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ଦେଇ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନେ ଉତ୍ସାହ କରିଥଲେ।

# ରମ୍ଭାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ରମ୍ଭା,୨୬।୧୦(ବନବାସୀ ସେଠୀ)**

ଗଞ୍ଜାମ ବ୍ଲକ୍‌ର ୧୪୮ ଟି ବିଦ୍ୟାଳୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୭୬୨ ଜଣ ନିରକ୍ଷର ଅଂଶ ଗ୍ରହଣ କରି ରବିବାର ଏନଆଇଏଲପିରେ ପରୀକ୍ଷା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ନୋଡାଲ ଅଫିସର ଏବିଇଓ ବିନୀତା କୁମାରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ବିଇଓ ପ୍ରସନ୍ନ ବେହେରା ଏବଂ ବିଆରସିସି ସଂଯୁକ୍ତା କୁମାରୀ ବେହେରା, ପାଲଙ୍ଗ ସିଆରସିସି ସିମାଞ୍ଚଳ ପାଣି ଏବଂ ପାଲୁର ସିଆରସିସି ଅତୀନ୍ଦ୍ରିୟ ପାଟଯୋଶୀ ଯୋଗଦାନ କରିଥିଲେ। ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ସହଯୋଗ କରିଥିଲେ। ରମ୍ଭା ଆର. ନୂଆଗାଁ କ୍ଲଷ୍ଟର ସିଆରସିସି ରବୀନ୍ଦ୍ର ପଣ୍ଡା, ବ୍ରାହ୍ମଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଯାନୀ, ମନୁ ଦେବୀ, ନିରୁପମା ବେହେରା, ତ୍ରିନାଥ ବେହେରା, ରମ୍ଭା ବାଳିକା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଳକା ବେହେରା, ମମତା ବେହେରା, ଛାମୁ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ଦେବୀ, ଆଶାଲତା ନାୟକ, ସୁମିତ୍ରା ବେହେରା, ଟିକରପଡା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୁଲଣା ବେହେରା, ବ୍ରଜମୋହନ ପୁର ସ୍କୁଲର ପ୍ରଧାନ ଶିକ୍ଷକ ରଙ୍କନିଧି ନାୟକ, ଦିଲ୍ଲୀପ ପ୍ରଧାନ, ହେମଲତା ବେହେରା ଉପସ୍ଥିତ ଥିଲା।

# ଜିଲାସ୍ତରୀୟ ଯୁବ ସମ୍ମିଳନୀ

**ଆସିକା,୨୬।୧୦(ସୁରେନ୍ଦ୍ର ନାଥ ସାହୁ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ପାଳନ ଅବସରରେ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଘୁମୁସର ସାଙ୍ଗଠନିକ ଜିଲାର ପ୍ରଥମ ପର୍ଯ୍ୟାୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ଚାଳକ ବନମାଳି ଗୌଡ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ । ବିଭାଗ ପ୍ରମୁଖ ସୁନିଲ କୁମାର ଗୌଡ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ପଟ୍ଟନାୟକ, ପ୍ରାନ୍ତଃ ମହାବିଦ୍ୟାଳୟ ପ୍ରମୁଖ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ଯୁବବର୍ଗଙ୍କ ମଧ୍ୟରେ ରାଷ୍ଟ୍ରୀୟ ଚେତନା, ନାଗରିକ କର୍ତ୍ତବ୍ୟ ଓ ସାମାଜିକ ନ୍ୟାୟ ସଂକଳ୍ପ ଆଧାରରେ ଏହି ସମ୍ମିଳନୀ ହୋଇଥିଲା । କାର୍ଯ୍ୟକ୍ରମର ବିଭିନ୍ନ ସତ୍ରରେ ଭାରତ ଇତିହାସର ପୃଷ୍ଠଭୂମି, ପଞ୍ଚ ପରିବର୍ତ୍ତନ, ସ୍ୱତନ୍ତ୍ରତା ଭାରତ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ରାଷ୍ଟ୍ରୀୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ଜିଲା ପ୍ରଚାର ପ୍ରସାର ପ୍ରମୁଖ ନାଗେଶ୍ୱର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜିଲା ସଂଘ ଚାଳକ ବିଶ୍ୱନାଥ ସେଠୀ, ବିଜୟ କୁମାର ସାମଲ, ବିଚିତ୍ରାନନ୍ଦ ପୋଲାଇ, ସିମାଞ୍ଚଳ ମିଶ୍ର, ସିମାଞ୍ଚଳ ମହାରଣା, ଶିବରାମ ମହାରଣା, ଅନିଲ କୁମାର ସ୍ୱାଇଁ, ହିଂମାଶୁ ଶେଖର ତ୍ରିପାଠୀ, ବିମ୍ବାଧର ପାତ୍ର, ଶ୍ରୀନିବାସ ପାତ୍ର, ବ୍ରଜବନ୍ଧୁ ଆଚାରୀ ପ୍ରମୁଖ ପରିଚାଳନାରେ ସହଯୋଗୀ ଥିଲେ । ସଂଘର ଆସିକା, କବିସୂର୍ଯ୍ୟନଗର ଓ ଧରାକୋଟ ଖଣ୍ଡ ସହ ଆସିକା ନଗର ଶାଖାର ବହୁ ଯୁବ ସ୍ୱୟଂ ସେବକ ଉପସ୍ଥିତ ଥିଲେ ।


## ଜିଲ୍ଲାସ୍ତରୀୟ ଅନୁଷ୍ଠାନ ଭିତ୍ତିକ ତାଲିମ ପାଇଁ ବିଜ୍ଞାପନ

No. PP-40: ଚଳିତ ଶିକ୍ଷା ବର୍ଷ (୨୦୨୫-୨୬) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ନିମ୍ନ ଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟ ଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ କରିବାର ଶେଷ ତାରିଖ ୨୪।୧୧।୨୦୨୫ । ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ୨୦୦୦/-ଙ୍କା ବୃତ୍ତି ପ୍ରଦାନ କରାଯିବ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର (ପାଠ୍ୟକ୍ରମ) ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|---|
| ୧ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ଈଶ୍ୱରପୁର, ବାଲେଶ୍ୱର | ପଥର ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳଗାଡ଼ିଆ, ବାଲେଶ୍ୱର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୩ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ବାଲେଶ୍ୱର | ପଥର ଖୋଦେଇ (ଉଚ୍ଚତର) | ୧୦ | ୧ ବର୍ଷ |
| ୪ | ବରଗଡ଼ | ଚଢ଼େଇଗାଁ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚଢ଼େଇଗାଁ, ବରଗଡ଼ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୫ | ଭଦ୍ରକ | ମହାନ୍ତିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମହାନ୍ତିପଡ଼ା, ଭଦ୍ରକ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୬ | ବଲାଙ୍ଗୀର | ବାହାଲି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବାହାଲି, ବଲାଙ୍ଗୀର | ଧାନରୁ ତିଆରି ହସ୍ତଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୭ | କଟକ | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲଳିତଗିରି, କଟକ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୮ | କଟକ | ରାଜନଗର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ରାଜନଗର, ଚକଡ଼ା, ଆଠଗଡ଼, କଟକ | ବେତ ବାଉଁଶ (ମୌଳିକ) | ୨୦ | ୧ ବର୍ଷ |
| ୯ | କଟକ | ଘାସିପୁଟ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଘାସିପୁଟ, କଟକ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୦ | ଦେଓଗଡ଼ | ଭିତରପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଭିତରପଡ଼ା, ଦେଓଗଡ଼ | ଢ଼ୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୧ | ଢେଙ୍କାନାଳ | କରମୂଳ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କରମୂଳ, ଢେଙ୍କାନାଳ | ଆସିବାସୀ ଅଳଙ୍କାର (ମୌଳିକ) | ୧୦ | ୧ ବର୍ଷ |
| ୧୨ | ଢେଙ୍କାନାଳ | ସାଆନ୍ଦାପଶିପାଟଣା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସାଆନ୍ଦାପଶିପାଟଣା, ଗନ୍ଦିଆ, ଢେଙ୍କାନାଳ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୩ | ଢେଙ୍କାନାଳ | ସଦେଇବରେଣୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସଦେଇବରେଣୀ, ଢେଙ୍କାନାଳ | ଢ଼ୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୪ | ଗଜପତି | ପାରଳାଖେମୁଣ୍ଡି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପାରଳାଖେମୁଣ୍ଡି, ଗଜପତି | ଶିଙ୍ଗ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୫ | ଗଞ୍ଜାମ | ମାମୁଡ଼ିହ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମାମୁଡ଼ିହ, ଗଞ୍ଜାମ | କଂସା ଓ ପିତ୍ତଳ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୬ | ଜଗତସିଂହପୁର | ଲୁଣୁକୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲୁଣୁକୁଆ, ଜଗତସିଂହପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୧୭ | ଜଗତସିଂହପୁର | ଅବଦଲପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅବଦଲପୁର, ଜଗତସିଂହପୁର | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୮ | ଯାଜପୁର | ଗଡ଼ମଧୁପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଗଡ଼ମଧୁପୁର, ଯାଜପୁର | କାଇଁଚ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୯ | କଳାହାଣ୍ଡି | ଖଇରପଦର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖଇରପଦର, କଳାହାଣ୍ଡି | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୦ | କନ୍ଧମାଳ | ଫିରିଙ୍ଗିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଫିରିଙ୍ଗିଆ, କନ୍ଧମାଳ | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୧ | କେନ୍ଦ୍ରାପଡ଼ା | ଅନୁଆପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅନୁଆପଡ଼ା, ଡେରାବିଶ, କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୨୨ | କେନ୍ଦୁଝର | ଆନନ୍ଦପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆନନ୍ଦପୁର, କେନ୍ଦୁଝର | କାଗଜ ମୁଖା (ମୌଳିକ) | ୨୦ | ୧ ବର୍ଷ |
| ୨୩ | କୋରାପୁଟ | ବୈିପାରିଗୁଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବୈିପାରିଗୁଡ଼ା, କୋରାପୁଟ | ବାଉଁଶ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୪ | ମାଲକାନଗିରି | ମୁଦୁଲିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମୁଦୁଲିପଡ଼ା, ମାଲକାନଗିରି | ଆଦିବାସୀ ଅଳଙ୍କାର (ମୌଳିକ) | ୨୦ | ୧ ବର୍ଷ |
| ୨୫ | ମୟୂରଭଞ୍ଜ | ଖିଚିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖିଚିଙ୍ଗ, ମୟୁରଭଞ୍ଜ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୨୬ | ମୟୂରଭଞ୍ଜ | କୃଷ୍ଣ ଚନ୍ଦ୍ରପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୃଷ୍ଣ ଚନ୍ଦ୍ରପୁର, ମୟୁରଭଞ୍ଜ | ସବାଇ ଘାସ (ମୌଳିକ) | ୧୦ | ୧ ବର୍ଷ |
| ୨୭ | ନବରଙ୍ଗପୁର | ନବରଙ୍ଗପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନବରଙ୍ଗପୁର | ଲାଖ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୮ | ନୟାଗଡ଼ | ଆଙ୍ଗିଶିଙ୍ଗି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆଙ୍ଗିଶିଙ୍ଗି, ନୟାଗଡ଼ | ବେତ ବଉଁଶ (ମୌଳିକ) | ୧୦ | ୧ ବର୍ଷ |
| ୨୯ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୩୦ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ଶଙ୍ଖ ଶାମୁକା (ମୌଳିକ) | ୧୦ | ୧ ବର୍ଷ |
| ୩୧ | ରାଗୟଡ଼ା | ପୁଟାସିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପୁଟାସିଙ୍ଗ, ରାୟଗଡ଼ା | ଜନଜାତି ଚିତ୍ରକଳା (ମୌଳିକ) | ୨୦ | ୧ ବର୍ଷ |
| ୩୨ | ରାୟଗଡ଼ା | ଚାଟିକୋଣ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚାଟିକୋଣ, ରାୟଗଡ଼ା | ଡଙ୍ଗରିଆ କନ୍ଧ ଏମବ୍ରୋଡରୀ ଶାଲ (ମୌଳିକ) | ୨୦ | ୧ ବର୍ଷ |
| ୩୩ | ସମ୍ବଲପୁର | ସହଜବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସହଜବହଲ, ସମ୍ବଲପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୩୪ | ସୁବର୍ଣ୍ଣପୁର | କୁହିବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୁହିବହଲ, ସୁବର୍ଣ୍ଣପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |

**ଆବେଦନ ନିମନ୍ତେ ଯୋଜନା:**

ବୟସ: ମୌଳିକ ପାଠ୍ୟକ୍ରମ ପାଇଁ ୧୪ବର୍ଷରୁ ୪୦ବର୍ଷ ଓ ଉଚ୍ଚତର ପାଠ୍ୟକ୍ରମ ପାଇଁ ୧୫ବର୍ଷରୁ ୪୦ ବର୍ଷ। ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ।

**ଶିକ୍ଷାଗତ ଯୋଗ୍ୟତା – ୮ମ ପାସ୍ ଓ ତଦୂର୍ଦ୍ଧ୍ୱ**

ଉଚ୍ଚତର ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ପାଠ୍ୟକ୍ରମରେ ତାଲିମ ସମାପ୍ତ କରିଥିବେ କିମ୍ବା ଜିଲ୍ଲାସ୍ତରୀୟ MCM ତାଲିମ କାର୍ଯ୍ୟକ୍ରମରେ ତାଲିମ ପ୍ରାପ୍ତ ହୋଇଥିବେ ତଥା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନୂନ୍ୟ ୦୨ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା କିମ୍ବା କୌଣସି ରାଜ୍ୟ/ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗରଙ୍କ ଅଧୀନରେ ଅନୂନ୍ୟ ୦୫ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା: ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ସଂଖ୍ୟାଲଘୁ ସମ୍ପ୍ରଦାୟ/ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଅନଲାଇନ୍ ମାଧ୍ୟମରେ **https://crafts.odisha.gov.in/** ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି **https://spdp.odisha.gov.in/**ରେ ପ୍ରବେଶ କରିବା ପରେ Institutional Trainingର Apply Now ଉପରେ Click କରି ଆବେଦନ କରିପାରିବେ। ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ନିର୍ଦ୍ଦେଶକ

OIPR-31034/11/0006/2526 ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର



## OFFICE OF THE DEPUTY DIRECTOR RESEARCH

**Research Development & Quality Promotion (R & B), Odisha**
**Sachivalaya Marg, Unit-IV, Bhubaneswar**
E-mail : eeqcrandbbbsr@gmail.com
"e"-Procurement Notice
Government Of Odisha

No.B-632 **WORKS DEPARTMENT**

**Bid Identification No. 02/DDR-RDQP/25-26**

1. The Deputy Director Research, RD & QP (R&B), Odisha, Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified laboratory equipment manufacturers or their Authorized distributors / dealers in double cover system for the work **"Supply, Installation & Commissioning of Spark based Optical Emission Spectrometer for laboratories under Research Development and Quality Promotion Wing, Government of Odisha during the financial year 2025-26"**
2. Nature of work : Procurement of Machineries / Equipment
3. No. of work : 1 No.
4. Tender Paper cost : Rs.10000.00
5. Type of bidder : Original Equipment Manufacturer (OEM)/ Authorized Distributor / Dealer of OEM
6. Availability of bid documents on the website : From 10.00 A.M. of 27.10.2025 to 5.30 P.M. of 17.11.2025
7. Date of opening of Bid : Dt.18.11.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Deputy Director Research, RD&QP (R&B), Bhubaneswar**

**OIPR-34167/11/0008/2526**



## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR

**E-mail: eebbsrrwss@gmail.com**

**QUOTATION CALL NOTICE No. 20 of 2025-26**

No. O-1098: The Superintending Engineer, RWS&S Division, Bhubaneswar on behalf of Governor of Odisha invites sealed quotations from interested reputed Travel Agencies/Tour Operators/individuals for providing two No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the terms and conditions (Appendix-A) for official use of Engineer-in-Chief, RWS & (O), Bhubaneswar on monthly basis as per the following details.

| Sl. No. | Nature of Work | Hiring of Vehicle for Office use of Engineer-in-Chief, RWS&S (O), Bhubaneswar |
|---|---|---|
| 1. | No. of Works | 02 (Two) |
| 2. | Time for Deployment | Three Years |
| 3. | Class of Contractors eligible | Reputed Travel Agencies/Tour Operators/Private Individuals |
| 4. | Availability of bids in the Office Superintending Engineer, RWS&S Division, Bhubaneswar | From Dt.28.10.2025 (11.00 A.M.) to Dt.06.11.2025 (1.00 P.M.) |
| 5. | Last date and time for submission of quotation papers in the quotation box kept in the Office of the Superintending Engineer, RWS&S Division, Bhubaneswar | Dt.07.11.2025 (1.00 P.M.) |
| 6. | Date & time of opening of bids | On Dt.07.11.2025 (04.00 P.M.) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

**Sd./- Executive Engineer RWS&S Division, Bhubaneswar**

**OIPR-25011/11/0037/2526**



## OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)

No.O-1151

**E-mail ID : eerwkaranjia@yahoo.com**
**Letter No. 4303 // Date : 18.10.2025**

**"e" Procurement Notice for Special Repair to Roads for year 2025-26**
**Bid Identification No. - RWDKNJ - 08/2025-26**

1. Name of the work : Road Works (As per Annexure), 2. Estimated Cost : Rs.5.08 to Rs.25.42 Lakhs Approximately (As per Annexure), 3. Class of Contractor : 'D', 'C' & 'C', 'B' Class (As per Annexure), 4. Period of Completion : As per Annexure, 5. Tender Paper Cost : Paper cost of bid as mentioned in Annexure of Road Works.
Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-08/25-26 | Dt.28.10.2025 at 10.00 A.M. | Dt.06.11.2025 upto 5.00 P.M. | Dt.04.11.2025 upto 1.00 P.M. | Dt.07.11.2025 at 11.00 A.M. |

**Sd./- Executive Engineer R.W. Division, Karanjia**

**OIPR-25086/11/0030/2526**



## GOVERNMENT OF ODISHA PANCHAYATIRAJ & D.W. DEPARTMENT

**OFFICE OF THE PANCHAYAT SAMITI, NAUGAON, JAGATSINGHPUR**

**e-mail ID: ori-naugaon@nic.in**

No. i-

**'e' Procurement Notice No. BDO/NPS-02 of 2025-26**

| | | |
|---|---|---|
| 1 | Number of the works | 04 (Four) Nos. |
| 2 | Tender Amount (Approx.) | Rs.22.32 Lakhs to Rs.24.33 lakhs |
| 3 | EMD (Online) | Rs.22,400 to Rs.24,400 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Naugaon | BDO/NPS-02/ 2025-26 | 27.10.2025 at 10.00 hours | 10.11.2025 at 17.30 hours | 06.11.2025 upto 1.00 P.M. during office horus on working days | 11.11.2025 at 11.00 A.M. during office hours | O/o. the Panchayat Samiti, Naugaon |

Further details can be seen from the Govt. website "**https://tendersodisha.gov.in**.
All Corrigendum/Cancellation of tender if any, will only be uploaded in the above website.

**OIPR-19447/11/0003/2526** **Sd./- Block Development Officer, Naugaon**



## GOVT. OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR

No.O-1124

E-Mail:- eerw_anandapur@yahoo.co.in

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online-06 /EE/RW/AND/2025-26**
**Annual Maintenance Plan of Rural Roads under Administrative Expenditure**

No. ______// Date : 23.10.2025 //

**Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the State Government & contractors of equivalent grades / class registered with Central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 06/EE/RW/ AND/2025-26 | 27.10.2025 at 10.00 A.M. | 04.11.2025 up to 5.00 P.M. | 03.11.2025 up to 5.00 P.M. | 06.11.2025 at 11.30 A.M. |

**Sd./- Executive Engineer R.W. Division, Anandapur**

**OIPR-25055/11/0027/2526**

## ସଂକ୍ଷେପରେ

### କୋଟାରୁ ଓଡ଼ିଆ ଛାତ୍ରଙ୍କ ମୃତଦେହ ଆସିବ ଆଜି

ପାତ୍ରପୁର,୨୬।୧୦(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡା ଥାନା ଅଭୟପୁର ଗ୍ରାମର ରୋଶନ ପାତ୍ର (୨୪)ଙ୍କ ରାଜସ୍ଥାନ କୋଟାଠାରେ ଶନିବାର ଆକସ୍ମିକ ମୃତ୍ୟୁ ହୋଇଥିଲା। ସୋମବାର ତାଙ୍କ ମୃଦଦେହ ଗାଁକୁ ଆସିବ ବୋଲି ଜଣାପଡିଛି। କୋଟା ରାଜୀବ ଗାନ୍ଧୀ ନଗରର ଏକ ହଷ୍ଟେଲରେ ରହି ରୋଶନ ନିଟ୍ କୋଚିଂ ନେଉଥିଲେ। ଶନିବାର କୋଚିଂ ସାରି ରୁମକୁ ଆସିଥିଲେ। ଖାଇବା ପାଇଁ ଯିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କେତେଜଣ ସାଙ୍ଗ ଫୋନ କରି ତାଙ୍କ ବାପା ବି. ରାଧାଶ୍ୟାମ ପାତ୍ରଙ୍କୁ ଜଣାଇ ଥିଲେ । ରୋଶନଙ୍କ ମୃତ୍ୟୁ ହୃଦ୍‌ଘାତ ଜନିତ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି। ରୋଶନଙ୍କମୃତ୍ୟୁ ଖବର ଶୁଣି ପରିବାର ବର୍ଗ ଶନିବାର ରାତିରେ ରାଜସ୍ଥାନ କୋଟା ଯାଇଥିବା ବେଳେ ସୋମବାର ମୃତ ଶରୀର ଗ୍ରାମକୁ ଆସିବ ବୋଲି ଜଣା ପଡିଛି । ମୃତ୍ୟୁ ଖବର ଶୁଣି ଅଭୟ ପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

### ମୃତକଙ୍କ ପରିବାରକୁ ସହାୟତା

ପୋଲସରା,୨୬।୧୦(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ବିପିନି ବିହାରୀ ସାହୁଙ୍କ ଆକସ୍ମିକ ମୃତ୍ୟ ଘଟିଛି। ତାଙ୍କ ପରିବାର କହିଲେ ସ୍ତ୍ରୀ ଆଉ ଗୋଟେ ପୁଅ ଆଉ ଗୋଟେ ଝିଅ ଅଛନ୍ତି। ଘରର ମୁଖିଆ ଚାଲିଯିବା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏଭଳି ଦୁଃଖଦ ଖବର ପାଇ ନିରଞ୍ଜନ ପ୍ରଧାନ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଛୋଟ ଛୋଟ ପିଲା ମାନଙ୍କ ଭବିଷ୍ୟତ ଗଢି ଉଠିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସହଯୋଗ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ବରିଷ୍ଠ କ୍ରୀଡ଼ାବିତ୍‌ଙ୍କ ପରଲୋକ

ଜି.ଉଦୟଗିରି,୨୬।୧୦
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରିର ବିଶିଷ୍ଟ କ୍ରୀଡ଼ାବିତ ମାଧବ ସ୍ୱାଇଁଙ୍କ ଶନିବାର ପରଲୋକ ଘଟିଛି। ସେ କିଛି ଦିନ ହେଲା ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ମୃତ୍ୟୁ ପରେ ତାଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି। ବଡ଼ ପୁଅ ରଞ୍ଜନ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ଦୁଇ ପୁଅ ତିନି ଝିଅଙ୍କ ସହ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ଭଲ ଭଲିବଲ, ଫୁଟବଲ ଖେଳାଳି ହେବା ସହ ଜିଲାର ବିଭିନ୍ନ ସ୍ଥାନରେ ଖେଳ ପରିଚାଳନା କରି ଆସୁଥିଲେ।

### ସମ୍ଭାବ୍ୟ ବାତ୍ୟା ସଚେତନତା

ଚିକିଟି,୨୬।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ତହସିଲ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ରବିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ସମୁଦ୍ରତଟ ବର୍ତ୍ତୀ ଗ୍ରାମର ଥିବା ବାତ୍ୟା ଆଶ୍ରୟ ସ୍ଥଳୀମାନଙ୍କରେ ଡ଼ଙ୍ଗା ମାଲିକ ଏବଂ ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କୁ ନେଇ ବୈଠକ ଡାକି ସମ୍ଭାବ୍ୟ ବାତ୍ୟାକୁ ନେଇ ସଚେତନତା ସୃଷ୍ଟି କରିଥିଲେ। ପ୍ରଶାସନର ନିର୍ଦ୍ଦେଶ ନହେବା ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ଓ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀ ମାନଙ୍କୁ ତୁରନ୍ତ ଫେରି ଆସିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଏବିଡ଼ିଓ ଚକ୍ରଧର ପ୍ରଧାନ, ଗୋଲନ୍ଥରା ପୋଲିସ, ସୁନାପୁର ସାମୁଦ୍ରିକ ଥାନା ପୋଲିସ, ଅଗ୍ନିଶମ ବାହିନୀ, ମତ୍ସ୍ୟ ଓ ବନ ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ।

### ବିରିପୁରରେ ସୁରଭି

ବେଲଗୁଣ୍ଠା,୨୬।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବିରିପୁରସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନେଟ୍ଟଙ୍ଗା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ସଲ୍ୟ ସିୟ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରି ପ୍ରତିଭା କୁମାରୀ ରଥ, ମୁଖ୍ୟ ବକ୍ତା ଭାବେ ଅଧକ୍ଷ ମାନସ ରଞ୍ଜନ ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ ।

# ବାତ୍ୟା ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ସଜାଗ

ପାରଳାଖେମୁଣ୍ଡି,୨୬।୧୦(ଗିରିଧାରୀ ପରିଛା)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ସଜାଗ ରହିଛି। ବାତ୍ୟା ଆନ୍ଧ୍ରପ୍ରଦେଶର ମଛଲିପାଟନମ ଓ କାକିନଡ଼ା ଆଖପାଖରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାପରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପବନ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ଗଜପତି ଜିଲାକୁ ରେଡ ଜୋନ୍‌ରେ ରଖି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ବାତ୍ୟା ସମୟରେ ସୁରକ୍ଷା ଓ ସତର୍କତା ଗୁରୁତ୍ୱ ଦିଆଯାଇଥିବା ଜିଲାପାଳ ମଧୁମିତା କହିଛନ୍ତି। ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ବ୍ୟବସ୍ଥାର ତଦାରଖ ସେ ନିଜେ ନିୟନ୍ତ୍ରଣ କକ୍ଷରୁ ପରିଚାଳନା କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଜିଲାବାସୀ ସତର୍କ ରହିବା ଏବଂ ଆବଶ୍ୟକ ସୁରକ୍ଷା ମାନଦଣ୍ଡ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସତର୍କତା ପଦକ୍ଷେପ ସ୍ୱରୂପ ପୂର୍ବ ପ୍ରସ୍ତୁତି କରି ରହିବା ପାଇଁ ଜିଲାପାଳ ରବିବାର ଆଭାସୀ ବୈଠକରେ ଜିଲାର ସମସ୍ତ ବିଭାଗ ଓ ଲାଇନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର, ବ୍ଲକସ୍ତରୀୟ, ତହସିଲସ୍ତରୀୟ ଏବଂ ସମସ୍ତ ଲାଇନ ବିଭାଗୀୟ କାର୍ଯ୍ୟାଳୟ ଗୁଡିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ ରହିବ। ସମସ୍ତ ଅଧିକାରୀ ଏବଂ କର୍ମଚାରୀଗଣ ନିଜ ନିଜ ହେଡ କ୍ୱାର୍ଟରରେ ରହିବେ। ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଗ୍ନିଶମ କେନ୍ଦ୍ର ଗୁଡିକୁ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବା ପାଇଁ କୁହାଯାଇଛି । ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଗୁଡିକୁ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ଯୁଦ୍ଧକାଳୀନ ଭିତ୍ତିରେ ସେଗୁଡିକର ମରାମତି, ବିଦ୍ୟୁତ୍ ଯୋଗାଣ, ଜେନସେଟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା କରି ରଖିବେ। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ତଥା ପାହାଡ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ତଳିଆ ଅଞ୍ଚଳ, କଚ୍ଚା ଘରେ ବସବାସ କରୁଥିବା ପରିବାର ବର୍ଗ କିମ୍ବା ଯେଉଁ ଘରର ସ୍ଥିତି ଠିକ ନାହିଁ ଦୁର୍ବଳ ଅବସ୍ଥାରେ ଅଛି ସେହି ପରିବାର ବର୍ଗଙ୍କୁ ସ୍ଥାନାନ୍ତର କରି ବାତ୍ୟା ଆଶ୍ରୟ ସ୍ଥଳରେ ରଖିବା ବ୍ୟବସ୍ଥା, ରନ୍ଧା ଖାଦ୍ୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗର୍ଭବତୀ କିମ୍ବା ଯେଉଁ ମାନଙ୍କ ପ୍ରସବ ସ୍ୱଳ୍ପ ଦିନ ମଧ୍ୟରେ ହେବାକୁ। ବାତ୍ୟାଦିନ ଜନ ସାଧାରଣ ବାହାରକୁ ବାହାରିବେ ନାହିଁ, ନଦୀ କିମ୍ବା ନାଳକୁ ନ ଯିବାକୁ ସେ ଅନୁରୋଧ କରିଛନ୍ତି। ଜିଲାରେ ୨ଟି ଓଡ୍ରାଫ ଟିମ ପ୍ରସ୍ତୁତ ହୋଇ ରହିଥିବା ଜଣାପଡିଛି। ବାତ୍ୟା ଆଶଙ୍କା ଯୋଗୁ ମହେନ୍ଦ୍ରଗିରି ଶୈବ ପୀଠ ସମେତ ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳ ରବିବାରଠାରୁ ବନ୍ଦ ରହିଛି।

# ସ୍ଥାନାନ୍ତର ହେଲେ ୬୫ ଗର୍ଭବତୀ



ଉପ ଜିଲାପାଳ, ବିଡିଓ ଓ ତହସିଲଦାର ବାତ୍ୟା ଆଶ୍ରୟସ୍ଥଳି ପରିଦର୍ଶନ କରୁଛନ୍ତି।

ମୋହନା,୨୬।୧୦(ମନ୍ମଥ ମିଶ୍ର)

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରବିବାର ମୋହନା ବ୍ଲକ ସମ୍ମିଳନୀ କକ୍ଷରେ ନୋଡାଲ ଅଧିକାରୀ ତଥା ଉପ ଜିଲ୍ଲାପାଳ ଅନୁପ କୁମାର ପଣ୍ଡା ବାତ୍ୟା ମୁକାବିଲା ପାଇଁ କିଭଳି ପ୍ରସ୍ତୁତ ରହିବେ ସେ ନେଇ ସମୀକ୍ଷା କରିଛନ୍ତି । ବୈଠକରେ ମୋହନା ବିଡ଼ିଓ ରାଜୀବ ଦାସ, ତହସିଲଦାର ଚକ୍ରଧର ପାଢ଼ୀ, ଅଗ୍ନିଶମ ଅଧିକାରୀ ପଙ୍କଜ ମହାନ୍ତି, ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ସିଡିପିଓ ସବିତା ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ପାହାଡିଆ ଅଞ୍ଚଳରେ ଥିବା ଲୋକଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ଅଣାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବ୍ଲକ ଓ ପଞ୍ଚାୟତ ହେଡ଼ କାଟର ନ ଛାଡିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଉପ ଜିଲ୍ଲାପାଳ ପଣ୍ଡା କହିଛନ୍ତି । ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ବାତ୍ୟା ଆଶ୍ରୟ ସ୍ଥଳୀ ଭାବେ ପ୍ରସ୍ତୁତ କରାଯାଇଛି । ସେଠାରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଉଛି । ରବିବାର ସନ୍ଧ୍ୟାସୁଦ୍ଧା କିଛି ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେଥିମଧ୍ୟରୁ ୬୫ ଜଣ ଗର୍ଭବତୀ ମହିଳାଙ୍କୁ ମା ଗୃହ ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ଉପ ଜିଲ୍ଲାପାଳ କହିଛନ୍ତି ।

### ଗ୍ୟାସ୍ ଲିକ୍, ୨ ଗୁରୁତର

ଚିକିଟି,୨୬।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ପେଣ୍ଠସ୍ଥିତ ବସଷ୍ଟାଣ୍ଡ ନିକଟ ଏକ ଜଳଖିଆ ଦୋକାନରେ ରବିବାର ସକାଳେ ଗ୍ୟାସ୍ ଲିକ୍ ହୋଇ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚିକିଟି ପେଣ୍ଠର ଗଙ୍ଗାଧର ବାଡ଼ତ୍ୟା (୫୫) ଓ ରାଜେନ୍ଦ୍ର ବେହେରା (୫୨)। ଦୋକାନରେ ରୋଷେଇ ବେଳେ ଗ୍ୟାସ୍ ଲିକ ହୋଇ ବିଭିନ୍ନ ସାମଗ୍ରୀ ଜଳିଯାଇଛି। ଏହାସହ ରାଜେନ୍ଦ୍ରଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇ ଆହତ ହୋଇଥିଲେ। ନିକଟରେ ଥିବା ଗଙ୍ଗାଧର ରାଜେନ୍ଦ୍ରକୁ ଉଦ୍ଧାର କରିବାକୁ ଆସିଥିବା ବେଳେ ସେ ମଧ୍ୟ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। କେ.ନୂଆଗାଁ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ୱାରେଣ୍ଟ ବଳରେ ଯୁବକ ଗିରଫ

ଦିଗପହଣ୍ଡି,୨୬।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ରବିବାର ବି. ତୁରୁବୁଡ଼ି ଗ୍ରାମର ଶୁଭମ୍ ସାହୁଙ୍କୁ ୱାରେଣ୍ଟ ବଳରେ ଗିରଫ କରିଛି। ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ନ ହେବାରୁ ମାଜିଷ୍ଟ୍ରେଟ ଜିଆର କେଶ୍ ନଂ. ୧୨୧/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

# ୪ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ

**ଅବକାରୀ ବିଭାଗ ଗାଡିକୁ ଧକ୍କା ଦେଇ ମିନିଟ୍ରକ ଡ୍ରାଇଭର ଚମ୍ପଟ**

ମୋହନା,୨୬।୧୦(ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କର୍ଚବାଡ଼ି ପଞ୍ଚାୟତର ବୁଡ୍ରେଙ୍ଗ ଘାଟି ନିକଟରୁ ଏକ ମିନିଟ୍ରକ ସହ ୪୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ରବିବାର ବୁଡ୍ରେଙ୍ଗ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଅବକାରୀ ବିଭାଗର ଟିମ୍ ଦ୍ରୁତଗତିରେ ଅସୁଥିବା ମିନିଟ୍ରକ ( ଓଡି ୦୭ଏସି ୯୨୫୬ )କୁ ସନ୍ଦେହରେ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଚାଳକ ଅବକାରୀ ବିଭାଗର ବୋଲେରୋ ( ଓଡି ୦୨ବିଟି ୫୫୫୧ )କୁ ଧକ୍କା ଦେଇ କିଛି ଦୂରରେ ଗାଡି ରଖି ଜଙ୍ଗଲକୁ ଚମ୍ପଟ ମାରିଥିଲେ। ମିନିଟ୍ରକ ଧକ୍କାରେ ଅବକାରୀ ବିଭାଗ ଗାଡି ଚେପା ହୋଇଯାଇଥିଲା। ବିଭାଗ ପକ୍ଷରୁ ଏ ନେଇ ଅଡବା ପୋଲିସକୁ ଖବର ଦିଆଯାଇଥିଲା। ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ପହଞ୍ଚି ମିନିଟ୍ରକକୁ ଯାଞ୍ଚ କରିବାରୁ ସେଥିରେ ଜରି ଅଖାରେ ୪ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଏହି ଗଞ୍ଜେଇ ଅଡବା ଥାନା କେଶରୀଗୁଡା ଅଞ୍ଚଳରୁ ବ୍ରହ୍ମପୁର ଚାଲାଣ ହେଉଥିବା ଅବକାରୀ ବିଭାଗ ଅନୁମାନ କରୁଛି । ଏ ନେଇ ଅବକାରୀ ବିଭାଗ ୧୭୫/୨୫ରେ ମାମଲା ରୁଜୁ କରି ମିନିଟ୍ରକ ଓ ଗଞ୍ଜେଇକୁ ଜବତ କରିଛି। ଗଞ୍ଜାଇ ଚୋରା ଚାଲାଣକାରୀଙ୍କୁ ଧରିବାକୁ ଚେଷ୍ଟା ଜାରି ରହିଥିବା ଜିଲା ଅବକାରୀ ଅଧକ୍ଷ ପ୍ରଦୀପ ସାହୁ କହିଛନ୍ତି।

# ବାତ୍ୟା 'ମୋନ୍ଥା'କୁ ନେଇ ପ୍ରସ୍ତୁତି ବୈଠକ



ଶେରଗଡ଼,୨୬।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ୍ ସଭାଗୃହରେ ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ବିଡ଼ିଓ ତୃପ୍ତିମୟୀ ଜେନା ସଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ର ବିଭିନ୍ନ ଜଳ ଉତ୍ସର ତଦାରଖ ସହ, ସାମଗ୍ରୀ ମହଜୁଦ ରଖିବା, ପଞ୍ଚାୟତ ପକ୍ଷରୁ ଲୋକମାନଙ୍କ ଭୟଭୀତ ନ ହେବା ପାଇଁ କହିବା, ପଞ୍ଚାୟତ ଗୁଡ଼ିକରେ ଆବଶ୍ୟକୀୟ ଉପକରଣ ମହଜୁଦ ରଖିବା, ଦରକାର ପଡ଼ିଲେ ତାର ସଦୁପଯୋଗ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଅନ୍ୟପଟେ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ ବିଡ଼ିଓ ତୃପ୍ତିମୟୀ ଜେନା ରବିବାର ଅପରାହ୍ନରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ବୁଲି ଦେଖିଥିଲେ। ସେଠାକୁ ଯାଇ ଜେନେରେଟର, ସାଇରନ, ଆସବାବ ପତ୍ର, ରକ୍ଷା କରିବା ବିଭିନ୍ନ ଉପକରଣ ତଦନ୍ତ କରିଥିଲେ। ମୋଟ ୧୩୫ ଟି ସରକାରୀ ବିଦ୍ୟାଳୟକୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଆଶ୍ରୟ ସ୍ଥଳୀ ଭାବରେ ବ୍ୟବହାର କରାଯିବ ବୋଲି ବିଡ଼ିଓ କହିଛନ୍ତି। ବର୍ତ୍ତମାନ ଧାନ କେଣ୍ଡା ବାହାରିବା ସମୟ। ତେବେ ବାତ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପାଉଥିବାରୁ ଚାଷୀମାନେ ଚିନ୍ତାରେ ରହିଛନ୍ତି।

# ବିବାଦୀୟ ଜମିରେ ବିଏନ୍‌ଏସ୍‌ଏସ୍‌ର ୧୬୩(୨) ଧାରା ଜାରି

**ସରକାରୀ ଜମିକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଘଟଣା**



ସାମନ୍ତରାପୁର ଗ୍ରାମରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ବୃନ୍ଦ।

ଦିଗପହଣ୍ଡି/ପାଟପୁର,୨୬।୧୦
(ଅଶେଷ ନାଥ ମିଶ୍ର/ ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ପୋଡ଼ାମାରିରେ ଜମି ବିବାଦ ଦେଖା ଦେଇଛି। ଟି.ଗୋବିନ୍ଦପୁର ପଞ୍ଚାୟତ ସାମନ୍ତରାପୁର ମୌଜାର ଖାତା ନଂ.୧୫୪ ରେ ଥିବା ୩୬ ପ୍ଲଟର ୨୪ ଏକର ୪୬୦ ଡିସିମିଲ ସରକାରୀ ଜମି ଦଖଲକୁ ନେଇ ସାମନ୍ତରାପୁର, ବତାଗଡ ଏବଂ ପୋଡ଼ାମାରି ଗ୍ରାମର କିଛିବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଶନିବାର ବିବାଦୀୟ ଜମିରେ ଉଭୟ ଗୋଷ୍ଠୀର ଲୋକେ ମୁହାଁମୁହିଁ ହୋଇଥିଲେ। ଗୋଷ୍ଠୀ ସଂଘର୍ଷ ଆଶଙ୍କା ଥିବା ଖବରପାଇ ପାଟପୁର ଥାନା ଏସଆଇ ଶ୍ରୀନିବାସ ଦାସ ସଦଳବଳେ ତତକ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ଉଭୟପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା, ଆସିକା ଏସଡିପିଓ ସନ୍ତୋଷ ଜେନା, ଶେରଗଡ଼ ଥାନା ଆଇଆଇସି ବିରେନ୍ଦ୍ର ଶିଆଳ ୧ ସେକ୍ସନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ଏହି ବିବାଦୀୟ ଜମିରେ ବିଏନଏସଏସର ୧୬୩(୨) ଧାରା ଜାରି କରାଯିବା ନିମନ୍ତେ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଏବଂ ପାଟପୁର ପୋଲିସ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଶନିବାର ସନ୍ଧ୍ୟାରେ ଆବେଦନ କରିଥିଲେ। ରବିବାର ପୂର୍ବାହ୍ନରେ ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର, ପାଟପୁର ଥାନା ଭାରପ୍ରାପ୍ତ ଆଇଆଇସି ତଥା ଏସଆଇ ଶୁଭଲକ୍ଷ୍ମୀ କହଁର, ଏସଆଇ ଶ୍ରୀନିବାସ ଦାସ, ରାଜସ୍ୱ ନୀରିକ୍ଷକ ଏମ.ସୁଦାମ ପୋଲିସ ଫୋର୍ସ ସହ ସାମନ୍ତରାପୁର, ପୋଡ଼ାମାରି ଗ୍ରାମର ଢ଼ିମିରା ସାହି ଏବଂ ବତାଗଡ ଗାଁ ରେ ପହଞ୍ଚି ଉକ୍ତ ବିବାଦୀୟ ଜମିରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ବିବିଧ ମାମଲା(ଏମ.ସି) ନଂ.୩୯/୨୫ ଅନୁଯାୟୀ ବିଏନଏସଏସର ୧୬୩(୨) ଧାରାରେ ନିଷେଧାଦେଶ ଜାରି କରାଯାଇଥିବା ଘୋଷଣା କରିଥିବା ବେଳେ ବିବାଦୀୟ ଜମିରେ ରାଜସ୍ୱ ବିଭାଗ ପକ୍ଷରୁ ନାଲି ପତାକା ପୋତା ଯାଇଛି।

# ସୁରକ୍ଷିତ ସ୍ଥାନକୁ ନେଉଛନ୍ତି ଡଙ୍ଗା, ଜାଲ



ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

ଖଲ୍ଲିକୋଟ,୨୬।୧୦(ପ୍ରଶାନ୍ତ କୁମାର ମିଶ୍ର)

**ଖଲ୍ଲିକୋଟରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଛନକା**

ସମ୍ଭାବ୍ୟ ବାତ୍ୟାକୁ ନେଇ ଖଲ୍ଲିକୋଟ ଅଞ୍ଚଳ ଲୋକଙ୍କ ମଧ୍ୟରେ ଛନକା ପଶିଛି। ସେଥିପାଇଁ ପ୍ରଶାସନ ଆଗୁଆ ପଦକ୍ଷେପ ନେଇଛି। ରବିବାର ଚିଲିକା କୂଳକୁ ଯାଇ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀମାନଙ୍କୁ ଚିଲିକା ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ମଧ୍ୟ ଚିଲିକା ମଧ୍ୟକୁ ଯାଇଛନ୍ତି ଶୀଘ୍ର ଫେରି ଆସିବାକୁ ପ୍ରଶାସନ ତରଫରୁ କୁହାଯାଇଛି। ଖଲ୍ଲିକୋଟ ତହସିଲଦାର ଡି.ମାଲେଶ୍ୱର ପାତ୍ର, ବିଡ଼ିଓ ଦେବାଶିଷ ସାମଲ, ଥାନାଧିକାରୀ ରମେଶ ପ୍ରଧାନ ପ୍ରମୁଖ ଚିଲିକା ଉପକୂଳବର୍ତ୍ତୀ ଲଙ୍ଗଳେଶ୍ୱର, ପଥରା, କେଶପୁର, ଓଡ଼ିଆ ଆଲପୁର, କନକା, ଓ ସାବୁଲିଆ ପ୍ରଭୃତି ପଞ୍ଚାୟତକୁ ଯାଇ ମତ୍ସ୍ୟଜୀବୀ ମାନଙ୍କୁ ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ସଚେତନ କରାଇଥିଲେ। ସମ୍ଭାବ୍ୟ ବାତ୍ୟା ଦାଉରୁ ରକ୍ଷା ପାଇବା ପାଇଁ ମତ୍ସ୍ୟଜୀବୀ ମାନେ ନିଜ ନିଜର ଡଙ୍ଗା ଓ ଜାଲକୁ କୂଳକୁ ଆଣି ସୁରକ୍ଷିତ ସ୍ଥାନରେ ରଖୁଥିବା ଦେଖିବାକୁ ମିଳିଛି।

# ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ



ଫୁଲବାଣୀ,୨୬।୧୦(ରାକେଶ କୁମାର ରାଉତ)

**ଷ୍ଟାର୍ଟଅପ୍ ଇନୋଭେଶନ ପ୍ରତିଯୋଗିତା**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଷ୍ଟାର୍ଟଅପ୍ ଇନୋଭେଶନ ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନେ କୃତିତ୍ୱ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗର ଛାତ୍ର ଚନ୍ଦନ କୁମାର ପୃଷ୍ଟି, ଦ୍ୱାରିକାନାଥ ପାତ୍ର ଓ ଅନାଦି ଚରଣ କହଁର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଦ୍ୱାରିକାନାଥ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ କୃତୀ ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବାଣିଜ୍ୟ ବିଭାଗର ମୁଖ୍ୟ ରାଜେଶ କୁମାର ଧଳ ପ୍ରତିଯୋଗିଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଆ ବିଭାଗର ସଦାନନ୍ଦ ଦତ୍ତ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଛନ୍ତି ।

### ମେଳି ବାନ୍ଧିଲେ ଲବଣ ଶ୍ରମିକ

ଗଞ୍ଜାମ,୨୬।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ବଟେଶ୍ୱର ପୀଠରେ ହୁମା ଅଞ୍ଚଳର ଲବଣ ଶ୍ରମିକମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବନ୍ଦ ରହିଥିବା ଲୁଣ ଚାଷ ଜମିକୁ ପୁଣି କାର୍ଯ୍ୟକ୍ଷମ କରାଯାଉ ଏବଂ ଲୁଣ ଉତ୍ପାଦନ ପାଇଁ ଚାଷୀଙ୍କୁ ଦିଆଯାଉ। ଲୁଣ ଜମିରେ କୌଣସି କମ୍ପାନୀ କରିବାକୁ ଦିଆଯିବ ନାହିଁ ବୋଲି ଚାଷୀମାନେ ମତ ରଖିଥିଲେ। ଏଥିରେ ଲବଣ ଚାଷୀ କୃଷ୍ଣ ଚନ୍ଦ୍ର ରେଡ୍ଡୀ, ଶିବରାମ ରେଡ୍ଡୀ, ମୁକୁନ୍ଦ ରେଡ୍ଡୀ, ହରି ରେଡ୍ଡୀ, ସୁରେନ୍ଦ୍ର ସାହୁ, ତ୍ରିଲୋଚନ ପ୍ରଧାନ, ଭିକାରି ଛଟେଇ, ପବିତ୍ର ସ୍ୱାଇଁ, ରଞ୍ଜିତ ପଲାଇ, କାଶୀ ନାଥ ପଲାଇ, ବୃନ୍ଦାବନ ପ୍ରଧାନ, ବିପ୍ର ସାହୁ, ସୁର ସାହୁ, ଗଙ୍ଗାଧର ରେଡ୍ଡୀ, ଦିବାକର ରେଡ୍ଡୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଘୁ.ଉଦୟଗିରି,୨୬।୧୦(ଚିନ୍ମୟ କୁମାର ସେଠୀ)

**କଳିଙ୍ଗା ଘାଟି ସୁରକ୍ଷା**

■ ପୁନରୁଦ୍ଧାର ପାଇଁ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଦାବି

କନ୍ଧମାଳ ଜିଲା ସୁରକ୍ଷା ଅଭିଯାନ କମିଟି ତରଫରୁ ଜିଲାକୁ ସଂଯୋଗ କରୁଥିବା ସମସ୍ତ ରାଜ୍ୟ ରାଜପଥ ଓ ୧୫୭ ନଂ. ଜାତୀୟ ରାଜପଥର ପୁନରୁଦ୍ଧାର ନିମନ୍ତେ କମିଟି ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୩୧ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ସେପ୍ଟେମ୍ବର ୧୬ରେ କଳିଙ୍ଗା ଘାଟି ଭୂସ୍ଖଳନ ପରେ ଯାତାୟତ ବନ୍ଦ ହୋଇଥିବା ରାଞ୍ଚି ବିଜୟୱାଡ଼ା କରିଡର ଜାତୀୟ ରାଜପଥର ପୁନରୁଦ୍ଧାର କରାଯିବା ମୁଖ୍ୟ ଦାବି ରହିଛି। ଏହାକୁ ୪୦ ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ ରାଜପଥ ଦେଇ ଯାତାୟତ ସମ୍ଭବ ହୋଇନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି ବୋଲି ଅଭିଯୋଗ କରିବା ସହ ଜିଲାବାସୀଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ରାସ୍ତା ପୁନରୁଦ୍ଧାର କାମ ଶେଷ କରି ଜୀବନ ଜୀବିକା ସ୍ୱାଭାବିକ କରିବାକୁ ପ୍ରତାପ ଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି। ଏହି ରାଜପଥ ଦେଇ ଦୈନିକ ହଜାର ହଜାର ଗାଡ଼ି ମୋଟର ଯାତାୟାତ ହୋଇଥାଏ। ଏହି ରାସ୍ତା ବନ୍ଦ ହେବା ଯୋଗୁ କନ୍ଧମାଳ ଜିଲାବାସୀଙ୍କ ଆର୍ଥିକ ସ୍ଥିତି ପ୍ରଭାବିତ ହେଉଛି। ଏହି ପରିସ୍ଥିତିରେ କନ୍ଧମାଳ ସୁରକ୍ଷା ଅଭିଯାନ କମିଟି ତରଫରୁ ଜିଲାର ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି, ଖବରଦାତା ଓ ସାଧାରଣ ଜନତାଙ୍କୁ ଜିଲାର ସ୍ୱାର୍ଥ ପାଇଁ ଗଣଧାରଣାରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି। କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ରାଣୀପଥର ଘାଟି, ମାଧପୁର ଘାଟି, ଗାଜଲବାଡ଼ି ଘାଟି, କରଡ଼ା ଘାଟି ତଥା କଳିଙ୍ଗା ଘାଟି ରାସ୍ତା ଗୁଡ଼ିକର ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ପୁନରୁଦ୍ଧାର ଓ ରାସ୍ତା ମରାମତି କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଯଥାଶୀଘ୍ର କଳିଙ୍ଗା ଘାଟି ରାସ୍ତା କାମ ସାରି ଯାନବାହନ ଚଳାଚଳ ସମ୍ଭବ କରିବା ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ କନ୍ଧମାଳ ସୁରକ୍ଷା ଅଭିଯାନ କମିଟି ପ୍ରସ୍ତୁତି କରିଛି ।

# ରେଳ ଧାରଣାରେ ପ୍ରଧାନଶିକ୍ଷକଙ୍କ ମୃତଦେହ

କେନ୍ଦୁଝର/ଢେଙ୍କିକୋଟ, ୨୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ହରିଡ଼ାଗୋଠ ଗ୍ରାମ ନିକଟ ରେଳ ଧାରଣାରୁ ରେଳବାଇ ପୋଲିସ ଜଣେ ପ୍ରଧାନଶିକ୍ଷକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଘଟଗାଁ ଥାନା ତୋରାଣୀପଶି ପଞ୍ଚାୟତ ମଥୁରାପଶି ଗ୍ରାମର ଉମ୍ବରୁଧର ମହାନ୍ତ (୫୦)। ସେ ବାଙ୍କପାଟୁଳି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

ସୂଚନା ଅନୁଯାୟୀ, ଉମ୍ବରୁଧର ତାଙ୍କ ସ୍ତ୍ରୀ ଓ ୧୪ ବର୍ଷର ପୁଅ ସହିତ କେନ୍ଦୁଝର ପୁରୁଣା ସହର ହୁଡ୍କୋ କଲୋନୀରେ ଘର କରି ରହିଆସୁଥିଲେ। ଶନିବାର ରାତି ପ୍ରାୟ ୩ଟାରେ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। ରବିବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ଟାଉନ ଥାନା ଅନ୍ତର୍ଗତ ହରିଡ଼ାଗୋଠ ନିକଟସ୍ଥ ରେଳଧାରଣାରୁ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଥିବା ଜଣାପଡିଛି। କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ତାଙ୍କୁ କେହି ରାତିରେ ଡାକି ନେଇ ହତ୍ୟା କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ଯାଜପୁର ରେଳବାଇ ସବଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ କହିଛନ୍ତି, ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୭୭/୨୦୨୫) ରୁଜୁ ହୋଇଛି। ପରିବାର ତରଫରୁ କୌଣସି ଅଭିଯୋଗ ଆସିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ କାରଣ ଜଣାପଡ଼ିବ।

# ଭାତହାଣ୍ଡିରେ ପଡ଼ି ଶିଶୁକନ୍ୟା ମୃତ

ଫୁଲବାଣୀ, ୨୬।୧୦ (ରାକେଶ କୁମାର ରାଉତ)

କନ୍ଧମାଳ ଫିରିଙ୍ଗିଆ ବ୍ଲକ୍ ସାଡିଙ୍ଗିଆ ପଞ୍ଚାୟତ ବାଡ଼ାଯୋଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଅସାବଧାନତା ଯୋଗୁ ବାଦେଶ୍ୱର କହଁରଙ୍କ ୪ ବର୍ଷର ଝିଅ ରାଜଶ୍ରୀ କହଁର ଭାତହାଣ୍ଡିରେ ପଡ଼ିଯିବାରୁ ପୋଡିହୋଇ ତାଙ୍କର ମୃତ୍ୟୁ ହୋଇଛି।

ସୂଚନା ଅନୁସାରେ ରାଜଶ୍ରୀଙ୍କ ମା' ଶନିବାର ଚୁଲିରେ ଭାତ ବସେଇ ଅନ୍ୟ କୌଣସି ଏକ କାମରେ ଯାଇଥିଲେ। ରାଜଶ୍ରୀ ଚୁଲି ପାଖରେ ଖେଳୁଥିଲେ। ତେବେ କୌଣସି ପ୍ରକାରେ ସେ ଭାତହାଣ୍ଡିରେ ପଡି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ଘରଲୋକେ ଦୌଡ଼ିଯାଇ ତାଙ୍କୁ ହାଣ୍ଡିରୁ କାଢ଼ି ତୁରନ୍ତ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେତେବେଳକୁ ତାଙ୍କ ଶରୀରର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ରାଜଶ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହକୁ ଗାଁକୁ ଆଣି ସଂସ୍କାର କରିଛନ୍ତି।

# ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା, ସୁନାଗହଣା

ସୋର, ୨୬।୧୦(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଲୁଟତ୍‌ରାଜ ଲୋକଙ୍କ ନିଦ ହଜାଇ ଦେଇଛି। ଶନିବାର ରାତିରେ ବେଲପୁର ଗ୍ରାମରେ ଦୁର୍ବୃତ୍ତମାନେ ପଶି ଜଣେ ମହିଳାଙ୍କ ହାତଗୋଡ ବାନ୍ଧି ମାରଣାସ୍ତ୍ରରେ ଆକ୍ରମଣ କରି ୫ଲକ୍ଷ ଟଙ୍କାର ଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ରବିବାର ସକାଳେ ଖବର ପାଇ ସୋର ପୋଲିସ ଓ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ଖୋଳତାଡ଼ କରିଛି। ଏନେଇ ସୋର ଥାନାରେ ଅଭିଯୋଗ ହେବାପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହିତ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

**ସୋରରେ ପୁଣି ଆତଙ୍କ**

ଏହି ଗ୍ରାମର ଶେଖ ଆଲ୍ଲାଉଦ୍ଦିନ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଆମିନା ବିବି ଓ ମା' ହାଲିମାନ ବିବି ୩ଜଣ ପିଲାଙ୍କୁ ନେଇ ଘରେ ଥିଲେ। ବିଳମ୍ବିତ ରାତିରେ ୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଘର ପଛପଟ ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଆମିନା ଓ ତାଙ୍କ ଶାଶୁ ହାଲିମାନଙ୍କ ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ। ଦୁର୍ବୃତ୍ତମାନେ ଆମିନା ଓ ପିଲାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରି ଘର ମଧ୍ୟରେ ଥିବା ଆସବାବପତ୍ରକୁ ଭଙ୍ଗାରୁଜା କରି ୫ଲକ୍ଷ ଟଙ୍କାର ଗହଣା ଓ ନଗଦ ୬୫ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ଦେବଦାସ ଛୋଟରାୟଙ୍କୁ ୪୬ତମ 'ଶାରଳା ପୁରସ୍କାର'

ଭୁବନେଶ୍ୱର, ୨୬।୧୦ (ସୌମ୍ୟରଞ୍ଜନ ରାଉତ)

ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ଦେବଦାସଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ର ଫଳକ, ଉପାୟନ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।

**ଗୁରୁ ରାମହରି ଓ ବଳଦେବଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**




କଥାକାର ଦେବଦାସ ଛୋଟରାୟଙ୍କୁ 'ଶାରଳା ପୁରସ୍କାର' ପ୍ରଦାନ କରାଯାଉଛି।

ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କ ଆଦର ଲାଭ କରିଆସିଛନ୍ତି। ପୁରସ୍କୃତ ଗଳ୍ପ ସଂକଳନ 'ମ୍ୟାଟିନି ଶୋ'ରେ ସେ ଜୀବନର ଅନେକ ସାଧାରଣ ତତ୍ତ୍ୱକୁ ଅସାଧାରଣ ଉଚ୍ଚତାକୁ ନେଇପାରିଛନ୍ତି, ଯାହା କେବଳ ସୁଖପାଠ୍ୟ ନୁହେଁ, ଶିକ୍ଷଣୀୟ ଓ ଅନୁକରଣୀୟ ମଧ୍ୟ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ପୁରସ୍କାର ପାଇଁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାଙ୍କ ପାଖରେ ଚିର କୃତଜ୍ଞ।


## PANCHAYAT SAMITI, PARALAKHEMUNDI (GOSANI), DIST. - GAJAPATI (ODISHA) PIN-761210

AdvNo-03/2025-26 Dt: 24.10.2025

**Tender Call Notice**

**No.i-355** : Sealed tenders (Percentage rate) are invited for 11 (Eleven) Number of works from the **Interested "B"/"C"/"D" Class Contractors** registered with the Govt. for execution of civil works under Panchayat Samiti, Paralakhemundi (Gosani), Dist.- Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Paralakhemundi(Gosani), Gajapati. Proposal(s) complete in all respect should reach the undersigned on or before **3.00 PM of 11.11.2025** through Regd./Speed Post and the same will be opened on **11.00 AM of 12.11.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer, Paralakhemundi (Gosani) Gajapati

OIPR-19374/11/0006/2526

## Government of Odisha "e" Procurement Notice

No.O-1184

**Bid Identification No. : 06 of 2025-26**

| | | |
|---|---|---|
| 1. | Number of Works | : 1 No. of Road Work |
| 2. | Estimated Cost (Aprox.) | : Rs.92.63 lakh |
| 3. | Period of Completion | : 3 (Three) Calendar months |
| 4. | Date & Time of availability of Bid documents in the Portal | : 27/10/2025 at 11:00 hrs. |
| 5. | Last date & time for receipt of Bids in the Portal | : 06/11/2025 at 17:00 hrs. |
| 6. | Date of Opening of Tender | : 07/11/2025 at 11:00 hrs. |
| 7. | Name and address of the Officer Inviting Bid | : O/o the Superintending Engineer, Rural Works Division, Jagatsinghpur |

Further details can be seen from the Government website **www.tendersorissa.gov.in**

Sd./- Executive Engineer Rural Works Division, Jagatsinghpur

OIPR-25056/11/0025/2526

## ପୌର ପରିଷଦ, ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା - ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ - ୦୬୮୧୧ - ୨୮୦୦୨୫, ଟୋଲ୍ ଫ୍ରି - ୧୪୪୨୦
At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420
Email : hinjilicutmunicipality@gmail.com
Hinjilicut Municipality, Hinjilicutmunicipality

Letter No. 2685/Dev. Date : 22.10.2025

**E-Procurement Notice No. - HIN-MUN-03/2025-26**

**No.C-1315** : The Executive Officer, Hinjilicut Municipality on behalf of Governor of Odisha invites percentage of bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works — 12 Nos.
2. Period of completion — As per DTCN
3. Date & time of availability of Bid Documents in the portal — From 10.00 A.M. of Dt.27.10.2025 to 5.00 P.M. of Dt.07.11.2025 for online bidding
4. Last date of receipt of Bid through Online — Dt.07.11.2025 of upto 5.00 P.M.
5. Date of opening of Bid — Dt.10.11.2025 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd./- Executive Officer Hinjilicut Municipality

OIPR-13105/11/0023/2526

## GOVT. OF ODISHA DEPARTMENT OF WATER RESOURCES OFFICE OF THE EXECUTIVE ENGINEER DRAINAGE DIVISION, KHORDHA

No.A-768

**E-PROCUREMENT NOTICE NO. EE-DD-KHR-06/2025-26**

email Id : eeddkhurda@gmail.com

**Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.**

| | | |
|---|---|---|
| 1 | Total number of work | : 1 No. of work as mentioned below |
| 2 | Name of Work | : Improvement of drain from village Haripur to Amaraoli along with structures outfalling to Chilika lake in Chilika Constituency |
| 3 | Tender Amount (Excluding GST) | : 39.62 lakh |
| 4 | Bid Identification No. | : EE-DD-KHR-01/2025-26 |
| 5 | Period of completion | : Refer DTCN |
| 6 | Class of Contractor | : Refer DTCN |
| 7 | Availability of Tender On-Line | : From 28.10.2025 (11 A.M.) to 12.11.2025 (5.30 P.M.) |
| 8 | Date of opening of Tender documents & online bid | : 13.11.2025 at 11 A.M. in the O/o the Executive Engineer, Drainage Division, Khordha |
| 9 | Date of Lottery | : To be uploaded in Portal after evaluation of technical bids |
| 10 | Earnest Money Deposit | : Referred DTCN |
| 11 | Cost of Tender paper | : Referred DTCN |
| 12 | Procurement Officer | : Exceutive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Executive Engineer Drainage Division, Khordha

OIPR-32363/11/0007/2526

## OFFICE OF THE CHIEF CONSTRUCTION ENGINEER ANANDAPUR BARRAGE PROJECT, SALAPADA

DIST.: KEONJHAR, ODISHA, PIN - 758020
Tel. No.: (06731) 295003, E-Mail: cceabp@gmail.com

**Tender Reference No. CCEABP - 13 of 2025-26**

No. A-760: The Chief Construction Engineer, Anandapur Barrage Project, Salapada on behalf of the Governor of Odisha, invites Request for Proposal (RfP) through online mode in double cover system from eligible bidders for the works as detailed below:

| Sl. No. | BID ID No. | | Name of the Work |
|---|---|---|---|
| 01 | ABP-Soro-01/13 of 2025-26 | Appointment of Third-Party Inspection Agency (TPIA) | Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 Km. to 49.810 Km. through under Ground Pipe Line Irrigation System (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. |
| 02 | ABP-Soro-02/13 of 2025-26 | Appointment of Proof Engineering Consultant (PEC) | |

a. Period of Completion : 27 (Twenty Seven) Calendar Months
b. Period of availability of Bid Document in the Portal : From 11.30 A.M. of 29.10.2025 to 18.11.2025 upto 5.00 P.M.
c. Last date/time for receipt of Bid : 18.11.2025 upto 5.00 P.M.
d. Date and Time of Opening of Technical Bid : 19.11.2025 at 11.30 A.M.
e. Name & address of the Officer Inviting Bid : Chief Construction Engineer, Anandapur Barrage Project, Salapada
f. Further details can be seen from E-Procurement Portal **"https://www.tendersodisha.gov.in"**.

Sd./- Chief Construction Engineer Anandapur Barrage Project, Salapada

OIPR-32180/11/0015/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, KESINGA

No. O-1097 E_mail: eerwkesinga@yahoo.com

**e-Procurement Notice**

**BID IDENTIFICATION No. RWKSNG-Online-06/25-26**

1. Name of Work : Road Works (As per Annexure)
2. Total No. of Work : 48 Nos.
3. Estimated Cost : Rs.5.08 lakhs to Rs.35.59 lakhs (Approximately)
4. E.M.D. : Please refer DTCN
5. Cost of Tender document : As per annexure
6. Class of Contractor : 'D, C & B' Class
7. Period of Completion : As per annexure
8. Other details : As per DTCN

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| Superintending Engineer, Rural Works Division, Kesinga | RWKSNG-Online-06/25-26 | 27.10.2025 at 11.00 A.M. | 07.11.2025 upto 17.00 P.M. | 03.11.2025 upto 11.00 A.M. | 10.11.2025 at 11.00 A.M. |

Further details can be seen from the website i.e. **www.tenderodisha.gov.in**.

Sd./- Superintending Engineer Rural Works Division, Kesinga

OIPR-25153/11/0026/2526

## GOVERNMENT OF ODISHA e-Procurement Notice, ANGUL (R&B) DIVISION

**Bid Identification No. 38 of 2025-26**

No.B- e-mail ID - angulrbdivision@yahoo.co.in

1. Number of Works : 03 (Three) number of building works 08 (Eight) number of electrical works
2. Approximate estimated cost : Varies from 11.00 lakh to Rs.99.00 lakh
3. Period of completion : Varies from 03 (Three) to 06 (Six) Calendar months
4. Date & Time of availability of bid document in the portal : **Dt.24.10.2025 at 10.00 A.M.**
5. Last date / time for receipt of bid in the portal : **Dt.10.11.2025 up to 5.00 P.M.**
6. Date of opening Bid : **Dt.11.11.2025 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- Superintending Engineer, Angul (R&B) Division

OIPR-34074/11/0036/2526

## GOVERNMENT OF ODISHA DEPARTMENT OF HIGHER EDUCATION

No.N-182

**EXTENSION OF DATELINE FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDHABI CHHATRA PROTSAHAN YOJANA" 2025-26 FROM FRESH/RENEWAL STUDENTS**

| Sl. No. | Scheme & sub-Scheme | | Extended dateline for submission of online application by students from fresh students | Extended dateline for validation of scholarship application (Fresh and renewal) by Heads of Institutions / Principals concerned |
|---|---|---|---|---|
| 1 | e-Medhabruti | UG merit | 26.10.25 to 04.11.25 | Up to 14.11.25 |
| 2 | | PG merit | 26.10.25 to 04.11.25 | Up to 14.11.25 |
| 3 | | Technical & Professional merit | 26.10.25 to 04.11.25 | Up to 14.11.25 |
| 4 | Vyasakabi Fakir Mohan Bhasabruti Scheme | | 26.10.25 to 04.11.25 | Up to 14.11.25 |
| 5 | Gopabandhu Shikhya Sahayata Yojana | | 26.10.25 to 04.11.25 | Up to 14.11.25 Up to 21.11.25 (Only at DWO level) |
| | Important Note for Non-SAMS Students | | **Uploading of documents through DigiLocker has been made mandatory from the current academic year. Those who are unable to upload their documents through DigiLocker can opt for the "Skip DigiLocker option" available in the OSSP portal.** | **The "Skip DigiLocker Option" will remain available till 01.11.2025** |

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - **0674 (2396550), 0674 (2391126), 0674 (2391127), 0674 (2391128)** (on all working days from 10.30 A.M. to 5.30 P,.M.) or e-mail on scholarshiphed@gmail.com.

OIPR-11001/11/0115/2526 Sd./- Joint Secretary to Government

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA

No.O-1150 eerw_kpd@yahoo.com

**INVITATION FOR BIDS (SHORT NOTICE)**

**'E' PROCUREMENT NOTICE NO. RWD / KPD-07 / 2025-26 DT. 23.10.2025**

1. Name of work : Road works in the District of Kendrapara for the year 2025-26
2. Total No. of work : **57 Numbers of Road work**
3. Estimated Cost : **Rs.5.08 Lakhs to 38.13 lakhs** approximately
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE as specified in column-5 of the Annexure
7. Detail projects : As Specified in the Annexure

**Other details as follows :**

a) Procurement officer : Executive Engineer, Rural Works Division, Kendrapara
b) Availability of tender online : **28.10.2025** at 11.00 A.M. to **07.11.2025** up to 5.00 P.M.
c) Last date & time of seeking of tender clarification : 06.11.2025 up to 5.00 P.M.
d) Opening of Tender : 10.11.2025 at 11.00 A.M.
e) **Decision to conduct Lottery :** If requried to decide the agency, transparent Lottery shall be conducted for the work Sl No. 01 to 30 on dt.18.11.2025 at 11.00 A.M. & Sl No. 31 to 57 on dt.21.11.2025 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Bhagirathi Dash Executive Engineer Rural Works Division, Kendrapara

OIPR-25064/11/0027/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION-II, MALKANGIR

Letter No. 3905/RWD-II Dated: 24.10.2025

**1st CORRIGENDUM TO E-TENDER CALL NOTICE**

**BID IDENTIFICATION No. 07/2025-26/ LTR No. 3525/Dt.24.09.2025**

No. O-1173: The tender for the works invited under Bid Identification 07/2025-26 is hereby modified and read as below:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.13.10.2025 at 11.00 A.M. to Dt.24.10.2025 upto 5.30 P.M. | Dt.01.11.2025 at 11.00 A.M. to Dt.12.11.2025 upto 5.30 P.M. |
| 2 | Date & time of seeking tender clarification if any | Dt.23.10.2025 upto 3.00 P.M. | Dt.11.11.2025 Upto 3.00 P.M. |
| 3 | Date & time of Opening of Tender (Price Bid) | Dt.27.10.2025 Upto 11.00 A.M. | Dt.13.11.2025 Upto 11.00 A.M. |

All other terms and conditions of the bids will remain unchanged.

Sd./- Superintending Engineer Rural Works Division-II, Malkangiri

OIPR-25079/11/0037/2526

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-1110 Government of Odisha e-Procurement Notice

**Bid Identification No. Online Tender/13/SERWD-II/2025-26**

**Memo No.7540/RWD-IIGB, Date : 10.10.2025**

| | | |
|---|---|---|
| 1 | Name of the Work | : Road Works |
| 2 | Estimated Cost | : Rs.5.88 to Rs.42.02 lakhs |
| 3 | Period of Completion | : 1 (One) & 2 (Two) Months as per Annexure |
| 4 | Date & Time of availability of Bid documents in the Portal | : 30.10.2025 at 10.00 A.M. to 07.11.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : 07.11.2025 up to 5.00 P.M. |
| 6 | Name and address of the Officer Inviting Bid | : Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer R.W. Division-II, Ganjam Berhampur

OIPR-25073/11/0036/2526

## O/O CHIEF DISTRICT MEDICAL & PUBLIC HEALTH OFFICER DISTRICT PROGRAMME MANAGEMENT UNIT NATIONAL HEALTH MISSION, NABARANGPUR

e-mail : dhionab@gmail.com (06858-222057)

**Tender No. : 462/NHM/NGP Date :**

**No.E-468** : Sealed tenders are invited from registered, reputed and experienced Agencies /Firms/ Individuals for providing catering services-Meals and tiffin for various programmes including NHM, Nabarangpur. Bidders shall submit their complete bid in double cover system (Technical & Financial) in separate envelopes only. Category of supply must be superscribed in the top of the Bid envelope and addressing clearly to the CDM&PHO, Nabarangpur. Tender documents is to be downloaded from the website www.nabarangpur.odisha.gov.in.Last date for receipt of the tender documents is 24.11.2025 by 5 P.M only through Speed Post/Regd. Post and the bids,so received will be opened on 25.11.2025 at11.30 A.M in the office chamber of the CDM&PHO, Nabarangpur. Incomplete and late receipt bids shall be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum District Mission Director NHM, Nabarangpur

OIPR-10164/11/0011/2526

## GOVERNMENT OF ODISHA, HOUSING & URBAN DEVELOPMENT OFFICE OF THE EXECUTIVE OFFICER, NAC, BARPALI

No.C-1323

E-mail Id - barpalinac@gmail.com

**BID IDNETIFICATION No - EOBRP/02/2025-26**

| | | |
|---|---|---|
| 1. | Type of the work | : As per DTCN |
| 2. | No. of works | : 01 (One) |
| 3. | Class of contractor | : "A" or "B" |
| 4. | Bid identification No | : EOBRP/02/2025-26 |
| 5. | Estimated cost | : As per DTCN |
| 6. | Period of Completion | : As per DTCN |
| 7. | Date and time of availability of bid documents in the portal | : Dt.28.10.2025 at 1.00 P.M. to Dt.12.11.2025 up to 5.00 P.M. |
| 8. | Last date/time for receipt of bids in the portal | : Dt.12.11.2025 up to 5.00 P.M. |
| 9. | Date of opening of Bid | : Dt.13.11.2025 at 11.00 A.M. (Technical Bid) At-Office of the Executive Officer, NAC Barpali, At/Po : Barpali, Dist : Bargarh 768029, Odisha |
| 10. | Name and Address of the Officer inviting Bid | : Executive Officer, NAC Barpali At/Po - Barpali, Dist. - Bargarh, 768029, Email Id : barpalinac@gmail.com |

1. Any addendum/Corrigendum/cancellation/erratum of tender can also be seen in the said Website.
2. Further details can be seen from Government Website - http://tenderodisha.gov.in & official website www.nacbarpali.in

Sd./- Executive Officer N.A.C., Barpali

OIPR-13127/11/0021/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

No.O-1101

**e-PROCUREMENT NOTICE NO. Tender Online 08 JJPT of 2025-26**

1. **Name of work : Building Works**
2. **Total No. of Work : 4 Nos. Buildings Work**
3. **Estimated Cost (Approx.) : Rs.2.51 to 12.59 Lakhs**
4. **Period of Completion : 30 Days**
5. **Class of contractors : D & C Class**

**Other details as follow :**

a) Procurement officer : Superintending Engingeer, Rural Works Division, Jajpur
b) Availability of tender online & submission of bid : 27.10.2025 at 10.00 A.M. to 06.11.2025 upto 5.00 P.M.
c) Last date & time of seeking of tender clarification : 04.11.2025 up to 5.00 P.M.
d) Opening of Technical Bid : 07.11.2025 at 11.30 A.M.

Further details can be seen from the Govt. website : www.tendersodisha.gov.in

Sd./- Superintending Engineer Rural Works Division, Jajpur

OIPR-25047/11/0047/2526

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-1113 Government of Odisha e-Procurement Notice

**Bid Identification No. Online Tender/12/SERWD-II/2025-26**

**Memo No.7532/RWD-IIGB, Date : 10.10.2025**

| | | |
|---|---|---|
| 1 | Name of the Work | : Road Works |
| 2 | Estimated Cost | : Rs.10.08 to Rs.40.34 lakhs |
| 3 | Period of Completion | : 1 (one) & 2 (Two) Months as per Annexure |
| 4 | Date & Time of availability of Bid documents in the Portal | : 28.10.2025 at 10.00 A.M. to 01.11.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : 01.11.2025 up to 5.00 P.M. |
| 6 | Name and address of the Officer Inviting Bid | : Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer R.W. Division-II, Ganjam Berhampur

OIPR-25073/11/0038/2526

## OFFICE OF THE MUNICIPAL COUNCIL, KEONJHARGARH

email: keonjharm.hud@rediffmail.com

**Invitation for Bids (IFB)**

**'e' Procurement NOTICE**

**Bid Identification No. ODULB_KGM-17/2025-26**

Letter No. 7898/KGM Date: 25.10.2025

No. C-1326: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system, through e-Procurement.

1. Nature of Work : Civil Work
2. No. of Work : 23 Nos.
3. Value of Works : Rs.7,50,000/- to 20,00,000/-
4. Date & time of availability of Bid document in the portal : From 27.10.2025 at 11.00 A.M. upto 07.11.2025 at 5.30 P.M.
5. Date of opening of bid in portal : 12.11.2025 at 11.00 A.M.
6. Name & address of the Officer in Inviting Bid : EO, Keonjhargarh Municipality

Further details can be seen from website: **www.tendersorissa.gov.in**.

Sd./- Executive Officer Keonjhargarh Municipality

OIPR-13115/11/0052/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓଁ ଶ୍ରୀ ପଲାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଲା ତାରିଣୀ କ୍ଲବ

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝରର ତାରିଣୀ କ୍ଲବ ୫-୪ ଗୋଲରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ପୂରା ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାରିଣୀ କ୍ଲବର ରାଣୀ ବାଗ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶେଖାୱତ ଖାଁ, ସୁଜିତ କୁମାର ପାତ୍ର, ଶିବ ପ୍ରସାଦ ସାମନ୍ତରାୟ ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା। ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ରଞ୍ଜିତା ମହାନ୍ତି ଅତିଥିଭାବେ ଯୋଗ ଦେଇ ରାଣୀ ବାଗ୍‌ଙ୍କୁ ପୁରସ୍କୃତ କରିଥିଲେ। ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଲିକ ମଧ୍ୟ ଉପସ୍ଥିତ ଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ନାୟକ, ବନୋଜ କୁମାର ପ୍ରଧାନ, ତିଳୋତ୍ତମା ଦଳେଇ, ଦୀପକ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।



ରାଣୀ ବାଗ୍‌ଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ରଣଜୀ ଇତିହାସର ସବୁଠୁ ଛୋଟ ମ୍ୟାଚ୍

**ନୂଆଦିଲ୍ଲୀ, ୨୬।୧୦**

ଚଳିତ ରଣଜୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ସର୍ଭିସେସ ଓ ଆସାମ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସବୁଠୁ ଛୋଟ ମ୍ୟାଚ୍ ହେବାର ରେକର୍ଡ କରିଛି। ଏହି ୪ ଦିନିଆ ମ୍ୟାଚ୍ ମାତ୍ର ୯୦ ଓଭର ମଧ୍ୟରେ ଶେଷ ହୋଇଛି। ମ୍ୟାଚ୍‌ରେ ସର୍ଭିସେସ ୮ ଉଇକେଟରେ ଆସାମକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଖେଳାଯାଇଥିବା ବଲ ସଂଖ୍ୟା ଦୃଷ୍ଟିରୁ ଏହା ଟୁର୍ନାମେଣ୍ଟ ଇତିହାସର ସବୁଠୁ ଛୋଟ ମ୍ୟାଚ୍। ଏଥିପୂର୍ବରୁ ଏହି ରେକର୍ଡ ୧୯୬୨ରେ ରେଲୱେ ଓ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ ବଲରେ ଶେଷ ହୋଇଥିଲା। ମ୍ୟାଚ୍‌ର ପ୍ରଥମ ଇନିଂସରେ ଆସାମ ୧୦୩ ରନ କରିଥିବା ବେଳେ ସର୍ଭିସେସ ୧୦୮ ରନ କରିଥିଲା। ଫଳରେ ୫ ରନରେ ପଛୁଆ ଥିବା ଆସାମ ତା'ର ଦ୍ୱିତୀୟ ଇନିଂସରେ ୭୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଏଥିଯୋଗୁ ୭୧ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ସର୍ଭିସେସ ମ୍ୟାଚ୍‌ର ଦ୍ୱିତୀୟ ଦିନ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା।


## ଜନ୍ମଦିନ ଶୁଭେଚ୍ଛା



**ଓଁ ଶ୍ରୀ ପଲାଇ**

ଗମ୍ଭାରିମୁଣ୍ଡା, ମହତପଲା, ପଙ୍କାଳ, ବାଣପୁର, ଖୋର୍ଦ୍ଧା
ଆଜି ତୋର ତା୨୭।୧୦।୨୫ରିଖରେ ୧୯ତମ ଜନ୍ମବାର୍ଷିକୀ ଉତ୍ସବରେ ମା' ଖିଲାମୁଣ୍ଡା ଏବଂ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ଶୁଭକାମନା କରୁଛୁ।
ବାବା, ମମି, ଆଈ, ମଉସା, ମାଉସୀ, ବଡ଼ବାବା, ବଡ଼ବୋଉ,ମାମୁ, ଖୁସି, ଚିଣ୍ଟୁ, ଚିକୁ, ଲିପିନା,ବୁବୁନା, ସୋମୁ, ଗୋପୀ, ଲକ୍ଷ୍ମୀପ୍ରିୟା ଓ ପରିବାରବର୍ଗ।
ଧ-୨୩୯୧


# ଦିନିକିଆରୁ ବିଦାୟ ନେଲେ ଡିଭାଇନ



ଇଂଲଣ୍ଡ ବିପକ୍ଷ ମ୍ୟାଚ ପରେ ଦିନିକିଆ କ୍ରିକେଟକୁ ଅଲ୍‌ବିଦା ଜଣାଉଛନ୍ତି ନ୍ୟୁଜିଲାଣ୍ଡର ସୋଫି ଡିଭାଇନ।

## ମହିଳା କ୍ରିକେଟ ବିଶ୍ୱକପ୍; ନ୍ୟୁଜିଲାଣ୍ଡ ପରାସ୍ତ

**ବିଶାଖାପାଟଣା, ୨୬।୧୦**

ସ୍ପିନରଙ୍କ ଜବରଦସ୍ତ ବୋଲିଂ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଇଂଲଣ୍ଡ ୮ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ପରାଜୟ ସହ ନ୍ୟୁଜିଲାଣ୍ଡର ଅଧିନାୟିକା ତଥା ଭେଟେରାନ ଅଲରାଉଣ୍ଡର ସୋଫି ଡିଭାଇନ ଦିନିକିଆ କ୍ରିକେଟ୍‌କୁ ଅଲବିଦା କରିଛନ୍ତି। ଏହି ବିଜୟ ସହ ଇଂଲଣ୍ଡ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ରହି ଟୁର୍ନାମେଣ୍ଟରୁ ବିଦାୟ ନେଇଛି।

ଟସ୍ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ସୁଜି ବେଟ୍ସ (୧୦)ଙ୍କ ଉଇକେଟ ହରାଇଥିଲେ। ଅନ୍ୟତମ ଓପନର ଜର୍ଜିଆ ପ୍ଲିମର (୪୩ ରନ, ୭ ଚୌକା) ଓ ଆମେଲିଆ କେର (୩୫ ରନ, ୫ ଚୌକା) ଦ୍ୱିତୀୟ ଉଇକେଟରେ ୬୮ ରନ୍ ଯୋଡ଼ିଥିଲେ। ଏହାପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୮୯/୧ ସ୍କୋର କରିଥିବା ନ୍ୟୁଜିଲାଣ୍ଡ ୧୬୮ ରନରେ ଅଲଆଉଟ୍ ହୋଇଥିଲା। ଡିଭାଇନ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୧ ଚୌକା ସହ ୨୩ ରନ କରିଥିଲେ। ସେ ଆଉଟ୍ ହେବା ପରେ ଉଭୟ ଦଳର ଖେଳାଳି ତାଳି ମାରି ତାଙ୍କୁ ବିଦାୟ ଜଣାଇଥିଲେ। ଇଂଲଣ୍ଡ ପାଇଁ ଲିନସି ସ୍ମିଥ ୩ ଉଇକେଟ ନେଇଥିବା ବେଳେ ନାଟ ସ୍କିଭର ବ୍ରଣ୍ଟ ଓ ଆଲିସ କାପସି ୨ଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଇଂଲଣ୍ଡ ୨୯.୨ ଓଭରରେ ୨ ଉଇକେଟ ହରାଇ ୧୭୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଆମି ଜୋନ୍ସ ଅପରାଜିତ ୮୬ (୧୧ ଚୌକା ଓ ୧ ଛକା) ରନ କରିଥିବା ବେଳେ ଟାମି ବ୍ୟୁମଣ୍ଟ ୪୦ ଓ ହିଥର ନାଇଟ୍ ୩୩ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡିଭାଇନ ଓ ଲି ତାହୁହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ଏକତ୍ରିତ ହୋଇ ଡିଭାଇନଙ୍କୁ ଗାର୍ଡ ଅଫ୍ ଅନର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୯ ବର୍ଷ ଧରି ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସକ୍ରିୟ ଥିବା ଡିଭାଇନ ୧୫୯ ଦିନିକିଆ ଓ ୧୪୬ ଟି୨୦ ମ୍ୟାଚ୍ ଖେଳିଥିଲେ। ଦିନିକିଆରେ ୯ ଶତକ ସହ ୪,୨୭୯ ରନ କରିବା ସହ ୧୧୧ ଉଇକେଟ ନେଇଥିଲେ। ସେହିଭଳି ଟି୨୦ରେ ତାଙ୍କ ନାମରେ ୧ ଶତକ ସହ ୩,୪୩୧ ରନ ଓ ୧୧୯ ଉଇକେଟ ରହିଛି।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୩୮.୨ ଓଭରରେ ୧୬୮/ଅଲଆଉଟ୍ (ଜର୍ଜିଆ ପ୍ଲିମର-୪୩, ଆମେଲିଆ କେର-୩୫, ସୋଫି ଡିଭାଇନ-୨୩, ଲିନସି ସ୍ମିଥ-୩/୩୦, ନାଟ୍ ସ୍କିଭର-ବ୍ରଣ୍ଟ-୨/୩୧)। ଇଂଲଣ୍ଡ: ୨୯.୨ ଓଭରରେ ୧୭୨/୨ (ଆମି ଜୋନ୍ସ-୮୬, ଟମି ବ୍ୟୁମଣ୍ଟ-୪୦, ସୋଫି ଡିଭାଇନ-୧/୨୦, ଲି ତାହୁହୁ-୧/୯)।

# ପ୍ରଥମ ଦିନିକିଆ ଜିତିଲା ନ୍ୟୁଜିଲାଣ୍ଡ

**ମାଉଣ୍ଟ ମାଉଙ୍ଗାନୁଇ, ୨୬।୧୦**

ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ଲଢୁଆ ଶତକ ସତ୍ତ୍ୱେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ଇଂଲଣ୍ଡ ପରାସ୍ତ ହୋଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୨୨୪ ରନର ଟାର୍ଗେଟକୁ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧-୦ରେ ଆଗରେ ରହିଛି। ବ୍ରୁକ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୯ ତାରିଖରେ ସେଡନ ପାର୍କରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଇଂଲଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଧିନାୟକ ବ୍ରୁକ୍ ଗୋଟିଏ ପଟେ ଆଟାକିଂ ଶଟ୍ ଖେଳୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। କେବଳ ଜେମି ଓଭରଟନ (୪୬ ରନ, ୬ ଚୌକା ଓ ୧ ଛକା)କୁ ଛାଡ଼ି ଦେଲେ ଅନ୍ୟ କେହି ବ୍ରୁକ୍‌ଙ୍କୁ ସହଯୋଗ କରିପାରି ନ ଥିଲେ। ବ୍ରୁକ ଅନ୍ତିମ ବ୍ୟାଟର ଭାବେ ୧୦୧ ବଲରେ ୧୩୫ ରନର ବିସ୍ଫୋରକ ପାଳି ଖେଳି ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସରେ ୯ ଚୌକା ଓ ୧୧ ଛକା ସାମିଲ ଥିଲା। ଇଂଲଣ୍ଡ ମାତ୍ର ୩୫.୨ ଓଭରରେ ୨୨୩ ରନ କରି ଆଉଟ୍ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ପାଇ ଜାକାରି ଫାଉଲକେସ ୪ ଓ ଜ୍ୟାକବ ଡଫି ୩ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ଉଇକେଟ ହାରଇ ୨୨୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଡାର୍ଲି ମିଚେଲ ଅପରାଜିତ ୭୮ (୭ ଚୌକା ଓ ୨ ଛକା) ଓ ମାଇକେଲ ବ୍ରେସୱେଲ ୫୧ (୬ ଚୌକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ: ୩୫.୨ ଓଭରରେ ୨୨୩/ଅଲଆଉଟ୍ (ହ୍ୟାରୀ ବ୍ରୁକ୍-୧୩୫, ଜେମି ଓଭରଟନ-୪୬, ଜାକାରି ଫାଉଲକେସ-୪/୪୧, ଜ୍ୟାକବ ଡଫି-୩/୫୫, ମ୍ୟାଟ ହେନରୀ-୨/୫୩)। ନ୍ୟୁଲଜାଣ୍ଡ: ୩୬.୪ ଓଭରରେ ୨୨୪/୬ (ଡାର୍ଲି ମିଚେଲ-୭୮*, ମାଇକେଲ ବ୍ରେସୱେଲ-୫୧, ବ୍ରାଇଡନ କାର୍ସ-୩/୫୪)।

# ବେନ୍‌ସିକ୍‌ଙ୍କୁ କ୍ୟାରିୟରର ୧୦ମ ଟାଇଟଲ

**ଟୋକିଓ, ୨୬।୧୦ (ଏପି)**

ଡବ୍ଲ୍ୟୁଟିଏ ପାନ ପାସିଫିକ୍ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ଲିଣ୍ଡା ନୋସ୍କୋଭାଙ୍କ ବିପକ୍ଷରେ ୬-୨, ୬-୩ ସିଧାସଳଖ ସେଟ୍‌ରେ ବିଜୟ ସହ ବେଲିଣ୍ଡା ବେନ୍‌ସିକ୍ ତାଙ୍କ କ୍ୟାରିୟରର ୧୦ମ ଟାଇଟଲ ହାସଲ କରିଛନ୍ତି। ବେନ୍‌ସିକ୍ ୧୦ ବର୍ଷ ପରେ ଟୋକିଓ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ବେନ୍‌ସିକ୍ ତାଙ୍କ ଚେକ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ନୋସକୋଭାଙ୍କ ତିନୋଟି ସର୍ଭିସକୁ ସେ ବ୍ରେକ୍ କରିବା ସହ ୧ ଘଣ୍ଟା ଓ ୨୨ ମିନିଟ୍‌ରେ ମ୍ୟାଚକୁ ସହଜରେ ଜିତି ନେଇଥିଲେ। ସୁଇସ୍ ଖେଳାଳିଙ୍କ ଟୋକିଓରେ ଏହା ଆଉ ଏକ ସୁଖଦ ଅନୁଭୂତି। ୪ବର୍ଷ ପୂର୍ବେ ସେ ଟୋକିଓରେ ଅଲିମ୍ପିକ ସିଙ୍ଗଲ୍ସ ସ୍ୱର୍ଣ୍ଣ ଏବଂ ଡବଲ୍ସ ରୌପ୍ୟ ଜିତିଥିଲେ।

# ପାକିସ୍ତାନ ମହିଳା ଦଳର ମୁଖ୍ୟ କୋଚ୍ ହଟିବେ

**କରାଚୀ, ୨୬।୧୦(ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମହିଳା ଜାତୀୟ ଦଳର ମୁଖ୍ୟ କୋଚ୍ ମହମ୍ମଦ ୱାସିମଙ୍କ ସହ କରାଯାଇଥିବା ଚୁକ୍ତିର ସମୟସୀମା ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛି। ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନ ୮ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସେମାନେ ଖେଳିଥିବା ୭ ମ୍ୟାଚ୍‌ରେ ୪ ଥର ପରାଜିତ ହୋଇଥିବା ବେଳେ ଅନ୍ୟ ୩ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଥିଲା।

ମିଳିଥିବା ସୂଚନା ମୁତାବକ, ପ୍ରତିଶ୍ରୁତି ରକ୍ଷା ନ କରିପାରିଥିବାରୁ ୱାସିମଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ପିସିବି ମୁଖ୍ୟ ମହସିନ ନକ୍‌ଭି ରାଜି ନାହାନ୍ତି। ୱାସିମଙ୍କୁ ଗତ ବର୍ଷ ନିଯୁକ୍ତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳରେ ପାକିସ୍ତାନ ଏସିଆ କପ୍ ସେମିଫାଇନାଲରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଦଳ ମାତ୍ର ଗୋଟିଏ ମ୍ୟାଚ୍‌ରେ ଜିତିଥିଲା।

# ଓଡ଼ିଶା ବିପକ୍ଷରେ ଆସାମ ୨୦୦/୯

## ସି.କେ. ନାଇଡୁ ଟ୍ରଫି
### ରିତେଶଙ୍କୁ ୪ ଉଇକେଟ ସଫଳତା

**ଭୁବନେଶ୍ୱର, ୨୬।୧୦ (ବିଜୟ ରଣା)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଆସାମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଛି। ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭୧.୨ ଓଭରରେ ୯ ଉଇକେଟ ବିନିମୟରେ ୨୦୦ ରନ କରିଛି। ଦଳ ପକ୍ଷରୁ ରଜବୀର ସିଂ ୯୪ରନ କରି ଅପରାଜିତ ରହିଥିବା ବେଳେ କବୀର ହସନ ଦେଶମୁଖ ୩୭ ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ରିତେଶ ପ୍ରିୟରଞ୍ଜନ ତାଙ୍କ ୧୬ ଓଭର ବୋଲିଂରେ ୩୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଛନ୍ତି। ମହମ୍ମଦ ଦାନିଶ ତାଙ୍କ ୧୨ ଓଭର ବୋଲିଂରେ ୫ ମେଡେନ ସହ ୨୮ ରନ ଦେଇ ୨ ଉଇକେଟ ହାସଲ କରିଛନ୍ତି।

# ଉତ୍କଳ କରାଟେ ସ୍କୁଲରେ କରାଟେ ଗ୍ରେଡିଂ


କରାଟେ ଗ୍ରେଡିଂ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲରେ ସମସ୍ତ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୩୩୬ କରାଟେକା ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ରାହୁଲ ପ୍ରଧାନ, ଗୋପାଳ ରାଓ, ଆଶିଷ ରାଉତ, ଦୀପକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ମୁଖ୍ୟ ଶାଖା, ଟଙ୍କପାଣି ରୋଡ, ଡେକାଥଲନ, ଓଏମ୍‌ସି, ଚନ୍ଦ୍ରଶେଖରପୁର, କଳ୍ପନା, ଡୁମ୍‌ଡୁମା, ଉରାଳି, ଭରତପୁର ଓ ରଘୁନାଥପୁରରୁ କରାଟେକାମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ ତଥା ରାଜ୍ୟ କରାଟେ ସଂଘର ସଭାପତି ହରି ପ୍ରସାଦ ପଟ୍ଟନାୟକ କୃତୀ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୫୮, ଅରେଞ୍ଜ ବେଲ୍ଟରେ ୫୬ , ଗ୍ରୀନ୍ ବେଲ୍ଟରେ ୬୬, ବ୍ଲୁ ବେଲ୍ଟରେ ୫୨ ଏବଂ ବ୍ରାଉନ୍ ବେଲ୍ଟରେ ୧୦୪ ଜଣ କୃତକାର୍ଯ୍ୟ ହୋଇଛନ୍ତି।

# କିମ୍ବଦନ୍ତୀ ଫୁଟ୍‌ବଲ କୋଚ୍ ଲାପୁଏଣ୍ଟେଙ୍କ ପରଲୋକ

**ମେକ୍ସିକୋ ସିଟି, ୨୬।୧୦**

ମେକ୍ସିକାନ ଫୁଟବଲର ଅନ୍ୟତମ ସଫଳ କୋଚ୍ ମାନୁଏଲ ଲାପୁଏଣ୍ଟେଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ସମ୍ପର୍କରେ ମେକ୍ସିକାନ ସକର ଫେଡେରେଶନ ପକ୍ଷରୁ କୁହାଯାଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ପ୍ରକାଶ କରାଯାଇ ନାହିଁ। ଲାପୁଏଣ୍ଟେ ଉଭୟ ଜଣେ ଖେଳାଳି ଓ କୋଚ୍ ଭାବେ ବେଶ ସଫଳ ଥିଲେ। ସେ ୧୯୬୪ରୁ ୧୯୭୫ ପର୍ଯ୍ୟନ୍ତ ଖେଳାଳି ଭାବେ ସକ୍ରିୟ ରହିଥିଲେ। ସେ ଦୁଇ ଥର ଜାତୀୟ ଦଳର କୋଚ୍ ଭାର ସମ୍ଭାଳିଥିଲେ। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ମେକ୍ସିକୋ ୧୯୯୮ ବିଶ୍ୱକପ୍‌ରେ ରାଉଣ୍ଡ ଅଫ୍-୧୬ ପର୍ଯ୍ୟାୟରେ ପହଞ୍ଚିଥିଲା। କ୍ଲବ ସ୍ତରରେ ସେ ୫ ଲିଗ୍ ଟାଇଟଲ ଜିତିଥିଲେ।

# ଅନାହତ ପ୍ରି-କ୍ୱାର୍ଟରରେ

**ଟରଣ୍ଟୋ, ୨୬।୧୦ (ପି.ଟି.)**

ଭାରତର ଜାତୀୟ ଚାମ୍ପିୟନ ଅନାହତ ସିଂ ୯୬, ୨୫୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କାନାଡିଆନ ଓପନ ମହିଳା ସ୍କ୍ୱାଶର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସୁଇଜରଲାଣ୍ଡର ସିଣ୍ଡି ମର୍ଲୋଙ୍କୁ ମାତ୍ର ୧୭ ମିନିଟରେ ୧୧-୩, ୧୧-୩, ୧୧-୪ରେ ହରାଇ ଦେଇଛନ୍ତି।

## ୨୩ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍

# ସୁଜିତ ସେମିରେ

**ନୋଭି ସାଦ୍ (ସର୍ବିୟା), ୨୬।୧୦ (ପି.ଟି.):** ସୁଜିତ କାଲ୍‌କାଲ୍ ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ଅନ୍ୟ ୩ଜଣ ସେମାନଙ୍କ ଓଜନ ଶ୍ରେଣୀରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗତବର୍ଷ ଏହି ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜପଦକ ହାସଲ କରିଥିବା ସୁଜିତ ଏହି ବର୍ଷ ୨୩ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ସେ ମାଲ୍‌ଡୋଭାର ଫିଓଦୋର ସିଏଭାରି (୨୧-୨) ଓ ପୋଲାଣ୍ଡର ଡୋମିନିକ ଜାକବ (୧୧-୦)ଙ୍କ ବିପକ୍ଷ ପ୍ରଥମ ଦୁଇ ବାଉଣ୍ଟ ଟେକ୍ନିକାଲ ସୁପରିୟରିଟି ଦ୍ୱାରା ପରାଜିତ ହୋଇଥିଲେ। ଏକଦା ବଶିର ମାଗୋମ୍‌ଦୋଭଙ୍କ ବିପକ୍ଷ କ୍ୱାର୍ଟରଫାଇନାଲରେ ଆରମ୍ଭରେ ପଛୁଆ ଥାଇ ଶେଷର ୪-୨ରେ ବିଜୟ ହାସଲକରି ସେମିଫାଇନାଲରେ ପ୍ରବେଶ କରିଥିଲେ।


# Classified Everyday
**0674-2580101, 9692975378**



REAL ESTATE
SALE

Gharabari bounded plot 10000sq.ft and 2400sq. ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952। D- 07




Newly open Jyoti spa positively health benefits (Expert therapist). 8458067955. D-76942

## AFFIDAVIT

I, Bhajaram Pradhan son of Subal Pradhan of At/ Post.- Baradandi, P.S.- Bolagarh, Dist.-Khordha, PIN- 752066 declare by this affidavit No.- 2875, Dtd.- 23.10.25, that now onwards I shall be known as Bhajaman Pradhan for all future purposes. D-2395

I, Hari Hara Nath, S/o.- Bauribandhu Nath, Resident of Vill.- Sompur, Rajatei, Dist.- Puri, Odisha, declare by this affidavit No.-9, dtd.- 24.10.2025 that, now onwards I shall be known as Harihara Nath for all future purposes. D-76943

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai (71), S/o.- Late Jogendra Ghadai, Residing At- Apartipur, P.O.- Matipaka, P.S.- Naikanidihi, Dist.- Bhadrak, Odisha declare that my name is wrongly mentioned as Narayan Chandra Ghadai in the Passport of my son Krushna Chandra Ghadai. I declare that Narayan Ghadai and Narayan Chandra Ghadai is same and one person. D-2394

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Jajpur, dated- 25.10.2025, I, Kaikeyee Sahu, At- Indaroi, P.O.- Erabank, P.S.- Jajpur Sadar, Dist.- Jajpur, Odisha, PIN- 755017 declare that I have changed my name from Pokeya Sahu to Kaikeyee Sahu. Henceforth, I shall be known as Kaikeyee Sahu for all purposes.
Kaikeyee Sahu
D-2393

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି
### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ :୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୩୯୨


## ନୋବେଲ ପୁରସ୍କାର-୨୦୨୫ (ରସାୟନ ବିଜ୍ଞାନ)

# ମେଟାଲ ଅର୍ଗାନିକ୍ ଫ୍ରେମ୍‌ୱାର୍କ



ରମେଶ ଚନ୍ଦ୍ର ପରିଡ଼ା

''ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡଶ କୋନାର (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବାଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ।''



ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କିୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ)ର ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା)ର ଓମାର ୟାଘି। ସେମାନଙ୍କ ମଧ୍ୟରେ ଏହାର ପୁରସ୍କାର ରାଶି ୧୧ ନିୟୁତ ସ୍ୱିଡିଶ କ୍ରୋନ୍ (ସ୍ୱିଡେନ୍ ମୁଦ୍ରା) ସମାନ ଭାବରେ ଭାଗ କରାଯିବ। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନି ଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବା ଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ। ତମ୍ବା, କୋବାଲଟ୍, ନିକେଲ ଆଦି ଧାତବ ଆୟନ ଚତୁଃପାର୍ଶ୍ୱରେ କେତେକ ଜୈବିକ ଲିଜେଣ୍ଡ ବା ସଂଯୋଜକ ସଜ୍ଜିତ ରହି ଏହାକୁ ଗଠନ କରିଥାଆନ୍ତି। ଏଣୁ ଏହାକୁ ଧାତବ-ଜୈବିକ ବ୍ୟବସ୍ଥା ବା 'ମେଟାଲ-ଅର୍ଗାନିକ୍ ଫ୍ରେମ୍‌ୱାର୍କ (ଏମ.ଏଫ.ଓ.) ରୂପେ ନାମିତ କରାଯାଇଛି।

**ବ୍ୟବସ୍ଥାର ବିକାଶ:** ପ୍ରଥମେ ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଦ୍ୱାରା ପ୍ରଭାବିତ ହୋଇ ଏଥିପାଇଁ ଅନୁପ୍ରାଣିତ ହୋଇଥିଲେ। ସେ ତମ୍ବାଧାତୁର ଆୟନ ସହିତ ଏକ ଜୈବିକ ୪ଟି ଗ୍ରୁପ ଥିବା 'ଲିଜେଣ୍ଡ' ଅଣୁ ଯୋଡି ଏହା ପ୍ରସ୍ତୁତ କରିଥିଲେ। ଏହାର ସଂରଚନା ହୀରା ସହିତ ମେଳ ଖାଉଥିଲା। ତେବେ ସେଥିରେ ଥିଲା



ସୁସୁମୁ କିଟାଗାୱା



ରିଚାର୍ଡ ରୋବସନ୍



ଓମାର ୟାଘି

ବଡ଼ ବଡ଼ ରନ୍ଧ୍ର। ତତ୍ପରେ ସେ ଏକ ପ୍ରକାର ଆହୁରି ଅନେକ ଆଣବିକ ସଂରଚନାମାନ ପ୍ରସ୍ତୁତ କଲେ ଏବଂ ତାହାକୁ ନେଇ ୧୯୮୯ ମସିହାରେ ନିବନ୍ଧଟିଏ ପ୍ରକାଶ କଲେ 'ଦ ଜର୍ନାଲ ଅଫ ଆମେରିକାନ୍ କେମିକାଲ ସୋସାଇଟି'। ତେବେ ତାଙ୍କର ଏହି ସଂରଚନାଗୁଡିକ ଭଙ୍ଗୁର ଥିଲା।

ତତ୍ପରେ କିଟାଗାୱା ୧୯୯୦ ଦଶକର ପ୍ରାରମ୍ଭରେ ଏହି ଶ୍ରେଣୀର ଆଣବିକ ସଂରଚନାମାନ ପ୍ରସ୍ତୁତ କରି ତାହା ଅଧ୍ୟୟନ କରିବାକୁ ଲାଗିଲେ। ତାଙ୍କୁ ଏଥିରେ ବଡ ଧରଣର ସଫଳତା ମିଳିଲା। ସେ ୧୯୯୭ ମସିହାରେ ପ୍ରସ୍ତୁତ କଲେ କୋବାଲଟ ନିକେଲ କିମ୍ବା ଦସ୍ତା ଆୟନ ଏବଂ ୪.୪-ବାଇପିରିଡିନ ଜୈବିକ ଲିଜେଣ୍ଡ' ବ୍ୟବହାର କରି ନାନାଦି ୩-ସ୍ତରୀୟ ଏଫ୍.ଏମ୍.ଓ.। ଏଗୁଡ଼ିକ ଅତ୍ୟନ୍ତ ସୁଦୃଢ଼ ଥିଲା ଏବଂ ୩୫୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ସହ୍ୟ କରିପାରୁଥିଲା। ପୁନଶ୍ଚ ତାହା ଆକାର ପରିବର୍ତ୍ତନ ନ କରି ପ୍ରତ୍ୟାବର୍ତ୍ତୀ ଭାବେ ମିଥେନ୍, ଯବକ୍ଷାରଜାନ ଏବଂ ଅମ୍ଳଜାନ ଆଦି ବାଷ୍ପ ଶୋଷଣ କରି ପାରୁଥିଲା। ଏହାର ପ୍ରସ୍ତୁତି ଏବଂ ବିନିଯୋଗ ସମ୍ପର୍କରେ ସେ ୧୯୯୮ ମସିହାରେ 'ଦ ବୁଲେଟିନ୍ ଅଫ ଦି କେମିକାଲ ସୋସାଇଟି ଅଫ ଜାପାନ' ପ୍ରକାଶ କଲେ।

ଇତିମଧ୍ୟରେ ୟାଘି ଏ କ୍ଷେତ୍ରରେ ଆଉ ଏକ ପାଦ ଅଗ୍ରସର ହେଲେ। ସେ ଏବଂ ତାଙ୍କର ସହଯୋଗୀମାନେ ଏକ ନୂତନ ଶ୍ରେଣୀର ଏମ୍.ଓ.ଏଫ. ତିଆରି କରିବାକୁ ଲାଗିଲେ। ଏଗୁଡିକ ଥିଲା ଅଧିକ ଚଉଡା ଏବଂ ଅତ୍ୟନ୍ତ ମଜଭୁତ, ଯାହାକି ୩୦୦ ଡିଗ୍ରୀ ସେଲସିୟସ ତାପମାତ୍ରା ସହ୍ୟ କରିପାରୁଥିଲା। ଏହାକୁ ନେଇ ସେ ୨୦୦୨ ଏବଂ ୨୦୦୩ ମସିହାରେ ଯଥାକ୍ରମେ 'ଦ ସାଇନ୍‌ସ' ଏବଂ 'ଦ ନେଚର' ପତ୍ରିକାରେ ଦୁଇଟି ଗବେଷଣା ପତ୍ର ପ୍ରକାଶ କରିଥିଲେ। ତହିଁରେ ସେ ସୂଚିତ କରିଥିଲେ ଯେ ଭିନ୍ନ ଭିନ୍ନ ମୂଳବସ୍ତୁ ବ୍ୟବହାର କରି ନାନାପ୍ରକାର ଏମ.ଓ.ଏଫ.ମାନ ପ୍ରସ୍ତୁତ କରିବା ସମ୍ଭବ। ପୁନଶ୍ଚ ଏହା ନାନାକ୍ଷେତ୍ରରେ ବ୍ୟବହାର ପାଇଁ ଉପଯୋଗୀ।

**ଏମ.ଓ.ଏଫ.କାହିଁକି ଗୁରୁତ୍ୱପୂର୍ଣ୍ଣ:** ପ୍ରଥମେ ୟାଘି ଏବଂ ତାଙ୍କର ସହ ଗବେଷକଗଣ ନିର୍ମାଣ କରିଥିବା ଏମ.ଓ. ଏଫ.ଗୁଡିକ କେବଳ ବାଛି ବାଛି ଜଳକଣା ଶୋଷଣ କରିପାରୁଥିଲେ। ଏଣୁ ମରୁ ଅଞ୍ଚଳରେ ବାୟୁରୁ ଜଳୀୟ ବାଷ୍ପ ଗ୍ରହଣ କରି ତାହାକୁ ଜଳରେ ପରିଣତ କରିବାକୁ ଏହା ନିୟୋଜିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଏଗୁଡିକର ବ୍ୟବହାର ଅତି ବ୍ୟାପକ ହେଲାଣି। ତାହା ଜଳରୁ ପ୍ରଦୂଷକ ଅଲଗା କରିବାଠାରୁ ଆରମ୍ଭ କରି ବିଭିନ୍ନ ବାଷ୍ପ ଶୋଷଣ ଓ ସଞ୍ଚୟ, ପରିସ୍ରବଣ, ବାୟୁମଣ୍ଡଳ ଓ କଳକାରଖାନାରୁ ନିର୍ଗତ ବାଷ୍ପରୁ ଅଙ୍ଗାରକାମ୍ଳ ଶୋଷଣ, ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନକ୍ଷେତ୍ର, ଫ୍ଲୋରେସେନ୍‌ସ ଭିତ୍ତିକ ଚିତ୍ରଗ୍ରହଣ ଆଦି କାର୍ଯ୍ୟରେ ନିୟୋଜନ କରାଯାଉଛି। ଏଣୁ ବିଭିନ୍ନ କମ୍ପାନୀମାନେ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଦେଲେଣି। ଉଦାହରଣସ୍ୱରୂପ, ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ଫଳ ଓ ପନିପରିବାକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବା ଲାଗି ଏହାର ଉପଯୋଗ କରୁଛି। ଏଥିରେ ସଞ୍ଚିତ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡିକୁ ସତେଜ ରଖୁଛି। ସେହିପରି ଆମେରିକାର 'ନୁମାର୍ଟ' ଏକ ପ୍ରକାର ଏମ.ଓ.ଏଫ. ତିଆରି କଲାଣି, ଯାହାକି ବିଭିନ୍ନ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପ ଶୋଷଣ କରିପାରୁଛି। (କ୍ରମଶଃ..)

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

## ଯକ୍ଷ୍ମା: କିଛି କଥା




ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ।। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ଫୁସଫୁସରେ ଏହି ରୋଗ ହୋଇଥାଏ। ସାଧାରଣତଃ ଜୀବାଣୁଗୁଡିକ ବାୟୁବାହିକ। ହେଲେ ଏହି ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନ୍‌ସର, ଏଚଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କ ଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ସମୟ ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଚିକିତ୍ସା ନ କଲେ ରୋଗୀ କଙ୍କାଳସାର ହୋଇଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ସୋସିଆଲ ମିଡିଆ



ଆଜିକାଲି ସୋସିଆଲ ମିଡିଆର ବ୍ୟବହାର କେତେ ବହୁଳ ହେଲାଣି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏଥିରୁ ଅନେକ କଥା ଜାଣିହୁଏ- ଏକଥା ସତ, ହେଲେ ସବୁବେଳେ ଏଥିରେ ନିମଗ୍ନ ରହିଲେ ତାହାର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବା ସହ ଏହା ଦ୍ୱାରା କାର୍ଯ୍ୟଦକ୍ଷତାରେ ତାରତମ୍ୟ ଦେଖିବାକୁ ମିଳିଥାଏ ବୋଲି ଜଣାପଡିଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତି ଯେଉଁମାନେ ପ୍ରାୟ ଅଧିକାଂଶ ସମୟ ସୋସିଆଲ ମିଡିଆ ସହ ଜଡିତ ରହୁଥିଲେ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା। ତେଣୁ ସୋସିଆଲ ମିଡିଆ ସହ ଆବଶ୍ୟକତାଠାରୁ ଅଧିକ ସମୟ ଜଡିତ ହେବା ଠିକ୍ ନୁହେଁ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।

## ସହଜରେ ନିୟନ୍ତ୍ରିତ ହେବ ଡିମେନସିଆ



ଡିମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ। ଏଥିରେ ଆକ୍ରାନ୍ତ ଥିବା ଲୋକମାନଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି ହେବା ସହ ଶାରୀରିକ, ମାନସିକ ଓ ବ୍ୟାବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ 'ଆମିନୋ ଏଲ୍‌ପି-୭' ପ୍ରସ୍ତୁତ ହୋଇଛି। ନିକଟରେ ଜାପାନସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ପ୍ରକାଶିତ ଏକ ନିବନ୍ଧରେ ଏହା ଉଲ୍ଲେଖ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିବା ବେଳେ 'ଆମିନୋ ଏଲ୍‌ପି-୭' ଏ କ୍ଷେତ୍ରରେ କେତେକାଂଶରେ ସହାୟକ ହେବ ବୋଲି ଜଣାପଡ଼ିଛି। ଆମିନୋ ଏସିଡ୍‌କୁ ନେଇ ପ୍ରୋଟିନ୍ ଗଠିତ ହୋଇଥିବା ବେଳେ ଶରୀରରେ ଯେତେବେଳେ ଏହାର ପରିମାଣ କମିଯାଏ, ସେତେବେଳେ କେତେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏହାର ପ୍ରଭାବ ମସ୍ତିଷ୍କ ଓ ସ୍ନାୟୁ ଉପରେ ଅନେକାଂଶରେ ପଡ଼ିଥାଏ। ତେଣୁ ଏହାକୁ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କ କାର୍ଯ୍ୟଧାରା ଠିକ୍ ଭାବରେ ଚାଲିବା ସହ ଜଣେ ଡିମନେସିଆରୁ କେତେକାଂଶରେ ଉପଶମ ଲାଭ କରିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଉପକାରୀ ଜୁସ୍


ତଟକା ଫଳମୂଳ ଆମ ଶରୀର ପାଇଁ ବେଶ୍ ଉପକାରୀ। ତା'ସହ ଏଥିରୁ ପ୍ରସ୍ତୁତ ଜୁସ୍‌ରେ ମଧ୍ୟ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ବିଶେଷଭାବରେ ଜୁସ୍‌ରେ ଭିଟାମିନ୍ 'ଏ', 'ସି' ଏବଂ 'ଇ' ବ୍ୟତୀତ ଫୋଲିକ୍ ଏସିଡ ଅଛି। ଏହାକୁ ନିୟମିତ ପିଇଲେ ତାହା ଶରୀରରୁ ଖରାପ କୋଲେଷ୍ଟରଲକୁ ବାହାର କରିଦେଇଥାଏ। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ବା ହାର୍ଟର କାର୍ଯ୍ୟଧାରାକୁ ସକ୍ରିୟ କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଜୁସ୍ ଉପରେ ଗବେଷଣା କରି ଏକ ନୂତନ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ଜୁସ୍ ପିଅନ୍ତି, ତେବେ ସେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କାରଣ ଏଥିରେ ଥିବା ତତ୍ତ୍ୱ ସୁସ୍ଥ କୋଷକୁ କ୍ୟାନସର ଭାଇରସ ଆକ୍ରମଣରୁ ଅନେକାଂଶରେ ସୁରକ୍ଷା ଦେଇଥାଏ। ଏଥିରୁ ଶରୀରକୁ ମଧ୍ୟ ଶକ୍ତି ମିଳିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଯେତେ ସମ୍ଭବ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। କାରଣ ରୋଗର ଲକ୍ଷଣକୁ ଭଲ ଭାବରେ ତର୍ଜମା କରି ସେଥିରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି।
- ପ୍ରତିଦିନ ସକାଳେ ଖାଲି ପେଟରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହା ଓଜନକୁ ନିୟନ୍ତ୍ରଣରେ ରଖିବାକୁ କେତେକାଂଶରେ ସାହାଯ୍ୟ କରିଥାଏ।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର କେତେକାଂଶରେ ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ।
- ସବୁବେଳେ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ତା' ସହ ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
- ଟେନ୍‌ସନ୍‌କୁ ନେଇ ଟେନ୍‌ସନ୍ ହେବା ପରିବର୍ତ୍ତେ ତାହାର କାରଣ ବାହାର କରି ସମାଧାନ କରନ୍ତୁ।
- ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ତେଲ-ମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଯେତେ ସମ୍ଭବ ନିଜକୁ ଖୁସିର ମାହୋଲରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଜଣେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବ।



# ଡାଇବେଟିସ୍‌ଜନିତ ପାଦ ଘା'



ଡା. ଯତୀନ କୁମାର ମାଝୀ

''ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍‌ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ଅବା ଏହାର ଚିକିତ୍ସା ବ୍ୟୟବହୁଳ, ବରଂ ଏହା ପ୍ରାଣଘାତୀ ମଧ୍ୟ। ତେଣୁ ଡାଇବେଟିସ୍ ରୋଗୀଙ୍କଠାରେ ପାଦ ଘା' ହେବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ସୁସ୍ଥ ଜୀବନ ଜିଇପାରିବେ।''

ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଉଛି ସୁଗାର ଏବଂ ଖାଦ୍ୟକୁ ନିୟନ୍ତ୍ରଣ କରିବା ଓ ନିୟମିତ ଔଷଧ ସେବନ କରିବା। ମାତ୍ର ଡାଇବେଟିସ୍‌ର ଏକ ଜଟିଳ ସମସ୍ୟା ହେଉଛି ଏହା ଜନିତ ପାଦ ଘା' ଯାହାର ପରିଣାମ ପ୍ରାଣଘାତୀ ହୋଇପାରେ। ଡାଇବେଟିସ୍ ପାଦ ଘା' ସାଧାରଣତଃ ଗୋଟିଏ ଛୋଟ ଖଣ୍ଡିଆ ବା ଫୋଟକାରୁ ଆରମ୍ଭ ହୋଇଥାଏ। ଯେହେତୁ ଅଧିକାଂଶ ଡାଇବେଟିସ୍ ରୋଗୀ ସ୍ନାୟୁ ବା ନର୍ଭ ଯନ୍ତ୍ରଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବେ ଅନୁଭବ କରିପାରନ୍ତି ନାହିଁ ଏବଂ ସେମାନଙ୍କ କ୍ଷେତ୍ରରେ ପ୍ରାୟତଃ ଗୋଡକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରି ନ ଥାଏ ବା କମ୍ ହୋଇଥାଏ, ତେଣୁ ଏହି ଛୋଟ ଖଣ୍ଡିଆ ବା ଫୋଟକା ମଧ୍ୟ ସହଜରେ ନ ଶୁଖି ଘା'ରେ ପରିଣତ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ଧୀରେ ଧୀରେ ସଂକ୍ରମିତ ହୋଇ ହାଡକୁ ପହଞ୍ଚିବା ସହ ବେଳେ ବେଳେ ଜଟିଳ ହୋଇ ପାଦ କାଟିବା ଭଳି ସ୍ଥିତି ମଧ୍ୟ ଉପୁଜିଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଆମ ଦେଶ ଭାରତକୁ ପୃଥିବୀର ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି। ଏଠାରେ ଥିବା ସମସ୍ତ ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପ୍ରତି ଚାରିଜଣରେ ଜଣଙ୍କଠାରେ ପାଦ ଘା' ଜନିତ ସମସ୍ୟା ଦେଖାଦେଇଥାଏ। ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍ ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ବରଂ ଏହାର ଚିକିତ୍ସା ଜନିତ ଖର୍ଚ୍ଚ ମଧ୍ୟ ବ୍ୟୟବହୁଳ। ଏମିତିକି ଏଥିପାଇଁ ବର୍ଷ ବର୍ଷର ସଞ୍ଚିତ ଆୟ ବି ଶେଷ ହୋଇଯାଇଥାଏ।

### ପ୍ରମୁଖ କାରଣ

ଭାରତୀୟମାନଙ୍କଠାରେ ଡାଇବେଟିସ୍ ଜନିତ ପାଦ ଘା' ସମସ୍ୟା ଅଧିକ ଦେଖାଦେବାର ମୁଖ୍ୟ କାରଣଗୁଡ଼ିକ ହେଉଛି-

- କେତେକ ସମୁଦାୟରେ ଏବେବି ପ୍ରଚଳିତ ଥିବା ଖାଲି ପାଦରେ ଚାଲିବା ପ୍ରଥା।
- ପାଦକୁ ଠିକ୍ ଭାବରେ ଫିଟ୍ ହେଉ ନ ଥିବା ବା ଟାଇଟ୍ ଜୋତା ପିନ୍ଧିବା।
- ଯଥା ସମୟରେ ଏହାର ଚିକିତ୍ସା ନ କରାଇବା, ବିଶେଷ ଭାବରେ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସାରେ ଅବହେଳା କରିବା।
- ଅନିୟନ୍ତ୍ରିତ ବ୍ଲଡ୍ ସୁଗାର।

### ନିୟନ୍ତ୍ରଣର ଉପାୟ

ଡାଇବେଟିସ୍‌ଜନିତ ପାଦ ଘା' ଏବଂ ଏହାର ଜଟିଳତାକୁ ରୋକିବା ପାଇଁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ଏହାକୁ ନିୟନ୍ତ୍ରଣ କରାଯାଇପାରେ। ସେହି ପଦକ୍ଷେପଗୁଡିକ ହେଲା:

- ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିଦିନ ନିଜେ ପାଦକୁ ଯାଞ୍ଚ କରିବା ଦରକାର।
- ଖାଲି ପାଦରେ ଚାଲିବା ଅନୁଚିତ।
- ଠିକ୍ ଫିଟ୍ ହେଉଥିବା ଏବଂ କମ୍ଫର୍ଟେବଲ୍ ଜୋତା ପିନ୍ଧିବା।
- ପ୍ରତିଦିନ ଗୋଡ଼କୁ ଭଲ ଭାବେ ଧୁଅନ୍ତୁ, ବିଶେଷ କରି ଆଙ୍ଗୁଠି ସନ୍ଧିଗୁଡ଼ିକୁ ଭଲ ଭାବେ ଧୋଇ ସଫା କରନ୍ତୁ ଏବଂ ଭଲ ଭାବେ ପୋଛନ୍ତୁ।
- ଶୁଖିଲା ପାଦରେ ପ୍ରତିଦିନ ନଡ଼ିଆ ତେଲ କିମ୍ବା ମଶ୍ଚରାଇଜର୍ ଲଗାନ୍ତୁ।
- ନଖ କାଟନ୍ତୁ ଏବଂ ଏହାକୁ ପରିଷ୍କାର ରଖନ୍ତୁ।
- ପାଦରେ ଘା' ନ ଥିଲେ ବି ଡାଇବେଟିସ୍ ରୋଗୀ ବର୍ଷରେ ଥରେ ଡାକ୍ତରଙ୍କ ନିକଟରେ ପାଦ ପରୀକ୍ଷା କରାଇନେବା ଭଲ।
- ଯଦି ପାଦରେ ଘା' ହୁଏ ଏବଂ ଏହା ଶୁଖିବାରେ ବିଳମ୍ବ ହୁଏ, ସେଥିରୁ ଦୁର୍ଗନ୍ଧ କିମ୍ବା ପୂଜ ବାହାରେ ତେବେ ମନଇଚ୍ଛା ଔଷଧ ନ ଲଗାଇ ଅବା ଆଦୌ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଏହା ଶୀଘ୍ର ଠିକ୍ ହୋଇପାରେ।



ଡାଇବେଟିସ୍‌ଜନିତ ପାଦ ଘା' ପ୍ରତିରୋଧ କେବଳ ରୋଗୀଙ୍କ ଦାୟିତ୍ୱ ନୁହେଁ। ତେଣୁ ଏଥିପାଇଁ ଡାକ୍ତର, ନର୍ସ, କମ୍ୟୁନିଟି ହେଲ୍‌ଥ କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଆବଶ୍ୟକ। ଯଦିଓ ଭାରତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ଏ ଦିଗରେ ସତର୍କ କରାଯାଇ ହଜାର ହଜାର ଲୋକଙ୍କ ପାଦ କାଟିବାରୁ ରକ୍ଷା କରାଯାଇପାରୁଛି। ତଥାପି ପରିତାପର ବିଷୟ ଯେ, ଏବେ ବି ପ୍ରତି ୩୦ ସେକେଣ୍ଡରେ ଗୋଟିଏ ପାଦ ଡାଇବେଟିସ୍ ଯୋଗୁ କଟାଯାଉଛି। ତେଣୁ ଏହି ସମସ୍ୟାକୁ ଏକ ଜରୁରିକାଳୀନ ସ୍ଥିତି ଭାବେ ଧରାଯିବା ଆବଶ୍ୟକ। ଡାଇବେଟିସ୍ ରୋଗୀ ନିଜ ପାଦର ଯତ୍ନ ନେବା ସହ ଘା'ର ଲକ୍ଷଣ ଦେଖିବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଏହି ସମସ୍ୟାରୁ ଦୂରେଇ ରହିବା ସହିତ ଏକ ସୁସ୍ଥ ଜୀବନ ଜିଇପାରିବେ।

-ଡାଇବେଟୋଲୋଜିଷ୍ଟ ଆଣ୍ଡ
ଏଣ୍ଡୋକ୍ରାଇନୋଲୋଜିଷ୍ଟ, ଭୁବନେଶ୍ୱର
ମୋ: ୯୪୩୮୩୭୦୬୩୯

# ରଣ୍‌ଜୀ ଟ୍ରଫି ; ଉତ୍ତର ପ୍ରଦେଶ ଅଗ୍ରଣୀ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶାର ବ୍ୟାଟିଂ ଓ ବୋଲିଂ ପ୍ରଭାବହୀନ ରହିଛି। ସମାନ କାରଣରୁ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ପ୍ରଥମ ମ୍ୟାଚରେ ପରାଜୟ ବରଣ କରିଥିବା ଓଡ଼ିଶା କାନ୍‌ପୁରରେ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଉତ୍ତର ପ୍ରଦେଶଠାରୁ ପ୍ରଥମ ଇନିଂସରେ ପଛୁଆ ହୋଇଯାଇଛି। ଓଡ଼ିଶା ପ୍ରଥମ ଇନିଂସରେ ୨୪୩ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରି ନେଇଛି। ଆରାଧ୍ୟ ଯାଦବ ଓ ଅଧିନାୟକ କରନ ଶର୍ମା ଅସମାପ୍ତ ୪ର୍ଥ ଉଇକେଟରେ ୧୪୬ ରନ ଯୋଗକରି ଉତ୍ତର ପ୍ରଦେଶକୁ ଅଗ୍ରଣୀ କରାଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୭/୦ରୁ ଖେଳ ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ୪୫ ରନରେ ୨ଟି ଏବଂ ୧୧୬ ରନରେ ତୃତୀୟ ଉଇକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ଓ ମାଧବ କୌଶିକ ୬୭ ରନ କରିଥିବାବେଳେ ଆର୍ଯ୍ୟନ ଜୁୟାଲ ଖାତା ଖୋଲିପାରି ନ ଥିଲେ। ମାତ୍ର କରନ ଓ ଆରାଧ୍ୟ ସତର୍କତାର ସହ ବ୍ୟାଟିଂ କରି ଉତ୍ତର ପ୍ରଦେଶକୁ ଆଉ କ୍ଷତି ହେବାକୁ ଦେଇ ନ ଥିଲେ। ଶତକୀୟ ଭାଗୀଦାରି ଗଢ଼ି ସାରିଥିବା କରନ ୮୩ ଓ ଆରାଧ୍ୟ ୮୦ ରନରେ ଅପରାଜିତ ରହି ଦଳକୁ ବଡ଼ ଅଗ୍ରଣୀ ଆଡ଼କୁ ନେଇ ଯାଇଛନ୍ତି। ଓଡ଼ିଶା ପକ୍ଷରୁ ୩ଟି ଯାକ ଉଇକେଟ ଡାହାଣହାତୀ ମିଡିୟମ ପେସ୍ ବୋଲର ସମ୍ବିତ ବରାଳ ହାସଲ କରିଛନ୍ତି। ସୋମବାର ତୃତୀୟ ଦିବସ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ବୋଲରମାନେ ଉତ୍ତର ପ୍ରଦେଶର ପ୍ରଥମ ଇନିଂସ ଶୀଘ୍ର ଶେଷ ନ କଲେ ଓଡ଼ିଶାକୁ ଯେ ପ୍ରଥମ ମ୍ୟାଚ ପରି ଆଉ ଏକ ବିପଦର ସମ୍ମୁଖୀନ ହେବାକୁ ନ ପଡ଼ିବ ତାହା କହି ହେବନାହିଁ।



ସମ୍ବିତ ବରାଳ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୨୬୨/୩ (କରନ ଶର୍ମା- ୮୩*, ଆରାଧ୍ୟ ଯାଦବ- ୮୦*, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୩୫)।

## ଭାରତୀୟ ରଗ୍‌ବୀ ଦଳ ସେମିଫାଇନାଲରେ

**ମସ୍କଟ, ୨୬।୧୦ (ପି.ଟି.)**

ଭାରତର ପୁରୁଷ ରଗ୍‌ବୀ ଦଳ ଏଠାରେ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ୧୪-୧୦ରେ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ୨୬-୫ରେ ବିଜୟ ହାସଲ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ୨୧-୭ରେ ଇରାନକୁ ହରାଇ ଦେଇଥିଲା। ଭାରତ ଏହାର ସମସ୍ତ ତିନୋଟି ମ୍ୟାଚରେ ବିଜୟ ହାସଲ କରିବା ପରେ ବର୍ତ୍ତମାନ ସେମିଫାଇନାଲରେ ସୋମବାର ସାଉଦି ଆରବକୁ ଭେଟିବାକୁ ଯାଉଛି। ଏଥିରେ ବିଜୟ ହାସଲ କରିବା ଦ୍ୱାରା ଭାରତ କେବଳ ଫାଇନାଲରେ ପ୍ରବେଶ କରିବ ତାହା ନୁହେଁ ବରଂ ଡିଭିଜନ-୧ ଦି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ ପାଇଁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିବ।

# ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ



ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍‌ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସହ ସାଇକ୍ଲିଷ୍ଟମାନେ।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଖେଲୋ ଇଣ୍ଡିଆ ଅସ୍ମିତା ସାଇକ୍ଲିଂ ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାରୀ ସଶକ୍ତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ପ୍ରତି ଜିଲା ଓ ସଦର ମହକୁମାରେ ହେବାପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ତାହା କଟକରେ ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗିତାରେ ୧୫୦ ମହିଳା ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ କୁମାର ରାଉତ, କୋଷାଧ୍ୟକ୍ଷ ସୁଜିତ ରାଉତ, ସାଇକ୍ଲିଷ୍ଟ ଦିଲୀପ କୁମାର ନାଟିଆ ଏବଂ ସ୍କୁଲଗୁଡ଼ିକର ଶାରୀରିକ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ସାଇକ୍ଲିଂର ଏହି କାର୍ଯ୍ୟକ୍ରମ ଇନ୍‌ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ଚଣ୍ଡୀ ଛକ, ବକ୍ସି ବଜାର, ମଣିସାହୁ ଛକ, କ୍ୟାଣ୍ଟନମେଣ୍ଟ ରୋଡ ଦେଇ ପୁନର୍ବାର ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା।

# ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମ୍ପର୍କରେ ଆଲୋଚନା




ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ରବିବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଅନ୍ୟ ଅନୁବନ୍ଧିତ ୟୁନିଟଗୁଡ଼ିକର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ବୈଠକରେ ଓଡ଼ିଶାରେ କ୍ରିକେଟର ବିକାଶ ଏବଂ ଆସନ୍ତା ଡିସେମ୍ବର ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ଆଦି କେତେକ ବିଷୟ ଉପରେ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷଙ୍କ ପକ୍ଷରୁ ଆଗତ ବାର୍ଷିକ ଆର୍ଥିକ ରିପୋର୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

# ଭାରତ-ବାଂଲାଦେଶ ପଏଣ୍ଟ ବାଣ୍ଟିଲେ

**ନଭି ମୁମ୍ବାଇ, ୨୬।୧୦**

ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ରବିବାର ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉଭୟ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ଏଥିଯୋଗୁ ଭାରତ ୭ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ଚତୁର୍ଥ ଓ ବାଂଲାଦେଶ ଗୋଟିଏ ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଆରମ୍ଭରୁ ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୨୭ ଓଭରରେ ସୀମିତ ରଖାଯାଇଥିଲା। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ବାଂଲାଦେଶ ଧାର୍ଯ୍ୟ ୨୭ ଓଭରରେ ୯ ଉଇକେଟ ହରାଇ ୧୧୯ ରନ କରିଥିଲା। ଶର୍ମିନ ଅଖତର ୩୬ (୪ ଚୌକା) ଓ ସୋଭନା ମୋଷ୍ଟାରୀ ୨୬ (୪ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରିନଥିଲେ। ବୋଲିଂରେ ରାଧା ଯାଦବ ୩ ଓ ଶ୍ରୀ ଚରନୀ ୨ ଉଇକେଟ ନେଇଥିଲେ। ଡିଏଲ୍ଏସ୍ ମେଥଡରେ ଭାରତ ଆଗରେ ୨୭ ଓଭରରେ ୧୨୬ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଫିଲ୍ଡିଂ ବେଳେ ପ୍ରତିକା ରାୱଲଙ୍କ ଆଣ୍ଠୁଲରେ ଆଘାତ ଲାଗିଥିବାରୁ ତାଙ୍କ ବଦଳରେ ଅମନଜୋତ, ସ୍ମୃତି ମନ୍ଧାନାଙ୍କ ସହ ଓପନିଂ କରିଥିଲେ। ଦୁହେଁ ୮.୪ ଓଭରରେ ୫୭ ରନ ଯୋଡ଼ିଥିଲେ। ଏହାପରେ ପୁଣି ବର୍ଷା ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିଲ ବେଳକୁ ମନ୍ଧାନା ୩୪ ଓ ଅମନଜୋତ ୧୫ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୨୭ ଓଭରରେ ୧୧୯/୯(ଶର୍ମିନ ଅଖତର-୩୬, ସୋଭନା ମୋଷ୍ଟାରୀ-୨୬, ରାଧା ଯାଦବ-୩/୩୦, ଶ୍ରୀ ଚରନୀ-୨/୨୩)। ଭାରତ: ୮.୪ ଓଭରରେ ୫୭/୦ (ସ୍ମୃତି ମନ୍ଧାନା-୩୪*, ଅମନଜୋତ କୌର-୧୫*)।

# ରାଜ୍ୟ ଭାରୋତ୍ତୋଳନ ୨୮ରୁ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଚଳିତ ମାସ ୨୮ରୁ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବିଭାଗର ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ରାଜ୍ୟର ୨୦ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୫୦ କୋଚ୍, ମ୍ୟାନେଜର ଉପସ୍ଥିତ ରହିବା ସହ ୪୦ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତାକୁ ପରିଚାଳନା କରିବେ। ଏଥିରୁ ଆସନ୍ତା ଜାତୀୟ ପ୍ରତିଯୋଗିତା ପାଇଁ ଭାରୋତ୍ତୋଳକ ଚୟନ କରାଯିବ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।








For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar:** 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:**-REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni**-D B enterprises-9078919100,**Khordha**-Maharana enterprises-7978018288,Kitchen Plaza-9337756820,**Balipatna**- Tarini Aluminum Stores-9438568797, **CUTTACK**- Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar**-Prince Electronics-986110122, **Salepur**- Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:**-Krishna Enterprise, **Kujanga**-Satpathy Enterprises-9437088525,**ROURKELA:**- Prestige-7064584070.Kitchen Accessories-7008058146 , **Sundergarh**-Laxmi Steel-8895443777 , **Sambalpur**-Samuka Steel Center-9437331074,Rathi Steel -9040448466, **Bhadrak**-Sako Sales-9777988814,Radhika Furniture-9437991876, **Baripada**-Aerovision-9861828643 , **Angul**-Saralia Trading-9439471222, M.K Enterprises- 9776667882 **Nayagarh**-Ganapati Home Appliances-9583281930,**Balasore**-United Sales Agency-9583519516,**Pattamundei**-Nalini & Sons-9938175761 , **Pallahara** -Kanha Enterprises-9437334629 ,



1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ